# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 30/2025 | Page 16 | ₹ 7.00 | RAYAGADA

୫୨ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 7 | ମୂଲ୍ୟ ₹୭/-






CUTTACK OFFICE ADDRESS - 11-3B/1326 CDA SECTOR 11, CUTTACK, ODISHA-753014

BHUBANESWAR ADDRESS : PLOT NO – 2175/2858 & 2175/3766, 4TH FLOOR, LEWIS ROAD, SAMANTARAPUR, BHUBANESWAR ODISHA-751002

The project is registered as "DION Riverside Township" with the Odisha Real Estate Regulatory Authority under Registration No. MP/7/2025/01349, available at https://www.rera.odisha.gov.in/. "Riverside Township" refers to the integrated township development comprising residential units, commercial zones, educationalinstitutions, healthcare facilities, and recreational spaces. images used here are for representation purpose only

# ବାତ୍ୟା ଡିଟ୍ୱା: ୧୩୨ ମୃତ, ୧୭୬ ନିଖୋଜ



କଲମ୍ବୋ ନିକଟ ୱେଲାମ୍ପିଟିୟାରେ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରାଯାଉଛି।

କଲମ୍ବୋ,୨୯।୧୧

## ଜରୁରୀ ସ୍ଥିତି ଘୋଷଣା କଲା ଶ୍ରୀଲଙ୍କା

ବାତ୍ୟା ଡିଟ୍ୱାଜନିତ ପ୍ରବଳ ବର୍ଷାରେ ଶ୍ରୀଲଙ୍କାରେ ବନ୍ୟା ଏବଂ ଭୂସ୍ଖଳନ ଘଟି ଶନିବାର ମୃତ୍ୟୁସଂଖ୍ୟା ୧୩୨ରେ ପହଞ୍ଚିଥିବାବେଳେ ୧୭୬ ଜଣ ନିଖୋଜ ଅଛନ୍ତି। ୧୫,୦୦୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ୭୮,୦୦୦ ଲୋକ ସରକାରୀ ଆଶ୍ରୟ ସ୍ଥଳରେ ରହିଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶ୍ରୀଲଙ୍କା ସରକାର ଜରୁରୀ ସ୍ଥିତି ଘୋଷଣା କରିବା ସହ ଅନ୍ତର୍ଜାତୀୟ ସହାୟତା ଲୋଡ଼ିଛନ୍ତି।

ଶ୍ରୀଲଙ୍କାରେ ସପ୍ତାହେ ହେଲା ବର୍ଷା ଲାଗିରହିଥିବାବେଳେ ବିପର୍ଯ୍ୟୟ ସୃଷ୍ଟି କରିଛି। ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଦେଶରେ ଜରୁରୀ ଆଇନ ଲାଗୁ କରିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନାର ୩ ବାହିନୀକୁ ନିୟୋଜିତ କରାଯାଇଛି। ବାତ୍ୟା ଭାରତ ଆଡ଼େ ଅଗ୍ରସର ହେଉଥିବାବେଳେ କଲମ୍ବୋର ପୂର୍ବରେ ଥିବା କାଣ୍ଡି ଜିଲାରେ ଶନିବାର ପୁନର୍ବାର ଭୂସ୍ଖଳନ ଘଟି ମୁଖ୍ୟ ରାସ୍ତାର ଅନେକ ଭାଗ ଜଳାର୍ଣ୍ଣବ ହୋଇଯାଇଛି। ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସଙ୍ଗିନ୍ ରହିଛି। କେଲାନି ନଦୀକୂଳର ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବାତ୍ୟାରେ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ବିଦେଶରେ ଥିବା ଶ୍ରୀଲଙ୍କା ନାଗରିକ ସହାୟତା ପଠାଇବା ପାଇଁ ସରକାର ନିବେଦନ କରିଛନ୍ତି।

ଶ୍ରୀଲଙ୍କାର ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସହାୟତା ପାଇଁ ଭାରତୀୟ ବାୟୁସେନା ଶନିବାର ୨୧ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି। ଏଥିସହିତ ଉଦ୍ଧାର କାର୍ଯ୍ୟରେ ସହାୟତା ନିମନ୍ତେ ଭାରତ ୮୦ ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଏବଂ ୮ ଟନ୍ ଉପକରଣ ପଠାଇଥିବା ଜଣାପଡ଼ିଛି। ଶ୍ରୀଲଙ୍କାରେ ବିପର୍ଯ୍ୟୟ ଖବର ପାଇବା ପରେ ଭାରତ ତୁରନ୍ତ ଅପରେଶନ ସାଗରବିନ୍ଦୁ ଜରିଆରେ ସହାୟତା ପଠାଇଥିଲା ବୋଲି ବାୟୁସେନା କହିଛି। ଭାରତୀୟ ବାୟୁସେନାର ଗୋଟିଏ ସି-୧୩୦ ଏବଂ ଗୋଟିଏ ଆଇଏଲ୍-୭୬ ବିମାନକୁ ରିଲିଫ୍ ପଠାଇବା କାର୍ଯ୍ୟରେ ନିୟୋଜିତ କରାଯାଇଛି।

## ତାମିଲନାଡୁରେ ୫୪ ବିମାନ ବାତିଲ, ସ୍କୁଲ ବନ୍ଦ

ଚେନ୍ନାଇ,୨୯।୧୧

ବାତ୍ୟା ଡିଟ୍ୱା ଶ୍ରୀଲଙ୍କା ଉପକୂଳ ଅତିକ୍ରମ କରୁଥିବାବେଳେ ଉତ୍ତର ତାମିଲନାଡୁ ଏବଂ ପଣ୍ଡିଚେରୀ ଉପକୂଳ ଦିଗରେ ଅଗ୍ରସର ହେଉଛି। ଏହାର ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଜାରି ରହିଛି। ବାତ୍ୟା ମୁକାବିଲା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ଦିଗରେ ପ୍ରସ୍ତୁତି ଜାରି ରଖିଛନ୍ତି। ଅନବରତ ବର୍ଷା ଲାଗିରହିଥିବାରୁ ଚେନ୍ନାଇ ଏୟାରପୋର୍ଟ ୫୪ଟି ବିମାନକୁ ବାତିଲ କରିଦେଇଛି। ତାମିଲନାଡୁର ପ୍ରଭାବିତ ଜିଲାରେ ଶନିବାର ସ୍କୁଲ, କଲେଜଗୁଡ଼ିକୁ ଛୁଟି କରିଦିଆଯାଇଛି। ରବିବାର ସକାଳ ସୁଦ୍ଧା ବାତ୍ୟା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉପକୂଳରେ ଶନିବାର ପବନର ବେଗ ୫୦ରୁ ୬୦ କି.ମି. ଥିବାବେଳେ ବେଳେବେଳେ ଏହା ୭୦ କି.ମିରେ ପହଞ୍ଚୁଛି। ବାତ୍ୟା ଅଗ୍ରସର ହେବା ସହ ପବନର ବେଗ ୯୦ କି.ମି. ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା କରାଯାଉଛି।

# ଏୟାରବସ୍ ଏ୩୨୦ରେ ସମସ୍ୟା: ଭାରତରେ ୩୩୮ ବିମାନ ଉଡ଼ାଣ ପ୍ରଭାବିତ

ନୂଆଦିଲ୍ଲୀ,୨୯।୧୧

ଅତ୍ୟଧିକ ସୌର ବିକିରଣ ଯୋଗୁ ଏୟାରବସ୍ ଏ୩୨୦ ବିମାନଗୁଡ଼ିକରେ ସଫ୍ଟୱେର ସମସ୍ୟା ଦେଖାଦେଇଛି। ସେଗୁଡ଼ିକର ସମାଧାନ ପାଇଁ ବିଶ୍ୱବ୍ୟାପୀ ପ୍ରାୟ ୬,୦୦୦ ବିମାନ ଉଡ଼ାଣ ବନ୍ଦ ରହିଛି। ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ବନ୍ଦ ରହିବ। ଏହି ସମସ୍ୟା ଯୋଗୁ ସଫ୍ଟୱେର ଭର୍ସନ ଏଲ୍‌୧୦୪ ଥିବା ଏଲିଭେଟର ଏଇଲେରନ୍ କମ୍ପ୍ୟୁଟର (ଇଏଲ୍‌ଏସି ବି) ପ୍ରଭାବିତ ହୋଇଛି। ଉକ୍ତ ବ୍ୟବସ୍ଥା ଉଚ୍ଚତା ଆକଳନ କରିବା ସହ ଉଡ଼ାଣକୁ ନିୟନ୍ତ୍ରଣ କରିଥାଏ। ସୌରଝଡ଼ ବେଳେ ଅଧିକ ଉଚ୍ଚରେ ଉଡୁଥିବା ବିମାନରେ ଡେଟାରେ ତ୍ରୁଟି ସମ୍ଭାବନା ଦେଖାଦେଇଥାଏ।



ଉପରୋକ୍ତ ସମସ୍ୟା ଯୋଗୁ ଭାରତରେ ଏ୩୨୦ କମ୍ପାନୀର ୩୩୮ଟି ବିମାନରେ ସମସ୍ୟା ଦେଖାଦେଇଛି। ସେଥିରୁ ୫୫ ପ୍ରତିଶତ ବିମାନର ଫ୍ଲାଇଟ୍ କଣ୍ଟ୍ରୋଲ ସଫ୍ଟୱେର ଅପ୍‌ଡେଟ୍ କରାଯାଉଛି। ଫଳରେ ବିଭିନ୍ନ ଏୟାରଲାଇନ୍ସର ବିମାନ ଉଡ଼ାଣ ୬୦ରୁ ୯୦ ମିନିଟ୍ ବିଳମ୍ବିତ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି।

## ବିଶ୍ୱବ୍ୟାପୀ ୬,୦୦୦ ବିମାନ ଉଡ଼ାଣ ବନ୍ଦ

ଅତ୍ୟଧିକ ସୌର ବିକିରଣ ଯୋଗୁ ଫ୍ଲାଇଟ୍ କଣ୍ଟ୍ରୋଲର ଗୁରୁତ୍ୱପୂର୍ଣ୍ଣ ଡେଟାରେ ସମସ୍ୟା ସୃଷ୍ଟିହୋଇଥିଲା। ସଫ୍ଟୱେରରେ ପରିବର୍ତ୍ତନ ଆବଶ୍ୟକ ହେଉଥିବାରୁ ଏଥିପାଇଁ ବିମାନ ଉଡ଼ାଣ ପ୍ରଭାବିତ ହେବ ବୋଲି ଶୁକ୍ରବାର ଏୟାରବସ୍ ପକ୍ଷରୁ କୁହାଯାଇଥିଲା। ଭାରତୀୟ ଏୟାରଲାଇନ୍ସର ପ୍ରଭାବିତ ୩୩୮ଟି ଏୟାରବସ୍ ଏ୩୨୦ ବିମାନ ମଧ୍ୟରୁ ଶନିବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୧୮୯ଟିର ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟରୁ ଜଣାପଡ଼ିଛି। ରବିବାର ସକାଳ ସୁଦ୍ଧା ଅନ୍ୟ ବିମାନଗୁଡ଼ିକର ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଯିବ ବୋଲି କୁହାଯାଇଛି।

## ଏକାଠି ହେଲେ ସିଦ୍ଧାରାମାୟା, ଶିବକୁମାର

ବେଙ୍ଗାଲୁରୁ,୨୯।୧୧

କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱକୁ ନେଇ କିଛିଦିନ ହେଲା ଟଣାଓଟରା ଲାଗିରହିଥିବାବେଳେ ଏବେ ସେମାନେ ଏକ ନୂଆ ସୂତ୍ର ସହ ଏକାଠି ହୋଇଛନ୍ତି। ଦିଲ୍ଲୀ କଂଗ୍ରେସ ନେତୃତ୍ୱ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଶନିବାର ସକାଳେ ଉଭୟ ନେତା ପ୍ରାତଃଭୋଜନ ପାଇଁ ଏକାଠି ହୋଇଥିବାବେଳେ ପୂର୍ବ ବିବାଦକୁ ଭୁଲିଯିବାକୁ ନିଷ୍ପତ୍ତି ନେଇଥିବାର ସୂଚନା ଦେଇଛନ୍ତି। ୨ ନେତାଙ୍କ ମଧ୍ୟରେ ବିବାଦରୁ ନଜର ହଟାଇବା ପାଇଁ ଏଭଳି ବୈଠକର ଆୟୋଜନ କରାଯାଇଥିବା ରାଜନୀତି ସମୀକ୍ଷକମାନେ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଶିବକୁମାର ନେତୃତ୍ୱ ନେଇପାରନ୍ତି ବୋଲି କୁହାଯାଉଛି। ଏପରିକି ଆସନ୍ତାବର୍ଷ ମାର୍ଚ୍ଚ-ଏପ୍ରିଲ ସୁଦ୍ଧା ନେତୃତ୍ୱ ପରିବର୍ତ୍ତନ ହୋଇପାରେ ବୋଲି କେତେଜଣ କହିଛନ୍ତି। ସେପର୍ଯ୍ୟନ୍ତ ଶିବକୁମାରଙ୍କୁ ନୀରବ ରହିବାକୁ କୁହାଯାଇଛି।

# ଇମ୍ରାନ୍ ବଞ୍ଚିଥିବାର ପ୍ରମାଣ ଦିଅ

ଲାହୋର,୨୯।୧୧(ପି.ଟି.)

ଜେଲରେ ରହିଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବଞ୍ଚିଥିବା ନେଇ ପ୍ରମାଣ ଦେବାକୁ ତାଙ୍କ ପୁଅ କାସିମ୍ ଖାନ୍ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନ ସରକାରଙ୍କ ନିକଟରେ ଦାବି କରିଛନ୍ତି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କୁ ଦେଖାକରିବା ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ ଛଡ଼ାଯାଉ ନାହିଁ। ମାସେ ହେଲା ଇମ୍ରାନ୍‌ଙ୍କ ଓକିଲ ଏବଂ ଦଳୀୟ କର୍ମୀଙ୍କୁ ମଧ୍ୟ ଜେଲ ଭିତରକୁ ଯିବା ପାଇଁ ଅନୁମତି ମିଳୁନାହିଁ। ତେଣୁ ଇମ୍ରାନଙ୍କୁ ଜେଲ ଭିତରେ ମାରିଦିଆଯାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଭିନ୍ନ ମାମଲାରେ ସମ୍ପୃକ୍ତି ନେଇ ଇମ୍ରାନଙ୍କୁ ୨୦୨୩ ଅଗଷ୍ଟରୁ ଗିରଫ କରାଯାଇ ରାୱଲପିଣ୍ଡିର ଆଡିଆଲା ଜେଲରେ ରଖାଯାଇଛି। ଇମ୍ରାନ୍‌ଙ୍କୁ ଦେଖା କରିବା ନିମନ୍ତେ ପରିବାର ସଦସ୍ୟଙ୍କୁ ଅନୁମତି ଦେବା ଦାବିରେ ତାଙ୍କର ୩ ଭଉଣୀଙ୍କ ସମେତ ପାକିସ୍ତାନ ତେହରିକ-ଇ-ଇନ୍‌ସାଫ କର୍ମୀ ଏବଂ ଖାଇବର ପାଖ୍‌ତୁନ୍‌ଖ୍ୱା ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ଆଡିଆଲା ଜେଲ୍ ବାହାରେ କିଛିଦିନ ହେଲା ଧାରଣାରେ ବସିଛନ୍ତି। କାସିମ୍ କହିଛନ୍ତି, ବାପାଙ୍କୁ ୬ ସପ୍ତାହ ହେଲା ତାଙ୍କୁ ଡେଥ୍ ସେଲ୍‌ରେ ଏକାନ୍ତ କାରାବାସରେ ରଖାଯାଇଛି।

### ପାକ୍ ସରକାରଙ୍କ ପାଖରେ ପୁଅ କାସିମ୍‌ଙ୍କ ଦାବି

# ବାହାହେଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ମେଲ୍‌ବର୍ନ,୨୯।୧୧

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍ ଶନିବାର ତାଙ୍କ ପାର୍ଟନର ଜୋଡି ହେଡନଙ୍କୁ ବିବାହ କରିଛନ୍ତି। ରାଜଧାନୀ କାନ୍‌ବେରାସ୍ଥିତ ଆଲବାନିସ୍‌ଙ୍କ ସରକାରୀ ବାସଭବନରେ ଏକ ଗୁପ୍ତ ତଥା ଅନ୍ତରଙ୍ଗ ସମାରୋହ ମଧ୍ୟରେ ବିବାହ ସମ୍ପନ୍ନ ହୋଇଛି। ଅଷ୍ଟ୍ରେଲିଆ ସଂଘୀୟ ସରକାରର ୧୨୪ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ କ୍ଷମତାରେ ଥାଇ ବିବାହ କରିଛନ୍ତି। ବିବାହ ଉତ୍ସବରେ ଓସ୍କାର ବିଜୟୀ ଅଭିନେତା ରସେଲ କ୍ରୋ, କ୍ୟାବିନେଟ ମନ୍ତ୍ରୀବୃନ୍ଦଙ୍କ ସମେତ ପ୍ରାୟ ୬୦ ଜଣ ଅତିଥି ଯୋଗ ଦେଇଥିଲେ। ୬୨ ବର୍ଷୀୟ ଆଲବାନିସ୍ ୨୦୦୦ରେ କାର୍ମେଲ ଟେବୁଟ୍‌ଙ୍କୁ ବିବାହ କରିଥିବାବେଳେ ୨୦୧୯ରେ ସେମାନଙ୍କର ଛାଡ଼ପତ୍ର ହୋଇଥିଲା। ଗତବର୍ଷ ଭାଲେଣ୍ଟାଇନ୍ ଡେ'ରେ ଆଲବାନିସ୍ ୪୬ ବର୍ଷୀୟ ହେଡନଙ୍କୁ ପ୍ରପୋଜ୍ କରିଥିଲେ।



ବିବାହ ପରେ ସ୍ତ୍ରୀ ଜୋଡି ହେଡନଙ୍କ ସହ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍।

## ମଣିପୁର ହିଂସା ବିସ୍ଥାପିତଙ୍କ ସହ ସୁରକ୍ଷା ବଳର ସଂଘର୍ଷ

ଇମ୍ଫାଲ,୨୯।୧୧

ମଣିପୁର ହିଂସା ବିସ୍ଥାପିତ ଲୋକ ସେମାନଙ୍କ ଘରକୁ ଫେରିବାକୁ ଚାହୁଁଥିବାବେଳେ ଶନିବାର ଇମ୍ଫାଲ ଇଷ୍ଟ ଜିଲାରେ ସୁରକ୍ଷାବଳ ସହ ସେମାନଙ୍କର ସଂଘର୍ଷ ହୋଇଛି। ୨୦୨୩ ମେ'ରେ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହେବାରୁ ଲୋକେ ଘରଦ୍ୱାର ଛାଡ଼ି ବିଭିନ୍ନ ରିଲିଫ୍ କ୍ୟାମ୍ପରେ ରହିଥିଲେ। ସେମାନେ ଶନିବାର ଫେରୁଥିବାବେଳେ ୟାଇଙ୍ଗାଙ୍ଗ୍‌ପୋକ୍‌ପିଠାରେ ସୁରକ୍ଷାବଳ ସେମାନଙ୍କୁ ଅଟକାଇଥିଲା। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରିଥିବା ସରକାର କହୁଛନ୍ତି। ତେବେ ଆମକୁ ଘରକୁ ଫେରିବା ପାଇଁ ଅନୁମତି ମିଳୁନାହିଁ କାହିଁକି ବୋଲି ଏସ୍. ଇବେମ୍‌ଚା ଦେବୀ ପ୍ରଶ୍ନ କରିଛନ୍ତି।

# ଆରାବଳି ପର୍ବତମାଳାରେ ସାନି ଖଣି ଲିଜ୍ ନିଷେଧ

## କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧୧

ବିଶ୍ୱର ସର୍ବପୁରାତନ ପର୍ବତମାଳାର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଆରାବଳି ପର୍ବତମାଳା ଉପରେ କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟକୁ ବ୍ୟାପିଥିବା ଏହି ପର୍ବତମାଳା ଅଞ୍ଚଳ ମଧ୍ୟରେ ସାନି ଖଣି ଖନନ ଲିଜ୍ ମଞ୍ଜୁରୀକୁ ନିଷେଧ କରିଛନ୍ତି। ଆରାବଳି ପର୍ବତମାଳାର ସୁରକ୍ଷା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ କମିଟି ଉକ୍ତ ପର୍ବତମାଳାର ଯେଉଁ ସଂଜ୍ଞା ସୁପାରିସ କରିଥିଲେ, ଗତ ୨୧ ତାରିଖରେ ତତ୍କାଳୀନ ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ଏହାକୁ ଗ୍ରହଣ କରିଥିଲେ। କମିଟି ଆରାବଳି ପର୍ବତମାଳାର ସଂଜ୍ଞା ନିର୍ଦ୍ଧାରଣ କରି କହିଛନ୍ତି, ଆରାବଳି ଜିଲାଗୁଡ଼ିକରେ ଅବସ୍ଥିତ ଭୂଭାଗ, ଯାହା ସ୍ଥାନୀୟ ହାରାହାରି ଉଚ୍ଚତାଠାରୁ ୧୦୦ ମିଟର କିମ୍ବା ଏହାଠାରୁ ଅଧିକ ଉଚ୍ଚ ହୋଇଥିଲେ, ଏହାକୁ ଆରାବଳି ପର୍ବତମାଳା ବିବେଚନା କରାଯିବ। ଏଭଳି ସବୁଠୁ ନୀଚା ରୂପରେଖ ମଧ୍ୟରେ ଆସୁଥିବା ସମ୍ପୂର୍ଣ୍ଣ ଭୂଭାଗ, ତାହା ବାସ୍ତବରେ କିମ୍ବା ବୈଚାରିକ ଭାବେ ସମପ୍ରସାରିତ ହୋଇଥିଲେ, ସବୁଗୁଡ଼ିକୁ ପର୍ବତ ଭାବେ ଗଣାଯିବ। ଏହାର ଗଡ଼ାଣି ଏବଂ ସଂଲଗ୍ନ ଭୂଭାଗକୁ ମଧ୍ୟ ଆରାବଳି ପର୍ବତମାଳାର ଭାଗ ବୋଲି ଗ୍ରହଣ କରାଯିବ। ଆରାବଳି ସଫାରି ପାର୍କ ପ୍ରକଳ୍ପ ପରିବେଶ ପ୍ରତି ସମସ୍ୟା ସୃଷ୍ଟି କରିବାକୁ ଥିବାରୁ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସରମାନେ ଏହାକୁ ବିରୋଧ କରିବା ସହ ଏହାର ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିଲେ।



ଭାରତର ସବୁଜ ଫୁସ୍‌ଫୁସ୍ ଭାବେ ପରିଚିତ ଆରାବଳି ପର୍ବତମାଳା ଅସ୍ତିତ୍ୱଗତ ସଙ୍କଟର ସମ୍ମୁଖୀନ ହୋଇଛି। ପୂର୍ବ ଗୁଜରାଟରୁ ହରିୟାଣାର ଦକ୍ଷିଣଭାଗ ପର୍ଯ୍ୟନ୍ତ ପାଖାପାଖି ୭୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତାମାଳାର ଜୈବ ବିବିଧତା, ଭୂତଳ ଜଳର ପୁନଃ ଭରଣା ଏବଂ ଜଳବାୟୁକୁ ସନ୍ତୁଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏହି ପର୍ବତମାଳାର ୯୦ ପ୍ରତିଶତ ଅଞ୍ଚଳ ପ୍ରତି ବିପଦ ରହିଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ କମିଟିର ସୁପାରିସରୁ ଜଣାପଡ଼ିଛି।

# ବାପା ହେବେ ରଣଦୀପ୍




**ମୁମ୍ବାଇ:** ଅଭିନେତା ରଣଦୀପ୍ ହୁଡା ତାଙ୍କର ଦ୍ୱିତୀୟ ବିବାହ ବାର୍ଷିକୀରେ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ସ୍ତ୍ରୀ ଲିନ ଲାଇଶ୍ରାମଙ୍କ ସହ ଏକ ସୁନ୍ଦର ଫଟୋ ଶେୟାର କରି ଖୁବ୍‌ଶୀଘ୍ର ମାତାପିତା ହେବାକୁ ଯାଉଥିବା କହିଛନ୍ତି। ଅଭିନେତା କ୍ୟାପସନ୍‌ରେ ଲେଖିଛନ୍ତି, ଦୁଇ ବର୍ଷର ପ୍ରେମ, ସାହସିକତା ଏବଂ ଆଗକୁ ଗୋଟିଏ ଛୋଟ ପିଲା ଆସୁଛି। ରଣଦୀପ ୨୦୨୩ ନଭେମ୍ବର ୨୦ରେ ଲିନ ଲାଇଶ୍ରାମଙ୍କୁ ବିବାହ କରିଥିଲେ। ଲିନ ଲାଇଶ୍ରାମ ଜଣେ ଅଭିନେତ୍ରୀ। ସେ ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ଓମ୍ ଶାନ୍ତି ଓମ୍' ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ୨୦୨୩ ମସିହାରେ ସେ 'ଜାନେ ଜାନ' ଏବଂ 'ମେରି କମ୍' ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ସେ ଜଣେ ମଡେଲ ଏବଂ ବ୍ୟବସାୟୀ ମଧ୍ୟ। ରଣଦୀପ୍‌ଙ୍କୁ ଶେଷ ଥର ପାଇଁ ସନି ଦେଓଲଙ୍କ ଅଭିନୀତ 'ଜାଟ' (୨୦୨୫) ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ଏଥିରେ ସେ ଏକ ନକାରାତ୍ମକ ଭୂମିକାରେ ଅଭିନୟ କରିଥିଲେ। ତେବେ ୨୦୨୬ରେ ମୁକ୍ତିଲାଭ କରିବାକୁ ଥିବା ଇଂଲିଶ୍ ଚଳଚ୍ଚିତ୍ର 'ମ୍ୟାଚବକ୍ସ'ରେ ନଜରକୁ ଆସିବେ।



ଧରିତ୍ରୀ
DHARITRI
ଧରିତ୍ରୀ 52 Years



ଆଜିର ସମ୍ପାଦକୀୟ
ପ୍ରତିଶୋଧାତ୍ମକ ପଦକ୍ଷେପ

# ଓଡ଼ିଶାରେ ବଢ଼ିଛି ଶିଶୁ ନିଖୋଜ

**ରାଜ୍ୟରେ ଶିଶୁ ନିଖୋଜ ଘଟଣା ବଢ଼ିବାରେ ଲାଗିଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଗୃହରେ ଦେଇଥିବା ତଥ୍ୟ ଅନୁସାରେ ଗତ ୨ବର୍ଷରେ ରାଜ୍ୟରେ ଟୋଲ୍ ଫ୍ରି ନମ୍ବର '୧୦୯୮' ଜରିଆରେ ୧୧,୩୩୭ ଶିଶୁ ନିଖୋଜ ଘଟଣା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୮,୩୬୨ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏବେ ବି ୨,୯୭୫ ଜଣଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ। ତେବେ ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ଶିଶୁଙ୍କ ଉଦ୍ଧାରରେ ରାଜ୍ୟର ସ୍ଥିତି ଅତି ନୈରାଶ୍ୟଜନକ ରହିଛି। ଏପରି କି ଓଡ଼ିଶାର ସ୍ଥାନ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସବୁଠାରୁ ତଳେ ରହିଛି। ଶିଶୁମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହି ତଥ୍ୟ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି।**

## ୨ବର୍ଷରେ ୧୧,୩୩୭ ପଞ୍ଜୀକୃତ
## ଉଦ୍ଧାର ହୋଇଛନ୍ତି ୮,୩୬୨: ପ୍ରଭାତୀ



ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ରାଜ୍ୟରେ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ହେଲେ ଏଥିରେ ସେତେମାତ୍ରାରେ ସଫଳତା ମିଳୁନାହିଁ। ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ ହୋଇ ମା'ର କୋଳ ଖାଲି ହୋଇଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ଶନିବାର ଶିଶୁ ନିଖୋଜ ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ପାଟଣାର ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷରେ ୧୧,୩୩୭ ଶିଶୁ ନିଖୋଜ ରିପୋର୍ଟ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୮,୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୨,୯୭୫ ଜଣ ନିଖୋଜ ଅଛନ୍ତି। ଏସବୁ ରିପୋର୍ଟକୁ ପଞ୍ଜୀକୃତ କରାଯାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଭାତୀଙ୍କ ସୂଚନା ଅନୁଯାୟୀ, ୨୦୨୪ରୁ ଏପର୍ଯ୍ୟନ୍ତ ଶିଶୁ ସହାୟତା ନଂ.୧୦୯୮ରେ ଏହି ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୮୫ ଜଣ ନିଖୋଜ ହୋଇଥିବାବେଳେ ୫୭୬ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜିଲାୱାରି ତଥ୍ୟ ଅନୁଯାୟୀ, ଅନୁଗୋଳରେ ୨୬୭ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ବଲାଙ୍ଗୀରରେ ୩୯୪, ବାଲେଶ୍ୱରରେ ୬୮୩, ବରଗଡ଼ରେ ୧୨୨, ଭଦ୍ରକରେ ୪୧୨, ବୌଦ୍ଧରେ ୩୧୯, କଟକରେ ୪୫୦, ଦେବଗଡ଼ରେ ୨୮୫, ଢେଙ୍କାନାଳରେ ୨୬୫, ଗଜପତିରେ ☞ପୃଷ୍ଠା-୨

### ଉଦ୍ଧାରରେ ସବୁଠୁ ପଛରେ ଓଡ଼ିଶା

ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ସ୍ଥିତି ଅତି ଖରାପ ରହିଛି। ନିକଟରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ-୨୦୨୩ରୁ ଏହା ସ୍ପଷ୍ଟ ହୋଇଛି। ନିଖୋଜ ଶିଶୁମାନଙ୍କୁ ଉଦ୍ଧାର ତୁଳନା ତାଲିକାରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ଥିଲେ ତଳଆଡୁ ପ୍ରଥମରେ ରହିଛି। ଏଯାଏ ନିଖୋଜ ହୋଇଥିବା ଶିଶୁମାନଙ୍କ ମଧ୍ୟରୁ ଓଡ଼ିଶା ୨୦୨୩ରେ ମାତ୍ର ୩୨.୫ ପ୍ରତିଶତ ଉଦ୍ଧାର କରିପାରିଛି। ତଥ୍ୟ ଅନୁଯାୟୀ, ୨୦୨୩ ପୂର୍ବରୁ ଓଡ଼ିଶାରୁ ମୋଟ ୪,୮୩୭ ଜଣ ଶିଶୁ ନିଖୋଜ ଥିଲେ। ସେମାନଙ୍କ ମଧ୍ୟରେ ୫୧୭ ଜଣ ନାବାଳକ ଓ ୪,୩୨୦ ଜଣ ନାବାଳିକା। ୨୦୨୩ରେ ମଧ୍ୟ ୫,୯୩୮ ଜଣ ଶିଶୁ ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୭୦୫ଜଣ ନାବାଳକ ଓ ୫,୨୩୩ ନାବାଳିକା ଥିଲେ। ୨୦୨୩ ବର୍ଷର ନିଖୋଜ ଶିଶୁଙ୍କୁ ମିଶାଇ ଏହି ସଂଖ୍ୟା ୧୦,୭୭୫ରେ ପହଞ୍ଚିଥିଲା। ତେବେ ୨୦୨୩ ବର୍ଷରେ ୩,୫୦୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩,୦୫୬ ଜଣ ନାବାଳିକା ରହିଥିବାବେଳେ ୪୪୭ ଜଣ ନାବାଳକ ରହିଛନ୍ତି। ଅପରପକ୍ଷରେ ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା ତାଲିକାରେ ସର୍ବଶେଷରେ ନାଗାଲାଣ୍ଡ ଓ ସିକିମ୍ ମିଳିତ ଭାବେ ୧୦୦% ହାରରେ ପ୍ରଥମରେ ରହିଥିବା ବେଳେ ଦ୍ୱିତୀୟରେ କେରଳ (୯୫.୯%), ତୃତୀୟରେ ମେଘାଳୟ (୯୩.୬), ଚତୁର୍ଥରେ ତ୍ରିପୁରା (୮୬.୨) ଏବଂ ପଞ୍ଚମ ସ୍ଥାନରେ ଆନ୍ଧ୍ରପ୍ରଦେଶ (୮୫.୭) ରହିଛି।




# ରାଜ୍ୟରେ ଖୋଲିବ ୧୫ ପୋକ୍‌ସୋ କୋର୍ଟ

ଭୁବନେଶ୍ୱର, ୨୯।୧୧
(ସୁନିତ୍ ମିଶ୍ର)

ଉଚ୍ଚ ନ୍ୟାୟାଳୟଙ୍କ ଅନୁମୋଦନକ୍ରମେ ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ଗୋଟିଏ ଲେଖା ସିଭିଲ ଜଜ୍-କମ୍-ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ ଉଚ୍ଚ ନ୍ୟାୟାଳୟ ନୟାଗଡ଼ ଜିଲାର ଖଣ୍ଡପଡ଼ାଠାରେ ଗୋଟିଏ ଅତିରିକ୍ତ ଜିଲା ଓ ସେସନ୍ ଜଜ୍ କୋର୍ଟ ଖୋଲିବାକୁ ଅନୁମୋଦନ ଦେଇସାରିଛନ୍ତି। ଏହି କୋର୍ଟଗୁଡିକ ଖୋଲିବା ଲାଗି ରାଜ୍ୟ ସରକାର ଆସନ୍ତା ଆର୍ଥିକ ବର୍ଷରେ ହେବାକୁ ଥିବା ଉଚ୍ଚସ୍ତରୀୟ କମିଟି ବୈଠକରେ ପ୍ରସ୍ତାବ ଆଗତ କରିବେ। ରାଜ୍ୟ ସରକାର କେବଳ ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫର୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ମାମଲାଗୁଡିକ ବିଚାର କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୫ଟି ସ୍ୱତନ୍ତ୍ର ଅଦାଲତ ଖୋଲିବାକୁ ବିହିତ ପଦକ୍ଷେପ ନେଉଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି। ବିଧାୟକ ☞ପୃଷ୍ଠା-୨




# ଡା. ଶାହିନଙ୍କ ପ୍ରକୋଷ୍ଠରୁ ୧୮ ଲକ୍ଷ ଜବତ

### ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ତଦନ୍ତ ଜୋର୍‌ଦାର

ଫରିଦାବାଦ,୨୯।୧୧

ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ତଦନ୍ତ ଚଳାଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିରେ ଗୁରୁବାର ରାତିରେ ଚଢ଼ାଉ କରିଥିଲା। ଆତଙ୍କବାଦୀ ମଡ୍ୟୁଲ ସହ ଜଡ଼ିତ ଡାକ୍ତର ଶାହିନ ଶହିଦଙ୍କ ହଷ୍ଟେଲ୍ ପ୍ରକୋଷ୍ଠରୁ ଏନ୍‌ଆଇଏ ୧୮ ଲକ୍ଷ ଟଙ୍କା ଜବତ କରିଛି। ପ୍ରକୋଷ୍ଠ ନମ୍ବର ୩୨ରେ ଥବା ଏକ ଆଲମିରାରେ ଏହି ଟଙ୍କା ରଖାଯାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟରୁ ଚାଲିଥିବା ହ୍ୱାଇଟ୍-କଲାର ଟେରର ମଡ୍ୟୁଲ୍‌କୁ ପାଣ୍ଠି ଯୋଗାଣ ପାଇଁ ଏହି ଟଙ୍କା ରଖାଯାଇଥିବା ସନ୍ଦେହ କରାଯାଉଛି।

ଗତ ୧୦ ତାରଖରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ଶାହିନଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଜେରା କରାଯିବା ସହ ଅଧିକ ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ଅଣାଯାଇଥିଲା। ତାଙ୍କୁ ପ୍ରଶାସନିକ ବ୍ଲକ୍‌କୁ ପ୍ରଥମେ ନିଆଯିବା ବେଳେ ସେ ଏକ ଲକର ବ୍ୟବହାର କରୁଥିବା କହିଥିଲେ। ସେଠାରୁ ଏନ୍‌ଆଇଏ ଅଧିକାରୀମାନେ ଅଧିକ ତଦନ୍ତ ପାଇଁ ତାଙ୍କୁ ହଷ୍ଟେଲ ପ୍ରକୋଷ୍ଠକୁ ନେଇଥିଲେ, ଯେଉଁଠୁ ୧୮ ଲକ୍ଷ ଟଙ୍କା ଜବତ ହୋଇଛି। ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ଏନ୍‌ଆଇଏ ତାହା ଉପରେ ଖୋଳତାଡ଼ ଚଳାଇଛି। ଟେରର ମଡ୍ୟୁଲ ନେଟ୍‌ୱର୍କ ଜରିଆରେ ଉକ୍ତ ଅର୍ଥ ଆସିଥିବା ସନ୍ଦେହ କରାଯାଉଛି। ଏହା ପରେ ଶାହିନଙ୍କୁ ମେଡିକାଲ ୱାର୍ଡ, ଶ୍ରେଣୀକକ୍ଷ ଏବଂ ଡାକ୍ତରଙ୍କ କ୍ୟାବିନ୍‌କୁ ନିଆଯାଇ ତାଙ୍କର ଦୈନନ୍ଦିନ କାର୍ଯ୍ୟର ରିକନ୍‌ଷ୍ଟ୍ରକ୍ସନ କରାଯିବା ସହ ତାଙ୍କ ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଅଲ୍-ଫଲାହରେ ଶିକ୍ଷାଦାନ କରୁଥିବାବେଳେ ଶାହିନ ଟେରର ମଡ୍ୟୁଲରେ ସକ୍ରିୟ ରହିଥିଲେ। ସେ ବିଶ୍ୱବିଦ୍ୟାଳୟ ଭିତରେ ଏବଂ ବାହାରେ ନିଜ ସମ୍ପର୍କ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିଲେ। ଟେରର ମଡ୍ୟୁଲରେ ସମ୍ପୃକ୍ତ ଅନ୍ୟତମ ଡାକ୍ତର ମୁଜାମିଲ ଅହମଦ ଗନାଇଙ୍କୁ ଗିରଫ କରାଯିବା ପରଦିନ ଶାହିନ ଉକ୍ତ ମଡ୍ୟୁଲ ସହ ଜଡ଼ିତ ବୋଲି ଏନ୍‌ଆଇଏ ଜାଣିବାକୁ ପାଇଥିଲା।



ଡା. ଶାହିନ ଶହିଦ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କଳାଞ୍ଜଳି ଲୋକକଳା ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ବନ୍ଦେ ମା ତରମ୍ ପକ୍ଷରୁ ମିଶନ୍ ଜିରୋ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମହାନଗର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା ଆଲୋଚନାଚକ୍ର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଅସ୍ମିତା ଖେଲୋ ଇଣ୍ଡିଆ ଉଦ୍ଘାଟନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବାଲେଶ୍ୱର ପ୍ରତିଭା ସମାରୋହ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଷେଣ୍ଡପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ଗ୍ରାମ ଖେଳପଡ଼ିଆ, ଧାମନଗର ଏନ୍ଏସି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ହାଇସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଧାମନଗର ତହସିଲ ନିକଟ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ଅପରାହ୍ନ ୫ଟା।
- ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଆଧାତ୍ମିକ ଆଲୋଚନା ଏବଂ ଭଜନ, ସ୍ଥାନ : ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡ଼ିହୀ, ସମୟ : ସକାଳ ୮ ଟା।
- ବଡ଼ବିଲ ପୋଲିସର ଲୋକ ସମ୍ପର୍କ ମେଳା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କାଶିଆ, ବଡବିଲ, ସମୟ : ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ

- ମୟୂରଭଞ୍ଜ ମହୋତ୍ସବର କାର୍ନିଭାଲ ଶୋଭାଯାତ୍ରା, ସ୍ଥାନ: ଦେଉଳସାହି ବଡ଼ ଜଗନ୍ନାଥ ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଂଗ୍ରାମର ବାର୍ତ୍ତା ପତ୍ରିକାର ୪୭ତମ ପୂର୍ତ୍ତି ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ:ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲର ଚତୁର୍ଥ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅମୃତ ମିଳନ, ସ୍ଥାନ: ଦାରିଙ୍ଗବାଡି ମା' ଦଶଭୁଜା ଦୁର୍ଗମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍ସିଂହପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ 'ସକାଳର ମେଘ', ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଅସ୍ମିତା କ୍ରୀଡା ଉତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ସାହିତ୍ୟ ଅନୁଷ୍ଠାନ ସତୀର୍ଥର ବାର୍ଷିକ ଉତ୍ସବ, ସ୍ଥାନ:ଗଣକବି ଗୋପାଳ ଦାସ ମଞ୍ଚ, ସିଦ୍ଧବଟ, କୋରୋ, କେନ୍ଦ୍ରାପଡା, ସମୟ:ସକାଳ ୯ଟା ।
- ନିଃଶୁଳ୍କ ଚିକିତ୍ସା ଶିବିର, ସ୍ଥାନ:ସ୍ୱାସ୍ଥ୍ୟ କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ, ବଉଳ ବିହାର, ଗରାପୁର ରୋଡ, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା।
- ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟର ରାଷ୍ଟ୍ରବାଦୀ କବିତା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ରାମମନ୍ଦିର, ଗୋପ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।

## ଯାଜପୁର

- ବରୀ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ସନ୍ଥନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କୋରେଇ ବ୍ଲକର ପାଟରଙ୍ଗା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତଳଗଡ ବାରାନାଥ ପଡ଼ିଆଠାରୁ ପାଟରଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସାଂସଦ ଖେଳ ମହୋତ୍ସବ– ୨୦୨୫ ଟ୍ରଫି ଉଦ୍ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ ପରିସର, ସମୟ : ପୂର୍ବାହ୍ନ ୧୧ଟା।
- କୁରାଳ ପଞ୍ଚମୀ ଉଦ୍ଯାପନୀ ଉତ୍ସବ, ସ୍ଥାନ:ସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଇଚ୍ଛାପୁର ଗ୍ରାମ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- କଂସାରୀ ସମାଜର ମନ୍ କି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।
- ସାମନ୍ତ ମହୋତ୍ସବ ଖଣ୍ଡପଡା ଓ ପଲ୍ଲୀଶ୍ରୀ ମେଳା ୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ଉମାଦେବୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦.୩୦ଟା।
- ମାନବ ଅଧିକାର ସୁରକ୍ଷା ପାଇଁ ବାରର ରୋଲ ଉପରେ କର୍ମଶାଳା, ସ୍ଥାନ:ଓଡଗାଁ ବାର ଆସୋସିଏଶନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶୂନ୍ୟ ମୃତ୍ୟୁ ସପ୍ତାହ ଉଦ୍ଯାପନ ଦିବସରେ ରାସ୍ତା ସୁରକ୍ଷା ସଚେତନତା ଉପରେ ଏକ ପଥପ୍ରାନ୍ତ ନାଟକ, ସ୍ଥାନ: ନୟାଗଡ ସହର ଗୋଲେଇ ଟ୍ରାଫିକ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ଜଳସମ୍ପଦ ବିଭାଗର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଖଣ୍ଡପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନ, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।
- ମାଘମେଳା ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ:ଅପରାହ୍ନ ୪ଟା ।

## ରାୟଗଡ଼ା

- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଆନୁକୁଲ୍ୟରେ ଗଣଦୌଡ଼, ସ୍ଥାନ: କପିଳାସ ଛକଠାରୁ ତେଜସ୍ୱୀ ପଡିଆ, ରାୟଗଡା, ସମୟ: ସକାଳ ୬ଟା ।
- ଧନ ଲକ୍ଷ୍ମୀ ପୂଜା ନିମନ୍ତେ କଳସ ଯାତ୍ରା, ସ୍ଥାନ: ଧନଲକ୍ଷ୍ମୀ ପୂଜା ମଣ୍ଡପ, ଗୁଡାରି, ସମୟ: ସକାଳ ୯ଟା।
- ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: ଅଦ୍ୱୈତ ବେଦାନ୍ତ ଆଶ୍ରମ, କରାବାଙ୍କ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବଟେଶ୍ୱର ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା, ସ୍ଥାନ: ଉମରକୋଟ ସିଉନି, ସମୟ: ସମୟ ଅପରାହ୍ନ ୩ଟା।

## କୋରାପୁଟ

- ଜିଲାସ୍ତରୀୟ ଟିଚର୍ସ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଇସ୍କୁଲ ଗ୍ରାଉଣ୍ଡ, ବୈପାରୀଗୁଡ଼ା, ସମୟ: ସକାଳ ୭ଟା ୩୦।
- ବ୍ଲକ୍ସ୍ତରୀୟ ପରବ ଶୁଭାରମ୍ଭ, ସ୍ଥାନ: ମା' ଜଗତଜନନୀ ମନ୍ଦିର, ଜୟପୁର, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ବ୍ଲକ୍ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୭ ଟା।
- ସାମ୍ବାଦିକ ବନାମ ଡାକ୍ତରଙ୍କ ମଧ୍ୟରେ କୌତୁକ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ଡିଏନ୍କେ ଖେଳ ପଡିଆ, ମାଲାକନଗିରି , ସମୟ: ସକାଳ ୮ ଟା।
- ରୋଟାରି କ୍ଲବ ତରଫରୁ ଜାତୀୟ ନିର୍ମାଣକାରୀ ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ମାଲକାନଗିରି , ସମୟ: ପୂର୍ବାହ୍ନ ୧୧ ଟା।
- ବ୍ଲକ୍ସ୍ତରୀୟ ମାଲ୍ୟବନ୍ତ ଆରମ୍ଭ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଖଇରପୁଟ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଜିଲାର ୭ଟି ବ୍ଲକରେ କଳଶ ଯାତ୍ରା, ସ୍ଥାନ: ମାଲକାନଗିରି ଭୈରବ ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ରେଙ୍ଗାଲି ପ୍ରଖଣ୍ଡ ଆୟୋଜନରେ ନିଶାମୁକ୍ତି ଅଭିଯାନରେ ସ୍ୱାସ୍ଥ୍ୟ ପାଇଁ ଗଣ ଦୌଡ କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବାବା ମନ୍ଦିର, ସମୟ : ସକାଳ ୭ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନରେ ସମ୍ବଲପୁରୀ ସଙ୍ଗୀତ ସମ୍ରାଟ ଫକିର ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳିକାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ନିକଟସ୍ଥ ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁରୀ ବହି ହାଟ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଧନୁଯାତ୍ରା– ୨୦୨୬ କଳାକାର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ୬୯ ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍ସିଂ ଏବଂ ଥାଙ୍ଗ୍ଟା ପ୍ରତିଯୋଗିତା ଉଦ୍ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।
- ଟାଇଗର ୟୁଥ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ।

## ରାଉରକେଲା

- ଏନ୍ଆଇଟିରେ ଟିସୁ ଇଞ୍ଜିନିୟରିଂ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ବାୟୋଟେକ୍ନୋଲୋଜି ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୬, ସମୟ: ପୂର୍ବାହ୍ନ ୧୧ଟା।
- ୟୁଥ୍ ଫେସ୍ଟିଭାଲ ଉଦ୍ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ୟୁଥ୍ ଆସୋସିଏଶନ କ୍ଲବ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ପୁରାଣ ପରମ୍ପରାରେ ଲକ୍ଷ୍ମୀ ପୁରାଣର ମହତ୍ୱ ଆଲୋଚନାଚକ୍ର, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୩ଟା।
- ଗୁରୁକୁଳ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ସେକ୍ଟର–୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ତଳିପଡ଼ା, ବରଗଡ଼, ସମୟ:ସକାଳ ୮ଟା।

## କଳାହାଣ୍ଡି

- ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଅଭିଜିତ ସ୍ମୃତି କମିଟି କାର୍ଯ୍ୟାଳୟ ନୂଆବଜାର ବିନିକା, ସମୟ: ସକାଳ ୯ଟା।
- ଦି ଆର୍ଟ ଅଫ ଲିଭିଙ୍ଗ ହେପିନେଶ ସେଣ୍ଟର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବର, ସ୍ଥାନ: ସୋନପୁର ବ୍ଲକ ଛକ ନିକଟସ୍ଥ ହେପିନେଶ ସେଣ୍ଟର, ସମୟ: ସକାଳ ୯ଟା।

## ନୂଆପଡ଼ା

- ୩ୟ ଫୁଟ୍ବଲ ମହାକୁମ୍ଭ ତ୍ରୟୋଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା ।
- ୨୪ କୁଣ୍ଡିୟ ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞ ଭୂମି ପୂଜନ ଓ ଦେବଦମ୍ପତି ସମ୍ମିଳନୀ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଲୋଚନା ପରିସରରେ ବନ୍ଧୁଙ୍କ ବିରୋଧାଭାଷ ରହିଲେ ମଧ୍ୟ ଗଠନମୂଳକ ପରାମର୍ଶ ଅବଶ୍ୟ ପାଇବେ। ଗତକାଲିର ବାକି କାମଗୁଡ଼ିକୁ ଆଜି ସମ୍ପୂର୍ଣ୍ଣ କରିବା ନିଷ୍ପତ୍ତି ନେବେ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲଭିବେ। କଚେରି ମାମଲାର ସମାଧାନ ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ମିଳିବ।

**ବୃଷ** ପ୍ରତିବନ୍ଧକ କାରଣରୁ ସ୍ଥଗିତ କାମ ସମ୍ପର୍କୀୟଙ୍କ ସହଯୋଗରୁ ସମ୍ପନ୍ନ ହେବ। ବନ୍ଧୁଙ୍କ ନିକଟରୁ ଦୁଃଖଦ ଖବର ଶ୍ରବଣ କରି ମନସ୍ତାପ କରିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବା ସହିତ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ମୃଗଶିରା ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ସହଜ ଓ ସୁବିଧାରେ କାମ ହାସଲ କରିପାରିବେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀମାନେ ରାଗିପାରନ୍ତି। ପୁନର୍ବସୁ ନକ୍ଷତ୍ର ସକାଶେ ପରିବାରର ଆବଶ୍ୟକତା ବୃଦ୍ଧିଜନିତ ଖର୍ଚ୍ଚ ଦିଗୁଣା ହୋଇପାରେ। ବାଣିଜ୍ୟରେ ସଫଳତା, ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀ ଏକଜୁଟ ହୋଇ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା ପୂର୍ବକ ବିଭିନ୍ନ ସମସ୍ୟା ସମାଧାନର ସୂତ୍ର ବାହାର କରିପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ପୁଷ୍ୟା ନକ୍ଷତ୍ର ସକାଶେ ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଆଲୋଚନା ପରିସରରେ ବନ୍ଧୁଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶୋଭନୀୟ ଆଚରଣରେ ଦୁଃଖ ପ୍ରକାଶ କରିପାରନ୍ତି। ମଘା ନକ୍ଷତ୍ର ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ବନ୍ଧୁଙ୍କ ଅନୁରୋଧରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ଆଳାପ ଆଲୋଚନା ପରେ ଅଶାନ୍ତ ମନ ଶାନ୍ତ ହୋଇଯାଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ହସ୍ତା ନକ୍ଷତ୍ର ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିବେ। ସୁନା ଜିନିଷ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣାବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ, ଯାହାକି ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରେ।

**ତୁଳା** କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମ କ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଚିତ୍ରା ନକ୍ଷତ୍ର କାର୍ଯ୍ୟହାନି କାରଣରୁ ମାନସିକ ଉଦ୍ବେଗ ବୃଦ୍ଧିଜନିତ ଆଳସ୍ୟ ଅନୁଭବ କରିବେ। ପରିବହନ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ଅବହେଳାଜନିତ ସମସ୍ୟା ଦେଖାଦେବ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଅପୂରଣୀୟ ଆଶା ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହଚର୍ଯ୍ୟ କାମ ସକାଶେ ଅନୁକୂଳ ରହିପାରେ। ସାହିତ୍ୟ ଚର୍ଚ୍ଚା, ରାଜନୀତି ଏବଂ ସଭାସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ସମୟ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହେବ। ବାକ୍ସଂଯମ ଅଭାବରୁ ବନ୍ଧୁଙ୍କ ଘରୋଇ ଝାମେଲାକୁ ଟାଣି ହୋଇ ଯାଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର ସାଧାରଣ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳ ହେବେ।

**ମକର** ସ୍ଥଗିତ କାମ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଧନିଷ୍ଠା ନକ୍ଷତ୍ରର ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ସହଜରେ କାମ ହାସଲ କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ବହୁବିଧ କର୍ମରେ ଅନୁପ୍ରବେଶ ପାଇଁ ରାସ୍ତା ଉନ୍ମୁକ୍ତ କରିପାରେ। ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସନ୍ଦେହ ଏବଂ ଭୁଲ୍ ବୁଝାମଣା କାରଣରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ରର ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ ଅନେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ ଯୋଗୁଁ କେତେକ କାମ ଅଟକି ଯାଇପାରେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଘଟିବାର ସୂଚନା ରହିଛି। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ଠିକ୍ ହୋଇଯିବ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ଦଶମୀ ରବିବାର, ରାଶିନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୧ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୫୭ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୪୦ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଳି ପାଣି ପଡେ ପିଣ୍ଡା ତଳକୁ,**
**ଝିଅ ଜନମ ପର ଘରକୁ ।**

ଅଳିଅଳରେ ବଢ଼ିଆସିଥିବା ଝିଅଟି ଯେତେବେଳେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ପିତାମାତା ଭଲ ଘର, ଭଲ ବର ଦେଖି ଝିଅଟିର ବିବାହ କରାଇ ଦେଇଥାନ୍ତି। ବିବାହ ପରେ ଝିଅଟି ପରଗୋତ୍ରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ଦୁଆରକୁ ଭିକାରୀ ଗଲା**
**ଚାଉଳଧୁଆ ପାଣି ଚକୁଳି କଲା ।**

ନିପଟ ଓଲା ବା ମୂର୍ଖ ବ୍ୟକ୍ତିଙ୍କଠାରେ ହିତାହିତ ଜ୍ଞାନର ଅଭାବ ରହିଥାଏ। କୌଣସି କାର୍ଯ୍ୟକୁ ଏମାନେ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କଠାରୁ ସାହାଯ୍ୟର ଆଶା ରଖିବା ମୂର୍ଖାମି ହୋଇଥିବା ବେଳେ ପରିସ୍ଥିତିରେ ପଡ଼ି ଏମାନଙ୍କ ଦ୍ୱାରସ୍ଥ ହେଉଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର)

ରାଜ୍ୟରେ ମୋଟ ୭୪ ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୫୪ ହଜାର ୭୪ ଅଙ୍ଗନୱାଡି କେନ୍ଦ୍ର ନିଜସ୍ୱ ଗୃହରେ ଚାଲିଛି। ୨୦ ହଜାର ୧୫୦ ଅଙ୍ଗନୱାଡିର ନିଜସ୍ୱ ଗୃହ ନାହିଁ। ୭ ହଜାର ୩୮୯ ଅଙ୍ଗନୱାଡି ଗୃହ ନିର୍ମାଣ ଚାଲିଛି। ୧୦ ହଜାର ୪୧୬ ମିନି ଅଙ୍ଗନୱାଡି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନୱାଡିକୁ ରୂପାନ୍ତର ହୋଇଛି। ୨୦ ହଜାର ୧୫୦ ଅଙ୍ଗନୱାଡିରେ ନିଜସ୍ୱ ଗୃହ ନ ଥିବାରୁ ୪ ହଜାର ୫୭୪ ଅଙ୍ଗନୱାଡି ସ୍କୁଲ ଘରେ ଚାଲିଛି। ୧୦ ହଜାର ୪୬୯ କମ୍ୟୁନିଟି ଗୃହରେ ଚାଲିଛି। ୩ ହଜାର ୮୯୦ ଭଡ଼ାଘରେ ଚାଲିଛି। ସବୁ ଅଙ୍ଗନୱାଡି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନୱାଡ଼ି ଜରିଆରେ ଗୃହ

## ■ ଯେଉଁଠି ଅସୁବିଧା ଅଛି ବିଭାଗ ନିଜ ପାଣ୍ଠିରୁ ନିର୍ମାଣ କରିବ

ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ ପଞ୍ଚାୟତିରାଜ ବିଭାଗଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ ଲକ୍ଷ ଟଙ୍କାରେ ଅଙ୍ଗନୱାଡି ଗୃହ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନୱାଡ଼ି ନିର୍ମାଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସେ ଆହୁରି କହିଛନ୍ତି, ବିଧାୟକମାନେ ନିଜ ଅଞ୍ଚଳର ଯେଉଁ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ରକୁ ନେଇ ସମସ୍ୟା ଅଛି ସିଡିପିଓଙ୍କ ଜରିଆରେ ତାଲିକା ଦେଲେ ସେହି କାମ କରାଯିବ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଧ୍ୟ ନିକଟରେ ବୈଠକ ହୋଇଥିଲା। ଅଙ୍ଗନୱାଡି କେନ୍ଦ୍ର ଲାଗି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ନେଇ ନିଷ୍ପତ୍ତି ହୋଇଥିବା ବିଷୟ ସେ କହିଛନ୍ତି। ମୋଟ୍ ୯୬୨.୧୩ ସ୍କୋୟାର ଫିଟ୍ ଜାଗାରେ ଘର ନିର୍ମାଣ ହେବ। ନିକଟରେ ୨ଟି ଜିଲା ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାର ୩୧ଟି ଅଙ୍ଗନୱାଡି କେନ୍ଦ୍ର ୧୫ ଲକ୍ଷ ଟଙ୍କା ଲେଖା ଖର୍ଚ୍ଚ ହୋଇ କରାଯାଇଛି। ଯେଉଁଠାରେ ଅସୁବିଧା ରହିବ ସେଠାରେ ବିଭାଗ ପକ୍ଷରୁ ନିଜସ୍ୱ ପାଣ୍ଠିରେ କରାଯିବ। ପ୍ରଶ୍ନକାଳ ଆରମ୍ଭରୁ ଏଥିରେ ଭାଗନେଇ ବିଧାୟକ ଅଶ୍ୱିନୀ ପାତ୍ର, ପ୍ରତାପ ଦେବ, କଂଗ୍ରେସ ସଦସ୍ୟ ସି.ଏସ୍. ରାଜନ ଏକ୍କା, ଦୁଷନ୍ତ କୁମାର ନାଏକ, ରମେଶ ଚନ୍ଦ୍ର ବେହେରା, ପବିତ୍ର ସାଉଁନ୍ତା ପ୍ରମୁଖ ଭାଗନେଇଥିଲେ।

# ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ବଢ଼ିଛି ...

୬୫୯, ଗଞ୍ଜାମରେ ୩୧୩, ଜଗତ୍ସିଂହପୁରରେ ୨୫୭, ଯାଜପୁରରେ ୩୩୦, ଝାରସୁଗୁଡ଼ାରେ ୩୮୦, କଳାହାଣ୍ଡିରେ ୧୩୨, କନ୍ଧମାଳରେ ୪୩୭, କେନ୍ଦ୍ରାପଡ଼ାରେ ୧୭୮ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ସେହିପରି କେନ୍ଦୁଝରରେ ୩୭୪, କୋରାପୁଟରେ ୫୭୬, ମାଲକାନଗିରିରେ ୩୦୫, ମୟୂରଭଞ୍ଜରେ ୩୪୩, ନବରଙ୍ଗପୁରରେ ୨୯୦, ନୟାଗଡରେ ୪୫୩, ନୂଆପଡାରେ ୩୬୦, ପୁରୀରେ ୫୯୫, ରାୟଗଡ଼ାରେ ୨୩୧, ସମ୍ବଲପୁରରେ ୨୪୧, ସୁବର୍ଣ୍ଣପୁରରେ ୬୨୦ ଓ ସୁନ୍ଦରଗଡ଼ରେ ୨୮୧ଜଣ ଶିଶୁ ନିଖୋଜ ହୋଇଛନ୍ତି।

ଅପରପକ୍ଷରେ ଅନୁଗୋଳରେ ୨୦୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ବଲାଙ୍ଗୀରରେ ୨୩୯, ବାଲେଶ୍ୱରରେ ୧୧୪, ବରଗଡରେ ୧୭୮, ଭଦ୍ରକରେ ୩୫୧, ବୌଦ୍ଧରେ ୪୦୭, କଟକରେ ୩୫୦, ଦେବଗଡ଼ରେ ୧୫୫, ଢେଙ୍କାନାଳରେ ୨୦୧, ଗଜପତିରେ ୭୧୫ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗଞ୍ଜାମରେ ୫୧୬, ଜଗତ୍ସିଂହପୁରରେ ୧୩୦, ଯାଜପୁରରେ ୧୪୦, ଝାରସୁଗୁଡ଼ାରେ ୨୮୨, କଳାହାଣ୍ଡିରେ ୭୦, କନ୍ଧମାଳରେ ୧୫୦, କେନ୍ଦ୍ରାପଡ଼ାରେ ୧୨୫, କେନ୍ଦୁଝରରେ ୧୭୩, ଖୋର୍ଦ୍ଧାରେ ୫୭୬, କୋରାପୁଟରେ ୧୩୫, ମାଲକାନଗିରିରେ ୨୦୫, ମୟୂରଭଞ୍ଜରେ ୨୭୩, ନବରଙ୍ଗପୁରରେ ୨୨୯, ନୟାଗଡ଼ରେ ୨୨୨, ନୂଆପଡ଼ାରେ ୩୭୨, ପୁରୀରେ ୮୧୯, ରାୟଗଡ଼ାରେ ୮୫, ସମ୍ବଲପୁରରେ ୧୭୫, ସୁବର୍ଣ୍ଣପୁରରେ ୬୧୮ ଏବଂ ସୁନ୍ଦରଗଡ଼ଜିଲାରେ ୧୫୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ମନ୍ତ୍ରୀ ପ୍ରଭାତୀ ଗୃହରେ ତଥ୍ୟ ରଖିଛନ୍ତି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍ଗୋଙ୍କ କହିବା କଥା, ସରକାରଙ୍କ ନିଖୋଜ ପିଲାଙ୍କ ଉଦ୍ଧାର ନେଇ ସ୍ପଷ୍ଟ ଆଭିମୁଖ୍ୟ ସହ ନିର୍ଦ୍ଦେଶନାମା ନ ରହିଲେ ତଳସ୍ତରରେ ଥିବା ଅଫିସର କିମ୍ବା କର୍ମଚାରୀମାନେ ତାହାକୁ ଅନୁପାଳନ କରିବେ ନାହିଁ। ପ୍ରଶାସନିକସ୍ତରରେ ଥିବା ଅଧିକାରୀମାନେ ଶିଶୁ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଆଦିଙ୍କ ବିରୋଧରେ ହେଉଥିବା ଅପରାଧ ଘଟଣା, ସେମାନଙ୍କ ପାଇଁ ଏକ ପ୍ରସଙ୍ଗ ହେଉନାହିଁ। ସେମାନଙ୍କ ମଧ୍ୟରେ ମାନବିକ ସମ୍ବେଦନଶୀଳତାର ଘୋର ଅଭାବ ରହିଛି। ସେହିପରି ଥାନାକୁ ନାବାଳକ ଓ ନାବାଳିକା ନିଖୋଜ ଏତଲା ନେଇ ଯାଉଥିବା ଲୋକମାନଙ୍କୁ ଥାନା ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଏଯାଏ ଥାନାର ପରିବେଶ ବଦଳି ନ ଥିବା ବେଳେ ପୋଲିସ ମଧ୍ୟ ପିପୁଲ୍ସ ଫ୍ରେଣ୍ଡଲି ହୋଇପାରୁ ନାହିଁ ବୋଲି କାନୁନ୍ଗୋ କହିଛନ୍ତି।

## ରାଜ୍ୟରେ ଖୋଲିବ ...

ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମର ବ୍ରହ୍ମପୁର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧାର ଭୁବନେଶ୍ୱର, ମୟୂରଭଞ୍ଜ, କନ୍ଧମାଳ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ମାଲକାନଗିରି ଏବଂ ସୋନପୁରଠାରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଆବଶ୍ୟକତା ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ସେହିପରି ବରଗଡ଼ର ଅତାବିରା, ଭଦ୍ରକର ଭଣ୍ଡାରିପୋଖରୀ, ବାଲେଶ୍ୱରର ରେମୁଣା, ବଲାଙ୍ଗୀରର ଦେଓଗାଁ ଏବଂ ପୁଇଁତଳା, ଦେବଗଡ଼ର ନଈକୂଳ, ଢେଙ୍କାନାଳର ଓଡ଼ାପଡ଼ା, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତ୍ସିଂହପୁରର ବିରିଡ଼ି, ରଘୁନାଥପୁର, ଯାଜପୁରର ଦଶରଥପୁର, କେନ୍ଦ୍ରାପଡ଼ାର ଡେରାବିଶ, ମାଲକାନଗିରିର କୋରକୁଣ୍ଡା, ମୟୂରଭଞ୍ଜର ସାମାଖୁଣ୍ଟ ଓ କୁଳିଅଣା, ନବରଙ୍ଗପୁରର ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ପାପଡ଼ାହାଣ୍ଡି, ନୟାଗଡ଼ର ନୂଆଗାଁ, ପୁରୀର ବ୍ରହ୍ମଗିରି, ସମ୍ବଲପୁରର ଧନକୋଉଡ଼ା ଓ ମାନେଶ୍ୱର ଏବଂ ସୁନ୍ଦରଗଡ଼ର ସବ୍ଡେଗା ଓ ଟାଙ୍ଗରପାଲିଠାରେ ସିଭିଲ ଜଜ୍–କମ୍–ଜେଏମ୍ଏଫ୍ସି କୋର୍ଟ ଖୋଲିବ। ସେହିପରି ଖାଲିଥିବା ବିଚାରପତି ପଦବୀଗୁଡିକ ପୂରଣ ଲାଗି ଉଚ୍ଚ ନ୍ୟାୟାଳୟ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।




# ସୁଭଦ୍ରା ଯୋଜନା: ନୂଆ ଯୋଡ଼ି ହୋଇଛନ୍ତି ୧୭ ଲକ୍ଷ ୮୩ ହଜାର ୨୫୧

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ସୁଭଦ୍ରା ଯୋଜନାରେ ଅଧିକ ୧୭ ଲକ୍ଷ ୮୩ହଜାର ୨୫୧ ଜଣଙ୍କୁ ଯୋଡ଼ା ଯାଇଛି। ତୃଣମୂଳସ୍ତରରେ ଇନ୍କ୍ୱାରି ହେବା ପରେ ଏହି ସଂଖ୍ୟା ବଢ଼ିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ବିଧାନସଭାରେ ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୯ ଲକ୍ଷ ୩୬ ହଜାର ୨୮୩ ଜଣଙ୍କୁ କଟାଯାଇଛି। ଗତ ୨୪ ତାରିଖ ସୁଦ୍ଧା ସୁଭଦ୍ରାରେ ଓଡ଼ିଶାରୁ ସମୁଦାୟ ୧ କୋଟି ୧୨ ଲକ୍ଷ ୨୬ ହଜାର ୭୪୩ ଜଣ ଆବେଦନ କରିଛନ୍ତି। ସେଥିରୁ ୧ କୋଟି ୦୩ ଲକ୍ଷ ୮୯ ହଜାର ୮୦୧ ଜଣ ମହିଳା ସୁଭଦ୍ରା ଅଧୀନରେ ଅର୍ଥ ରାଶି ପ୍ରଥମ ଏବଂ ଦ୍ୱିତୀୟ କିସ୍ତି ପାଇଥିବା ବେଳେ ୯୭ ଲକ୍ଷ ୫୧ ହଜାର ୪୭୯ ଜଣ ସମସ୍ତ ୩ଟି ଯାକ କିସ୍ତି ପାଇଛନ୍ତି। ସେହିପରି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ମୋଟ୍ ୯୪ ହଜାର ୯୭୩ ଜଣ ଆବେଦନ କରିଥିବା ବେଳେ ୮୨ ହଜାର ୧୩୩ ଜଣ ହିତାଧିକାରୀ ସୁଭଦ୍ରା ଅଧୀନରେ ଆର୍ଥିକ ସହାୟତା ପାଇଛନ୍ତି। ୫୪୮୭ ଜଣ ଆବେଦନକାରୀଙ୍କ ଆବେଦନ ଖାରଜ ହୋଇଛି। ମୋଟ୍ ୧୬ ହଜାର ୭୨୩ ଜଣ ଆବେଦନକାରୀଙ୍କ କ୍ଷେତ୍ରୀୟ ତଦନ୍ତ କରାଯାଇ ୧୬ ହଜାର ୨୮୩ ଜଣଙ୍କୁ ଯୋଗ୍ୟ ଏବଂ ୪୪୦ ଜଣଙ୍କୁ ଅଯୋଗ୍ୟ ଚିହ୍ନଟ କରାଯାଇଛି।

# ୨୦ ଦିନ ପରେ ନିଖୋଜ ବରିଷ୍ଠ ନାଗରିକ ଉଦ୍ଧାର

କେନ୍ଦୁଝର,୨୯।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥଯାତ୍ରା ଭ୍ରମଣରେ ଯାଇଥିବା କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଟାଙ୍ଗିରୀ ଗ୍ରାମର ବରିଷ୍ଠ ନାଗରିକ ଜଗନ୍ନାଥ ନାୟକ ନିଖୋଜ ହୋଇଯାଇଥିଲେ। ଦୀର୍ଘ ୨୦ ଦିନ ପରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ପୋଲିସ ସହାୟତାରେ ବରିଷ୍ଠ ନାଗରିକ ଉଦ୍ଧାର ହୋଇଛନ୍ତି। ପ୍ରକାଶ ଯେ, ବରିଷ୍ଠ ନାଗରିକ ଗତ ୬ ତାରିଖରେ ଅନ୍ୟମାନଙ୍କ ସହିତ ବାଲେଶ୍ୱର ଯାଇ ସେଠାରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଉତ୍ତର ପ୍ରଦେଶ ରାଜ୍ୟର ବାରଣାସୀ ଯାଇଥିଲେ। ସେମାନେ ସାରନାଥରେ ରହିଥିବା ବେଳେ ୮ ତାରିଖ ରାତି ୧୦ ଟାରେ ହୋଟେଲରୁ ବାହାରି କୁଆଡ଼େ ଚାଲିଯାଇଥିଲେ। ଖୋଜାଖୋଜି କରାଯାଇଥିଲେ ହେଁ ମିଳି ନ ଥିଲେ। ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାରେ ସୂଚନା ଦିଆଯାଇଥିଲା। ତାଙ୍କୁ ଖୋଜିବା ପାଇଁ ସହକାରୀ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅନ୍ୟ ଜଣେ କର୍ମଚାରୀ ବିକ୍ରମ କେଶର ପାତ୍ର ଯାଇଥିଲେ। ତାଙ୍କ ପୁଅ ଲକ୍ଷ୍ମଣ ନାୟକ ମଧ୍ୟ ଯାଇଥିଲେ। ଦୀର୍ଘ ୨୦ ଦିନ ପରେ ତାଙ୍କର ପତ୍ତା ସେଠାରୁ ୨୦୦ କିମି ଦୂର ସୁଲତାନପୁର ଫାଣ୍ଡି ଅଞ୍ଚଳରୁ ମିଳିଥିଲା। ସେ ଚାଲି ଚାଲି ଏତେ ବାଟ ଭୁଲି ପଳାଇଥିଲେ। ତାଳଚେର ଆସିଥିବା ଭାବି ଘରକୁ ଚାଲି ଚାଲି ଫେରୁଥିବା କହିଥିଲେ। ସ୍ଥାନୀୟ ପୋଲିସ ଓ ରେଲୱେ ବିଭାଗର ଜିତେନ୍ଦ୍ରଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରହିଛି।


ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ ସହିତ ସାରନାଥ ପୋଲିସ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

## ଇସ୍ତଫା ଦେଲେ ଭଦ୍ରକ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା

ଭଦ୍ରକ, ୨୯।୧୧ (ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଅଧ୍ୟକ୍ଷଙ୍କ ପରେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେମାନେ ତାଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତିଙ୍କୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଉଥିବା ସେମାନେ ଦର୍ଶାଇଛନ୍ତି। କିଛିଦିନ ତଳେ ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ ଓ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ଭାଜପାରେ ସାମିଲ ହେବା ନେଇ ଭାଜପା ରାଜ୍ୟ ସଭାପତିଙ୍କୁ ଦରଖାସ୍ତ ଦେଇଥିଲେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଗୋଟିଏ ଦିନରେ ୩ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ବିଜେଡିରୁ ଇସ୍ତଫା ଦଳ ପାଇଁ କ୍ଷତି ପହଞ୍ଚାଇବ ବୋଲି ଚର୍ଚ୍ଚା ହେଉଛି।

## କଂଗ୍ରେସର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୩କୁ ଘୁଞ୍ଚିଲା

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଆବେଦନ ପାଇଁ ଶେଷ ତାରିଖ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦଳ ପାଇଁ ଦକ୍ଷ ପ୍ରବକ୍ତା, ଅଧିବକ୍ତା, ଗଣମାଧ୍ୟମ ସଂଯୋଜକ ନିମନ୍ତେ ଆବେଦନର ଶେଷ ତାରିଖ ରବିବାରକୁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ଏହା ମଧ୍ୟରେ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତି ବିଶେଷ ଏଥିପାଇଁ ଆବେଦନ କରିସାରିଛନ୍ତି। ଦରଖାସ୍ତକାରୀ ଏଥିପ୍ରତି ଆଗ୍ରହ ଦେଖି ଏବଂ ଅଧିକ ଲୋକଙ୍କୁ ଏଥିରେ ସୁଯୋଗ ଦେବାପାଇଁ ଆବେଦନର ଶେଷ ତାରିଖକୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ୍ ବିବୃତିରେ ଶନିବାର ଜଣାଇଛନ୍ତି।

DSPL-382
ସତ୍ୟମେବ ଜୟତେ
ଓଡିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
ଶିକ୍ଷାବର୍ଷ ୨୦୨୫-୨୬ ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି
ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍ (ODISHA STATE SCHOLARSHIP PORTAL) ମାଧ୍ୟମରେ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି କରାଯାଇଛି। ପରିବର୍ଦ୍ଧିତ ତାରିଖଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନିଜର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନବୀକରଣ/ ନୂତନ ଆବେଦନ କରିବାକୁ
http://www.scholarship.odisha.gov.in
ୟୁଆରଏଲ୍‌କୁ (URL ) ଯାଇ ଆବେଦନ କରନ୍ତୁ ।
ପରିବର୍ଦ୍ଧିତ ସମୟସୀମା
ଛାତ୍ର ସ୍ତର
ପୋର୍ଟାଲ୍ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ
ଶିକ୍ଷାନୁଷ୍ଠାନ ସ୍ତର
ପୋର୍ଟାଲ୍ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ
ଜିଲ୍ଲା ସ୍ତର
ପୋର୍ଟାଲ୍ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ
OIPR-26001/13/0022/2526

100 YEARS LEGACY
ବୈଦ୍ୟନାଥ
ଅସଲି ଆୟୁର୍ବେଦ
ଆପଣଙ୍କ ପରିବାରର ସ୍ୱାସ୍ଥ୍ୟ ଓ ରୋଗପ୍ରତିରୋଧକ ଶକ୍ତି ନିମନ୍ତେ
ବୈଦ୍ୟନାଥ ଚ୍ୟବନପ୍ରାଶର ସମ୍ପୂର୍ଣ୍ଣ ରେଞ୍ଜ




www.baidyanath.com
8969377738
9438464270

ଛୋଟ ସଞ୍ଚୟ କୁ ବଡ କରନ୍ତୁ
ଆଉ ବୀମା ବି ପାଆନ୍ତୁ



ଖାସ୍ ମହିଳାମାନଙ୍କ ପାଇଁ
ଏକ ଆକର୍ଷକ ପ୍ଲାନ
ମୂଳ ବୀମାକୃତ ରାଶି ପାଇଁ ପାଆନ୍ତୁ ଜୀବନ ବୀମା କଭର୍
ବୀମାକୃତ ରାଶି ଆଉ ଗ୍ୟାରଣ୍ଟୀଡ୍ ଆଡିଶନ୍ସ ପେମେଣ୍ଟ ପରିପକ୍ୱ ହେଲେ
ଅତିରିକ୍ତ ଆକର୍ଷକ ମନୀ ବ୍ୟାକ୍ ତିନୋଟି ପସନ୍ଦ ଅନୁସାରେ ଦେୟଯୋଗ୍ୟ
ଏଲଆଇସି'ର
ବୀମା ଲକ୍ଷ୍ମୀ
ପ୍ଲାନ ସଂଖ୍ୟା: 881 ୟୁଆଇଏନ୍ ସଂଖ୍ୟା: 512N389V01
ଅନ୍‌ଲାଇନ୍ ରେ ବି ଉପଲବ୍ଧ
ମନୀ ବ୍ୟାକ୍ ଥିବା ଲିମିଟେଡ ପ୍ରିମିଅମ ପେମେଣ୍ଟ ପ୍ଲାନ
ନିୟମିତ ଅନ୍ତରାଳରେ*
◆ ଟୋଟାଲ୍ ଟାବୁଲାର୍ ଆନୁଆଲ୍ ପ୍ରିମିଅମ ର କିଛି ଶତାଂଶ ରୂପେ ଗ୍ୟାରଣ୍ଟୀଡ୍ ଆଡିଶନ୍ସ
◆ ସର୍ଭାଇଭାଲ୍ ବେନିଫିଟ୍ ପେମେଣ୍ଟ ବାଛିବାକୁ/ତା'ର ଟାଇମିଙ୍ଗ ଡିଫର୍ କରିବାକୁ ତିନୋଟି ଆକର୍ଷକ ବିକଳ୍ପ
◆ ଅଟୋ କଭର୍ ସୁବିଧା ◆ ବୟସ ଯୋଗ୍ୟତା 18 ବର୍ଷରୁ 50 ବର୍ଷ
*ବାଛିଥିବା ସର୍ଭାଇଭାଲ୍ ବେନିଫିଟ୍ ବିକଳ୍ପ ଅନୁସାରେ
LIC
ଲାଇଫ ଇନ୍ସୁରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
ନନ୍ - ପାର୍, ନନ୍ - ଲିଙ୍କଡ, ଲାଇଫ୍, ଇଣ୍ଡିଭିଜୁଆଲ୍, ସେଭିଙ୍ଗସ ପ୍ଲାନ
LIC/P1/2025-26/17/Ori
ଦେଖନ୍ତୁ: licindia.in
(022) 6827 6827
8976862090
LIC India Forever | IRDAI Regn No.: 512

ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ପ୍ରତିଶୋଧାତ୍ମକ ପଦକ୍ଷେପ



ଆକାର ପଟେଲ

ଗତ ମାସରେ ଏସିଆରୁ ପାକିସ୍ତାନ ଓ ଇରାକ ସହିତ ଭାରତ ଜାତିସଂଘ ମାନବାଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)କୁ ନିର୍ବାଚିତ ହୋଇଥିଲା। ୟୁଏନ୍‌ଏଚ୍‌ଆର୍‌ସି କହେ, ସାରା ବିଶ୍ୱରେ ମାନବାଧିକାରର ପ୍ରୋତ୍ସାହନ ଓ ସୁରକ୍ଷାକୁ ସୁଦୃଢ଼ କରିବା ଏହାର ଦାୟିତ୍ୱ। ୟୁଏନ୍‌ଏଚ୍‌ଆର୍‌ସିକୁ ନିର୍ବାଚିତ ହେବା ପାଇଁ ଭାରତ ସରକାର ବହୁ କିଛି କରିଥିଲେ। ଆହୁରି କୁହାଯାଇଛି, ଏହି ନିର୍ବାଚନ ମାନବ ଅଧିକାର ଏବଂ ମୌଳିକ ସ୍ୱାଧୀନତା ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମୁଁ ଏକ ନିର୍ଦ୍ଦିଷ୍ଟ ଘଟଣା ଉପରେ ଆଲୋକପାତ କରିବାକୁ ଚାହେଁ, ଯାହା ଭାରତରେ ମାନବାଧିକାର ସ୍ଥିତିକୁ ଦର୍ଶାଇବ। ଏହି କ୍ଷେତ୍ରରେ ଯେଉଁମାନଙ୍କ ଅଧିକାରକୁ ଜାଣିଶୁଣି ଉଲ୍ଲଂଘନ କରାଯାଇଛି, ସେମାନଙ୍କ ପ୍ରତି ଭାରତର ଦୃଷ୍ଟିଭଙ୍ଗୀକୁ ବିଚାର କରାଯିବା ଉଚିତ। ୨୨ ନଭେମ୍ବର ୨୦୨୫ରେ ବିନା ବିଚାରରେ ଖୁରାମ ପର୍‌ଭେଜ ୪ ବର୍ଷ ବନ୍ଦୀ ଜୀବନ ପୂରଣ କରିଛନ୍ତି। ସେ ଦିଲ୍ଲୀ ରୋହିଣୀ ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି। ତାଙ୍କ ସ୍ତ୍ରୀ ଏବଂ ଦୁଇ ଛୋଟ ପିଲା କଶ୍ମୀରରେ ଏକ ନ୍ୟାୟିକ ବିଚାର ପାଇଁ ଅପେକ୍ଷା କରିଥିଲେ ବି ତାହାକୁ ସ୍ଥାନାନ୍ତର କରାଯିବାକୁ ମନାକରାଯାଇଛି। ଭାରତର ଆତଙ୍କବାଦ ବିରୋଧୀ ଆଇନଭାବେ ଜଣାଶୁଣା ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ବା ୟୁଏପିଏକୁ ମାନବାଧିକାର ସୁରକ୍ଷାକାରୀଙ୍କ ମୁହଁ ବନ୍ଦକରିବା ପାଇଁ ବ୍ୟବହାର କରାଯିବାରେ ତାଙ୍କ ଜେଲଦଣ୍ଡ ଏକ ବଡ଼ ତଥା ପ୍ରତୀକାତ୍ମକ ଉଦାହରଣ। ଏପରିକି ନୂତନ ଭାରତରେ ଜମ୍ମୁ ଏବଂ କଶ୍ମୀର ଅବୈଧ ହତ୍ୟା, ଦଣ୍ଡମୂଳକ ଘର ଭାଙ୍ଗିବା, ମନମୁଖି ଗିରଫଦାରି, ବେଆଇନ ନଜରବନ୍ଦୀ ଏବଂ ଯାତ୍ରା ପ୍ରତିବନ୍ଧକର ପ୍ରତ୍ୟକ୍ଷ ସାକ୍ଷୀ ସାଜିଛି। ଏଠାରେ ଏକ ନିର୍ବାଚିତ ସରକାରଙ୍କୁ କେନ୍ଦ୍ର ସରକାର କ୍ଷମତା ଶୂନ୍ୟ କରିଦେଇଛନ୍ତି, ଯାହା ଚଳିତ ସପ୍ତାହରେ ଜଣେ ସାମ୍ବାଦିକଙ୍କ ଘର ଭାଙ୍ଗିବା ଘଟଣାରୁ ଜାଣିପାରିବା। ଏହିସବୁ କାରଣରୁ ଖୁରାମ ପର୍‌ଭେଜ ସେଠାକାର ନିର୍ଯାତନାକୁ ଲିପିବଦ୍ଧ କରିବା ଆବଶ୍ୟକତା ଥିଲା, ଅପରିହାର୍ଯ୍ୟ ମଧ୍ୟ। ୨ ଦଶନ୍ଧି ଧରି ପର୍‌ଭେଜ କଶ୍ମୀରର ଜଣେ ସମ୍ମାନିତ ଏବଂ ଜଣାଶୁଣା ମାନବାଧିକାର ସ୍ୱର ଥିଲେ ବୋଲି ମୁଁ ଏହା ନିଶ୍ଚିତକରି କହିପାରେ। କାରଣ ମୁଁ ଯେଉଁ ବିଶ୍ୱସ୍ତରୀୟ ପ୍ୟାନେଲରେ ଅଛି ସେଠାରେ ତାଙ୍କ ଜେଲଦଣ୍ଡ ବିଷୟରେ ଗମ୍ଭୀର ଆଲୋଚନା କରାଯାଇଛି।

ଜମ୍ମୁ-କଶ୍ମୀର କୋଆଲିସନ ଅଫ୍ ସିଭିଲ ସୋସାଇଟି (ଜେକେସିସିଏସ୍)ର କାର୍ଯ୍ୟକ୍ରମ ସଂଯୋଜକ ଭାବେ ପରଭେଜ ଏକ ସବୁଠୁ ବିଶ୍ୱସନୀୟ ମାନବାଧିକାର ଗୋଷ୍ଠୀ ଗଠନ କରିବାରେ ସାହାଯ୍ୟ କରିଥିଲେ। ନିର୍ଯାତନା, ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ଏବଂ ନିଖୋଜ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାରେ ଜେକେସିସିଏସ୍ କାର୍ଯ୍ୟ କରିଥିଲା। ଫଳରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଏ ସଂକ୍ରାନ୍ତୀୟ କଶ୍ମୀରର ୨୦୧୮ ଏବଂ ୨୦୧୯ ରିପୋର୍ଟ ଉପରେ ଅଧିକ ନିର୍ଭର କରିଥିଲେ। ଏହା ସ୍ପଷ୍ଟ ଯେ, ଏହି କାର୍ଯ୍ୟ ପାଇଁ ପର୍‌ଭେଜଙ୍କୁ ଟାର୍ଗେଟ କରାଯାଇଥିଲା। ୨୧ ନଭେମ୍ବର ୨୦୨୧ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତାଙ୍କୁ ଆତଙ୍କବାଦୀ ପାଣ୍ଠି ସଂଗ୍ରହ କରିବା, ଷଡ଼ଯନ୍ତ୍ର ଏବଂ ରାଷ୍ଟ୍ର ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ଗିରଫ କରିଥିଲା। ହେଲେ ୪ବର୍ଷ ପରେ ତାଙ୍କ ମାମଲାର ବିଚାର ଆରମ୍ଭ ହୋଇନାହିଁ। ପର୍‌ଭେଜ ଏବେ ଜେଲରେ ଅଛନ୍ତି ଏବଂ କେବେ ଓ କେତେବେଳେ ତାଙ୍କୁ କୋର୍ଟ ରୁମ୍‌ରେ ଦେଖିବାକୁ ମିଳିବ ତାହା କହିହେଉନାହିଁ। ସେ ଏକା ନୁହନ୍ତି, ମାର୍ଚ୍ଚ ୨୦୨୩ରେ ଜେକେସିସିଏସ୍ ସହ ଜଡ଼ିତ ସାମ୍ବାଦିକ ଇର୍‌ଫାନ ମେହରାଜଙ୍କୁ ମଧ୍ୟ ସେହି ମାମଲାରେ ଗିରଫ କରାଯାଇଥିଲା। ସେହି ବର୍ଷ ଅଗଷ୍ଟରେ ଜେକେସିସିଏସ୍ ପ୍ରତିଷ୍ଠାତା ପର୍‌ଭେଜ ଇମ୍‌ରୋଜ୍‌ଙ୍କ ଘରେ ଏନ୍‌ଆଇଏ ଚଢ଼ାଉକରି ପଚରାଉଚରା ପାଇଁ ତାଙ୍କୁ ଦିଲ୍ଲୀ ଡକାଇଥିଲା। ଆଇନର ଆଧାର ନ ଥାଇ ଚଢ଼ାଉ ଏବଂ ସମନ ଜାରି କରିବା ବାସ୍ତବରେ ସଙ୍ଗଠନ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ବାଧକ।

ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନଗୁଡ଼ିକ ଏ ସମ୍ପର୍କରେ ବାରମ୍ବାର ଚିନ୍ତା ପ୍ରକଟ କରିଛନ୍ତି। ଜୁନ୍ ୨୦୨୩ରେ ମନମୁଖି ଅଟକ ଉପରେ କାର୍ଯ୍ୟକରୁଥିବା ଜାତିସଂଘର ୱାର୍କିଂଗ୍ରୁପ୍ ପର୍‌ଭେଜଙ୍କ ଅଟକକୁ ମନମୁଖି କହିବା ସହ ତାଙ୍କୁ ମୁକ୍ତ କରିବାକୁ ଦାବି କରିଥିଲା। ହେଲେ ଆଜି ପର୍ଯ୍ୟନ୍ତ ଭାରତୀୟ କର୍ତ୍ତୃପକ୍ଷ ୱାର୍କିଂଗ୍ରୁପ୍‌ର ନିର୍ଦ୍ଦେଶ ପାଳନ କରିନାହାନ୍ତି କିମ୍ବା ଏବକାର ସ୍ଥିତି ବିଷୟରେ କିଛି ବି ଜଣାଇନାହାନ୍ତି। ପର୍‌ଭେଜ ଜାତିସଂଘ ସହ ଜଡ଼ିତ ହୋଇ ପ୍ରତିଶୋଧର ସମ୍ମୁଖୀନ ହେବା ପ୍ରଥମ ଘଟଣା ନୁହେଁ। ସେପ୍ଟେମ୍ବର ୨୦୧୬ରେ ମାନବାଧିକାର ପରିଷଦ ଅଧିବେଶନରେ ଯୋଗଦେବା ପାଇଁ ତାଙ୍କ ଜେନେଭା ଗସ୍ତକୁ ରୋକାଯାଇ ୭୬ ଦିନ ଅଟକ ରଖାଯାଇଥିଲା। ବିଭିନ୍ନ ପ୍ରତିଶୋଧାତ୍ମକ ପଦକ୍ଷେପ ସମ୍ପର୍କିତ ଜାତିସଂଘ ମହାସଚିବଙ୍କ ବାର୍ଷିକ ରିପୋର୍ଟରେ ୨୦୧୮ରୁ ପ୍ରତିବର୍ଷ ପର୍‌ଭେଜଙ୍କ ମାମଲା ଅନ୍ତର୍ଭୁକ୍ତ କରାଯାଇଆସିଛି। ୟୁଏପିଏରେ ବିଚାର ପୂର୍ବରୁ ୧୮୦ ଦିନ ଅଟକ ଅବଧି ଏବଂ ଏହାର ବୃଦ୍ଧିକୁ ନେଇ ଅକ୍ଟୋବର ୨୦୨୩ରେ ଜାତିସଂଘର ମାନବାଧିକାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଥିଲେ। ଏହା ଅତ୍ୟଧିକ ବୋଲି ସେମାନେ କହିଥିଲେ ଏବଂ ଭାରତକୁ ଅନ୍ତର୍ଜାତୀୟ ମାନବାଧିକାର ମାନଦଣ୍ଡ ଅନୁଯାୟୀ ଏହି ଆଇନରେ ସଂସ୍କାର ଆଣିବାକୁ ଅନୁରୋଧ କରିଥିଲେ।

ପ୍ରାୟ ୨ ଦଶନ୍ଧି ଧରି ଅନେକ ଲକ୍ଷ କଶ୍ମୀରୀ ସମ୍ମୁଖୀନ ହେଉଥିବା ମାନବାଧିକାର ଉଲ୍ଲଂଘନକୁ ପର୍‌ଭେଜ ଏବଂ ଜେକେସିସିଏସ୍ ସାମ୍ନାକୁ ଆଣିଥିଲେ। ଏବେ ଭାରତରେ ଆତଙ୍କବାଦ ନିରୋଧୀ ଆଇନର ଅପବ୍ୟବହାରରେ ସର୍ବାଧିକ ଶିକାର ହୋଇଛନ୍ତି ପର୍‌ଭେଜ। ତାଙ୍କ ମାମଲା ଦର୍ଶାଏ, ସବୁଠି ମାନବାଧିକାର ସୁରକ୍ଷା କର୍ମୀ ବିପଦର ସମ୍ମୁଖୀନ ହେଉଛନ୍ତି। ସେମାନେ କ୍ଷମତାକୁ ଚ୍ୟାଲେଞ୍ଜ କରି ଦେଶର ଶତ୍ରୁ ପାଲଟିଛନ୍ତି। ଭାରତରେ ଆଇନର ଅପବ୍ୟବହାର ବିଷୟରେ ଯେଉଁମାନେ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରନ୍ତି କିମ୍ବା କୁହନ୍ତି ସେମାନଙ୍କୁ ପ୍ରତିଶୋଧାତ୍ମକ ପଦକ୍ଷେପର ସାମ୍ନା କରିବାକୁ ପଡୁଛି। ଏଣୁ ଭାରତ ନିଜକୁ ଆଇନର ଶାସନ ଦ୍ୱାରା ପରିଚାଳିତ ଏକ ଦେଶ ବୋଲି ଦାବି କରିପାରିବ ନାହିଁ। ଖୁରାମ ପର୍‌ଭେଜଙ୍କୁ ଗିରଫ କରାଯିବା ଉଚିତ ନୁହେଁ। ଜଣେ ମାନବାଧିକାର ସୁରକ୍ଷା କର୍ମୀଙ୍କୁ ଗୋଟିଏ ଦିନ ଅଟକ ରଖିବା ଅନ୍ୟାୟ। ତଥାପି ସେ ୪ବର୍ଷରୁ ଅଧିକ ସମୟ ଜେଲରେ ବିତାଇସାରିଲେଣି। ମାନବ ଅଧିକାର ଉପରେ ଭାରତ ଯେଉଁ ଗଳାଫଟେଇ କହୁଛି ଏହା ତାହାର ବିପରୀତ ସ୍ଥିତିକୁ ଦର୍ଶାଉଛି। ଏହା ସହ ଜାତିସଂଘ ମାନବାଧିକାର ପରିଷଦରେ ନିଜର ସ୍ଥାନ ହାସଲକରି ସାରା ବିଶ୍ୱରେ ମାନବାଧିକାର ପ୍ରଚାର ଏବଂ ସୁରକ୍ଷାକୁ ମଜଭୁତ କରୁଛି ବୋଲି ଯାହା ଦର୍ଶାଉଛି ତାହା କେବଳ ଏକ ଛଳନା।

Email:aakar.patel@gmail.com

# ଗଣତନ୍ତ୍ରର ସଂଜ୍ଞା ଓ ସ୍ୱରୂପ



ହରିଶଙ୍କର ମିଶ୍ର

ଆମର ପ୍ରାଥମିକ ଶିକ୍ଷା ସମୟରେ ଗଣତନ୍ତ୍ରର ସଂଜ୍ଞାରେ କୁହାଯାଇଥାଏ ଯେ ଏହା ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଶାସନ। ଏହା ମଧ୍ୟ କୁହାଯାଏ ଯେ ସୁଶାସନଠାରୁ ସ୍ୱଶାସନ ଭଲ। ସ୍କୁଲଗୁଡ଼ିକରେ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସରେ ଯେଉଁମାନଙ୍କ ବଳିଦାନ ଏବଂ ନେତୃତ୍ୱ ଦେଶକୁ ପରାଧୀନ ଶୃଙ୍ଖଳାରୁ ମୁକ୍ତ କରିବାରେ ସହାୟକ ହୋଇଥିଲା ତାଙ୍କର ସ୍ମୃତିଚାରଣ କରାଯାଏ। କିନ୍ତୁ ଉଚ୍ଚ ଶିକ୍ଷା ପରେ ସେଇ ଛାତ୍ରୀଛାତ୍ରମାନେ ଜାଣନ୍ତି ଯେ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନୋତ୍ତର ବିଖଣ୍ଡିତ ଭାରତ ସମ୍ପର୍କରେ ଇତିହାସ ସ୍ପଷ୍ଟ ଏବଂ ନିରପେକ୍ଷ ନୁହେଁ। ଏବେ ବି ଦେଶର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଅନେକ ଘଟଣା ଅନାଲୋଚିତ ଏବଂ ରହସ୍ୟମୟ ତଥା ବିବାଦୀୟ ହୋଇ ରହିଛି। ସାଧୀନୋତ୍ତର ଭାରତ ଓ ସାମ୍ପ୍ରତିକ ସ୍ଥିତିକୁ ଗଭୀର ଭାବେ ଅନୁଶୀଳନ କଲେ ଆମ ଦେଶର ଗଣତାନ୍ତ୍ରିକ ସ୍ଥିତି ଓ ଉପଯୋଗ ସମସ୍ତ ଲୋକ ପରିବର୍ତ୍ତେ କିଛି ଲୋକଙ୍କ ଦ୍ୱାରା କିଛି ଲୋକଙ୍କ ପାଇଁ ଏବଂ କିଛି ଲୋକଙ୍କର ବେଶ୍ ଉପଭୋଗ୍ୟ ହୋଇଥିବା ଜଣାଯାଏ।

ଦେଶ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ବର୍ଷ ପରେ ମଧ୍ୟ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ କୌଣସି ବ୍ୟକ୍ତି ବା ରାଜନୈତିକ ଦଳର ଆଭିମୁଖ୍ୟ ଏବେ ଅବୋଧ। ସେମାନଙ୍କ ପାଇଁ ଗଣତନ୍ତ୍ରର ସ୍ୱାଦ ଖଟା ବା ମିଠା ତାହା ଜାଣିବାର ଅବକାଶ ବା ଆବଶ୍ୟକତା ନ ଥାଏ। ସେମାନେ ଅନୁଭବ କରନ୍ତି ଯେ କ୍ଷମତା ଧନ ପ୍ରତିପତ୍ତିରେ କିଛି ଲୋକ ନିଶ୍ଚିତ ସ୍ୱତନ୍ତ୍ର। ଦେଶର ଅମୃତ ମହୋତ୍ସବ ପାଳନ ସମ୍ପର୍କରେ ଜାଣିବା ସେମାନଙ୍କ ପାଖରେ ମୂଲ୍ୟହୀନ। କିଛି ଲୋକ ମଧ୍ୟ ପାଉଥିବା ସମସ୍ତ ସରକାରୀ ସୁବିଧାର ଶ୍ରେୟ ସାମୂହିକ ବା ସରକାର ପରିବର୍ତ୍ତେ କୌଣସି ବ୍ୟକ୍ତିଙ୍କୁ ଦେଇଥାନ୍ତି ଏବଂ ମାନସିକ ସ୍ତରରେ ତାଙ୍କୁ ସରକାର ବୋଲି ସ୍ୱୀକାର କରନ୍ତି। ଗଣତନ୍ତ୍ର ଶାସନରେ କୌଣସି ନିର୍ଦ୍ଦିଷ୍ଟ ଶାସକ ନ ଥିବାରୁ ଯିଏ ଲୋକଙ୍କ ପାଖରେ ଗ୍ରହଣୀୟ ସେ ହିଁ ସରକାର କିନ୍ତୁ ତାଙ୍କ ଉପରେ ଉତ୍ତର ଦାୟିତ୍ୱ ନଥାଏ। ସେଥିପାଇଁ ଗଣତନ୍ତ୍ର ଶାସନରେ ସମସ୍ତଙ୍କ ଅଧିକାର ସମାନ ବୋଲି କେବଳ ପାଠ୍ୟପୁସ୍ତକ ଓ ରାଜନୈତିକ ନେତାଙ୍କ ଭାଷଣରେ ସୀମିତ ରହିଥିବା ବେଳେ ଆମ ଦେଶର ନାଗରିକ କେବଳ ଭୋଟ ଦାନ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ସମାନ ଅଧିକାର ପ୍ରାପ୍ତ ନୁହନ୍ତି। ଗଣତନ୍ତ୍ର ଶାସନରେ ଏଇ ଅନୁଭବ ମଧ୍ୟ ଆସେ ଯେ ରାଜନୈତିକ ପୃଷ୍ଠଭୂମି ବା ଆର୍ଥିକ ସ୍ଥିତିରେ ଦୃଢ଼ ଥିବା ନତୁବା ଶାସନକୁ ଯେକୌଣସି ଭାବରେ ପ୍ରଭାବିତ କରିପାରୁଥିବା ବିବିଧ କ୍ଷମତାପ୍ରାପ୍ତ ଗୋଷ୍ଠୀର ଅଧିକାର ସତନ୍ତ୍ର ଏବଂ ଉପଭୋଗ୍ୟ। ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ରାଷ୍ଟ୍ର ସ୍ୱାର୍ଥ ପ୍ରତି ସମର୍ପିତ ହେବା ଜରୁରୀ। କିନ୍ତୁ ଏପର୍ଯ୍ୟନ୍ତ ଦେଶକୁ ଶାସନ କରିଥିବା କୌଣସି ରାଜନୈତିକ ଦଳ ଲୋକଙ୍କ ମନରେ ଏହା ସୃଷ୍ଟି କରି ପାରିନାହାନ୍ତି ବା କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ମନେ କରିନାହାନ୍ତି। ବରଂ ସେମାନେ ଲୋକଙ୍କ ପ୍ରଦତ୍ତ ରାଜସ୍ୱର କିୟଦଂଶ ସେମାନଙ୍କ ପାଇଁ ବିନିମୟରେ ନିରଙ୍କୁଶ କ୍ଷମତା ଭୋଗ ଲକ୍ଷ୍ୟ ରଖନ୍ତି। ସେମାନେ ଜାଣନ୍ତି ଯେ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ସେମାନଙ୍କ ଦାୟିତ୍ୱ ଓ ଅଧିକାର ପ୍ରତି ସଚେତନ ହୋଇଗଲେ ରାଷ୍ଟ୍ର ବା ରାଜ୍ୟର ପ୍ରତ୍ୟେକ ନିର୍ବାଚନ ନିଶ୍ଚିତ ଗୋଟିଏ ଗୋଟିଏ ନୀରବ ସଂଗ୍ରାମରେ ରୂପାନ୍ତର ହୋଇଯିବ। ଦେଶ ସ୍ୱାଧୀନ ହେବା ସମୟରେ କ୍ଷମତାପ୍ରାପ୍ତ ବ୍ୟକ୍ତି ବିଶେଷ ଏହାକୁ ଦୃଷ୍ଟିରେ ରଖି ବୋଧହୁଏ ନିର୍ବାଚନରେ ପ୍ରାର୍ଥୀ, ଦଳର ଆଭିମୁଖ୍ୟ ପରିବର୍ତ୍ତେ ନିର୍ବାଚନରେ ଚିହ୍ନକୁ ଗୁରୁତ୍ୱ ଦେଇଥିଲେ।



ଗଣତନ୍ତ୍ର ଶାସନରେ ସମସ୍ତ ତଥ୍ୟ ଜାଣିବା ବା ନୀତି ନିର୍ଦ୍ଧାରଣରେ ସଂଶ୍ଳିଷ୍ଟ ହେବାର ଅଧିକାର ସଭିଙ୍କର ଥାଏ। କିନ୍ତୁ ଆମ ଦେଶରେ ସ୍ୱାଧୀନତା ଏପରି ବଣ୍ଟନ ହୋଇଛି ଯେ ପ୍ରତିନିଧି ଭାବରେ ନିର୍ବାଚିତ ସାଂସଦ ଓ ବିଧାୟକଙ୍କ ପ୍ରାପ୍ୟ ଏବଂ ସମସ୍ତ ଆଚରଣ ବ୍ୟବସ୍ଥା ବା ମାନ୍ୟକ୍ରମ ଓ ଦାପ୍ତରିକ ସୁଯୋଗ ସହ ପେନସନ ପାଇଁ ନିୟମ ସେଇମାନେ ପ୍ରଣୟନ କରନ୍ତି। ପ୍ରଶାସନର ମୁଖ୍ୟ ଭାଗରେ ଥିବା ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ନିଜର ପ୍ରାପ୍ୟ ସହ ସମସ୍ତ ସରକାରୀ ସୁଯୋଗ ଏବଂ ଦାପ୍ତରିକ ଆଦବ କାଇଦା ନିର୍ଣ୍ଣୟ କରନ୍ତି। ଗଣତନ୍ତ୍ରର ଅନ୍ୟ ସ୍ତମ୍ଭ କୁହାଯାଉଥିବା ବିଚାର ବିଭାଗ ମଧ୍ୟ ସେମାନଙ୍କ ମାସିକ ବେତନ ସହ ଅନ୍ୟାନ୍ୟ ପ୍ରାପ୍ୟ ଏବଂ ନିଜ ପାଇଁ ମାନ୍ୟକ୍ରମ ତଥା ସାମାଜିକ ଓ ଦାପ୍ତରିକ ନିରାପତ୍ତା ନିଜେ ନିର୍ଣ୍ଣୟ କରିପାରନ୍ତି ଏବଂ ଦେଶର ସାଧାରଣ ନାଗରିକ ନ୍ୟାୟ ପାଇଁ ଡହଳବିକଳ ହେଉଥିବା ବେଳେ ମାମଲାର ଗୁରୁତ୍ୱ ପରିବର୍ତ୍ତେ ସେମାନେ ନିଜ ପାଇଁ ଶକ୍ତ ସୁରକ୍ଷା ବଳୟ ସୃଷ୍ଟିକୁ ନିଜର ମର୍ଯ୍ୟାଦା ଭାବରେ ବିବେଚନା କରନ୍ତି। ଏଥିରେ ପ୍ରତିବାଦ ବା ଅସନ୍ତୋଷକୁ ବ୍ୟବସ୍ଥାର ଅବମାନନା ଭାବରେ ବିଚାର ହୁଏ। ବେଳେ ବେଳେ ଏଇ ତିନି ବର୍ଗ ମଧ୍ୟରେ କ୍ଷମତାର ମାତ୍ରାକୁ ନେଇ ଏଭଳି ପ୍ରତିଯୋଗିତା ଚାଲିଥାଏ ଯେ ସେମାନେ ନିଜ ଉପରେ ନ୍ୟସ୍ତ ସମସ୍ତ ନୈତିକ ଦାୟିତ୍ୱର ହିତାଧିକାରୀ ସ୍ୱୟଂ ଜନସାଧାରଣ ବୋଲି ଭୁଲିଯାଆନ୍ତି। ବରଂ ଉତ୍ତରଦାୟୀ ହୋଇ ନିଜର ମର୍ଯ୍ୟାଦା ହାନି ଭାବରେ ଗ୍ରହଣ କରନ୍ତି। ସେଥିପାଇଁ ଦେଶକୁ ସ୍ୱାଧୀନ କରିବାକୁ ଜୀବନ ବାଜିରେ ଲଗାଇଥିବା ସେଇ ଦିବଂଗତ ବା ବିଦ୍ୟମାନ ବ୍ୟକ୍ତି ବିଶେଷ କେବେ ବି ଦେଶର ଏପରି ଭବିଷ୍ୟତ ଆଶା କରିନଥିବେ।

ଏହା ସତ୍ୟ ଯେ ଏଯାବତ ଆମର ସଂସ୍କୃତି ସମ୍ପନ୍ନ ସାଧୀନ ରାଷ୍ଟ୍ର ଗଠନର ସ୍ୱାଦ ଅନୁଭ ବା ଫଳପ୍ରଦ ହୋଇନାହିଁ। ବରଂ ଶାସନ ତନ୍ତ୍ରଠାରୁ ବିଚାର ବ୍ୟବସ୍ଥାରେ ସାହେବୀ ଢାଞ୍ଚା ଏବେ ବି ପୂର୍ଣ୍ଣ ମାତ୍ରାରେ ପରିସ୍ଫୁଟ ହେଉଛି। ଦେଶ ସ୍ୱାଧୀନ ହେବାପରେ ବହୁ ଦେଶର ଶାସନ ଖସଡ଼ା ଅନୁକରଣରେ ପ୍ରସ୍ତୁତ ସମ୍ବିଧାନ ୭୫ ବର୍ଷରେ ୧୨୪ ଥର ସଂଶୋଧନ ହୋଇସାରିଛି ଏବଂ ଭବିଷ୍ୟତରେ ମଧ୍ୟ ଏକାଧିକବାର ସଂଶୋଧନ ହୋଇପାରେ। ସାଧୀନତା ପରେ ଆମ ଦେଶ ନିଜସ୍ୱ ଜ୍ଞାନ କୌଶଳ ଉଦ୍ଭାବନ ଓ ଉପଯୋଗରେ ଯଥେଷ୍ଟ ଉନ୍ନତି କରିଛି। ଖାଦ୍ୟ ଉତ୍ପାଦନ ସହ ଅନେକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାସହ ପୃଥିବୀରେ ଏକ ଉନ୍ନତ ଦେଶ ଓ ବିକଶିତ ଶକ୍ତି ଭାବରେ ନିଜର ସ୍ଥିତି ଜାହିର କରିପାରିଛି। କିନ୍ତୁ ଯେଉଁମାନେ ଦେଶର ଉନ୍ନତି ଓ ନୂତନ ଜ୍ଞାନ କୌଶଳକୁ ପରିବର୍ଦ୍ଧିତ କରିଛନ୍ତି ସେମାନଙ୍କ ସଫଳତାର ଶ୍ରେୟ ଶାସନ ଖସଡ଼ା ଧରିଥିବା ବ୍ୟକ୍ତିଙ୍କ ଦ୍ୱାରା ଅପହୃତ ହୋଇ ଚାଲିଛି। ଦେଶର ନାଗରିକଙ୍କ କର୍ତ୍ତବ୍ୟ ଓ ଅଧିକାର କେବଳ ନିର୍ବାଚନ ସମୟରେ ଖଣ୍ଡିଏ ଭୋଟରେ ସୀମିତ ରହୁଛି।

ଆମ ଗଣତନ୍ତ୍ରର ପରିଭାଷା ଏପରି ନିର୍ଣ୍ଣିତ ହୋଇଛି ଯେ ମାତ୍ର ୩୦ ଶତାଂଶ ନାଗରିକଙ୍କ ସମର୍ଥନ ପାଇ ୭୦ ଶତାଂଶ ନାଗରିକଙ୍କ ବିରୋଧ ସତ୍ତ୍ୱେ କୌଣସି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ହୋଇ ଶାସନ ତନ୍ତ୍ରକୁ ନିୟନ୍ତ୍ରଣ କରିପାରୁଛି। ଲୋକଙ୍କ ଟିକସ ଦେୟ ଓ ପ୍ରାକୃତିକ ସମ୍ପଦର ସୁପରିଚାଳନା ପରିବର୍ତ୍ତେ ଦୁର୍ନୀତି ଓ ରାଜସ୍ୱ ଲୁଣ୍ଠନ ପାଇଁ ଖସଡ଼ା ପ୍ରସ୍ତୁତ ହେଉଛି। ଅର୍ଥ ଓ କ୍ଷମତାର ବଳ ମାଧ୍ୟାକର୍ଷଣ ଶକ୍ତିଠାରୁ ଅଧିକ ବଳଶାଳୀ ସାବ୍ୟସ୍ତ ହେଉଛି। ବୈଦେଶିକ ଋଣ ଭାରରୁ ରାଜ୍ୟରେ ଜନ୍ମ ନେଉଥିବା ପ୍ରତ୍ୟେକ ଶିଶୁ ମୁଣ୍ଡରେ ତିନି ହଜାର ଟଙ୍କା ବୈଦେଶିକ ଋଣ ରହୁଛି। ଏସବୁ କେବଳ ଗଣତାନ୍ତ୍ରିକ ରାଷ୍ଟ୍ର ଯୋଗୁସମ୍ଭବ ହୋଇ ପାରିଥିବାରୁ ଗଣତନ୍ତ୍ରର ଜୟଗାନ ତଥାକଥିତ ଜନ ସେବକଙ୍କଠାରୁ ପ୍ରଶାସନିକ ବା ଆଇନ ରକ୍ଷକଙ୍କ ପାଇଁ ରକ୍ଷା କବଚ ହୋଇଛି। ଦେଶ ସ୍ୱାଧୀନ ହେବାପରେ ଯେଉଁମାନେ ଗଣତନ୍ତ୍ରର ସ୍ୱାଦ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦାୟିତ୍ୱ ନେଲେ ସେମାନେ ଗଣତନ୍ତ୍ର ରୁପୀ ଡଙ୍ଗାର ମଙ୍ଗକୁ ଏଭଳି ମୋଡ଼ି ଦେଇଛନ୍ତି ଯେ ତାହା ନିର୍ବାଚନକୁ ବ୍ୟୟବହୁଳ କରିବା ସହ ଦାପ୍ତରିକ ବା ନ୍ୟାୟାଳୟ ପରିସର ଜନସାଧାରଣଙ୍କ ପାଇଁ ଦୟାର କ୍ଷେତ୍ର ପରିବେଶକୁ ସୁସ୍ପଷ୍ଟ କରୁଛି। ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ ପରିବର୍ତ୍ତେ ତାକୁ ଜଟିଳତା ମଧ୍ୟକୁ ନେବା ମଧ୍ୟ ଆମ ଗଣତନ୍ତ୍ର ଅନ୍ୟତମ ସଫଳତା ହୋଇସାରିଛି।

୧୧୩-ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନିଷ୍କ୍ରିୟ ଜମାଖାତାର ଅର୍ଥରାଶି



ଡ. ତପନ କୁମାର ପାଳ

ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବ୍ୟାଙ୍କିଙ୍ଗ ସେବା ଦିନକୁ ଦିନ ଏପରି ବ୍ୟବସ୍ଥିତ ହେଉଛି ଯେ ଯାହାଦ୍ୱାରା ଲୋକମାନେ ହାତପାହାନ୍ତାରେ ନିଜ ମୋବାଇଲ ଦ୍ୱାରା ସମସ୍ତ ଦେଣନେଣ କରିପାରୁଛନ୍ତି। ତେବେ ବ୍ୟାଙ୍କରେ ଅର୍ଥ କାରବାର ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କେବଳ ଗ୍ରାହକମାନଙ୍କ ଭିତରେ ନୁହେଁ ପ୍ରାୟ ସମସ୍ତଙ୍କ ଭିତରେ ସୃଷ୍ଟି ହୋଇଥାଏ, ତାହା ହେଉଛି ଦୀର୍ଘ ଦିନ ଧରି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଇନ୍‌ଅପରେଟିଭ ଓ ବେୱାରିସ ଜମାଖାତାଗୁଡ଼ିକର ପଇସା ଯାଏ କୁଆଡ଼େ? ଏହାକୁ କିଏ ହଡ଼ପ କରି ନେଇଯାଏ ନାହିଁ ତ? ବହୁ ବର୍ଷ ପରେ ଯଦି ଉତ୍ତରାଧିକାରୀମାନେ ମୃତକଙ୍କର ବ୍ୟାଙ୍କ ଜମାଖାତାରେ ଥିବା ଟଙ୍କାର ସନ୍ଧାନ ପାଆନ୍ତି ତା'ହେଲେ ତାହାକୁ ଆଦାୟ କରାଯାଇ ପାରିବ ନା ନାହିଁ?



ସାଧାରଣରେ ବ୍ୟବସ୍ଥାଟି ହେଉଛି ଏହା ଯେ ଜଣେ ବ୍ୟାଙ୍କରେ ଖାତା ଖୋଲିଥିବା ବା ଜମାକାରୀ ଜଣଙ୍କର ମୃତ୍ୟୁ ହୋଇଯିବା ପରେ ତାଙ୍କ ନିକଟ ପରିଜନ ବିଶେଷକରି ଉତ୍ତରାଧିକାରୀମାନଙ୍କ ପାଖରେ ସୂଚନା ନ ଥିବା କାରଣ ପାଇଁ ବର୍ଷ ବର୍ଷ ଧରି ବ୍ୟାଙ୍କ ଜମାଖାତାରେ ଟଙ୍କା ଅଯଥାରେ ପଡ଼ିରହେ। ଏହା ବ୍ୟତୀତ କେତେକ କ୍ଷେତ୍ରରେ ପାସ୍‌ବୁକଧାରୀ ବା ଜମାକାରୀ ଜଣକ କୌଣସି ଅବହେଳା ବଶତଃ ଅନେକ ଦିନ ଧରି ବ୍ୟାଙ୍କରେ ରହିଥିବା ଅର୍ଥର କୌଣସି କାରବାର ଅର୍ଥାତ୍ ଡିପୋଜିଟ ବା ଉଠାଣ କରି ନ ଥାନ୍ତି। ଏଭଳି ଖାତା ବର୍ଷ ବର୍ଷ ଧରି ବ୍ୟାଙ୍କରେ ନିଷ୍କ୍ରିୟ ହୋଇପଡ଼ିରହେ। ମାତ୍ର ତାହା ଜମାକାରୀଙ୍କ ସମ୍ପତ୍ତି। ଏଣୁ ବ୍ୟାଙ୍କ ବା ଅନ୍ୟ କେହି ତାହାକୁ ନେଇ ଅନ୍ୟତ୍ର ବିନିଯୋଗ କରିପାରିବେ ନାହିଁ। ତେବେ ସମସ୍ତଙ୍କ ଅଜ୍ଞାତରେ ବ୍ୟାଙ୍କ ଖାତାରେ ଦୀର୍ଘଦିନ ପଡ଼ି ରହିଥିବା ଏଭଳି ଅର୍ଥ ଉପରେ କୌଣସି ହଡ଼ପକାରୀଙ୍କ ନଜର ପଡ଼ିଯିବା ଅସମ୍ଭବ ନୁହେଁ। ତେଣୁ ଏହାକୁ ସୁରକ୍ଷିତ ରଖିବା ପାଇଁ ଅଧିକ ସତର୍କତା ଅବଲମ୍ବନ ଜରୁରୀ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଏ ନେଇ ବିଭିନ୍ନ ନିର୍ଦ୍ଦେଶନାମାକୁ ସମୀକ୍ଷା କରି ଚଳିତ ବର୍ଷ ଜାନୁଆରୀରେ ଏକ ସମନ୍ୱିତ ସର୍କୁଲାର ଘୋଷଣା କରି ଏହାକୁ ବିଜ୍ଞପ୍ତି ଭାବେ ଜଣାଇଛନ୍ତି। ସେଗୁଡ଼ିକ ଭିତରେ ପ୍ରମୁଖ ହେଉଛି ଯେ ସର୍ବନିମ୍ନ ଲଗାତର ଭାବେ ଦୁଇବର୍ଷ ଧରି ବ୍ୟାଙ୍କ ଖାତାଧାରୀ ଯଦି କୌଣସି କାରଣବଶତଃ ଆର୍ଥିକ କାରବାର ବା ଦେଣନେଣ କରି ନ ଥାନ୍ତି ତେବେ ଏହି ବ୍ୟାଙ୍କ ଖାତାକୁ ନିଷ୍କ୍ରିୟ ବ୍ୟାଙ୍କ ଖାତା ଭାବେ ବିଚାର କରାଯିବ। ସେହିପରି କ୍ରମାଗତ ଭାବେ ଦଶ ବର୍ଷ ଧରି ଦେଣନେଣ କାରବାର ବା ଦେଣନେଣ ହେଉ ନ ଥିବା କିମ୍ବା ଜମାରାଶି ଉପରେ କୌଣସି ଦାବିଦାର ନ ଥିଲେ ତାହାକୁ ବେୱାରିସ ଧରିନିଆଯିବ। ବ୍ୟାଙ୍କଗୁଡ଼ିକ ଏହି ଜମାରାଶିକୁ ନିଜ ପାଖରେ ନ ରଖି ୨୦୧୪ ମେ' ୨୪ ତାରିଖ ନିର୍ଦ୍ଦେଶନାମା ମୁତାବକ ତାହାକୁ ରିଜର୍ଭ ବ୍ୟାଙ୍କର ଜମାକାରୀ ଶିକ୍ଷା ଓ ସଚେତନତା ଫଣ୍ଡରେ ଜମା କରିବ। ପରେ କେବେ ଯଦି ଜମାକାରୀ ବା ନ୍ୟାଯ୍ୟ ଦାବିଦାର ଆସନ୍ତି, ତେବେ ବ୍ୟାଙ୍କ ବିଧି ମୁତାବକ କେୱାଇସି ତନଖି କରି ସୁଧ ସମେତ ଏହି ଅର୍ଥରାଶି ଫେରସ୍ତ କରିବେ ଏବଂ ରିଜର୍ଭ ବ୍ୟାଙ୍କରୁ ସେତିକି ଅର୍ଥ ଫେରାଇ ଆଣିପାରିବେ। ସମସ୍ତ ନିଷ୍କ୍ରିୟ ସଞ୍ଚୟ ଜମା ଅର୍ଥର ବ୍ୟାଙ୍କିଙ୍ଗ ନିୟମ ଅନୁଯାୟୀ ଯାହା ସୁଧରାଶି ରହିଛି ଏହାକୁ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିବେ ଓ ଏ ନେଇ ଏହାକୁ ସକ୍ରିୟ କରାଇଥିବାରୁ କୌଣସି ଅର୍ଥରାଶି ଫି'ବା ଶୁଳ୍କ ଭାବେ ଗ୍ରହଣ କରିବେ ନାହିଁ। ସେହିପରି ୧ ବର୍ଷରୁ ଉର୍ଦ୍ଧ୍ୱ କାଳ କୌଣସି ବ୍ୟାଙ୍କର ଜମାଖାତାରେ କାରବାର ନ ହୋଇଥିଲେ ବ୍ୟାଙ୍କ ପକ୍ଷରୁ ଉକ୍ତ ଜମାକାରୀଙ୍କୁ ଚିଠି କିମ୍ବା ଇ-ମେଲ୍ କିମ୍ବା ମୋବାଇଲ ବାର୍ତ୍ତା ଦ୍ୱାରା ସୂଚନା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ସମସ୍ତ ସରକାରୀ ସାହାଯ୍ୟପ୍ରାପ୍ତ ଅର୍ଥରାଶିର କାରବାର ପାଇଁ ବ୍ୟାଙ୍କରେ ଖାତା ବ୍ୟବସ୍ଥା ବାଧ୍ୟତାମୂଳକ ରହିବା ସହ ଏହି ଜମାଖାତାର ନିଷ୍କ୍ରିୟ ଘୋଷଣା ପାଇଁ ଦୁଇବର୍ଷ ଉପରୋକ୍ତ ନେଣଦେଣର ନିୟମ ଲାଗୁ ନ ହେବାର ବ୍ୟବସ୍ଥା ରହିଛି। ଏହା ଏକ ସ୍ୱତନ୍ତ୍ର ବ୍ୟବସ୍ଥା।

ଏଠାରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠୁଛି ଆମ୍ଭେମାନେ ଦିନକୁ ଦିନ ସଚେତନ ହେଉଛେ ଏବଂ ଆମ ବ୍ୟବସ୍ଥିତ ସେବାଗୁଡ଼ିକ ମଧ୍ୟ ପ୍ରାୟତଃ ମୋବାଇଲ ଦ୍ୱାରା ହାତପାଆନ୍ତାରେ ଅତ୍ୟନ୍ତ ସୁବିଧାଜନକ ହୋଇପାରୁଛି। ଏପରି ସ୍ଥଳେ କୌଣସି ପରିସ୍ଥିତିରେ ଯେପରି ଆମର ଆକାଉଣ୍ଟ ନିଷ୍କ୍ରିୟ ଘୋଷିତ ନ ହୁଏ ଆମ୍ଭେମାନେ ଏ ଦିଗକୁ ଦେଖିବା କଥା। କାରଣ ପ୍ରଥମତଃ ଏହା ଅବହେଳା ବଶତଃ ହୋଇଥିଲେ ମଧ୍ୟ ବାସ୍ତବ ଦୃଷ୍ଟିକୋଣରୁ ନିଷ୍କ୍ରିୟ ହେବାଦ୍ୱାରା ଅଯଥା ବ୍ୟାଙ୍କ ଉପରେ ଆମ୍ଭେମାନେ ଏକ ପ୍ରକାର ଚାପ ସୃଷ୍ଟି କରିଥାଉ। ଦ୍ୱିତୀୟତଃ ଭାରତର ଅର୍ଥନୀତି ପାଇଁ ଏହା ଏକ ଖରାପ ପ୍ରସଙ୍ଗ। ଆମ୍ଭମାନଙ୍କ ପାଇଁ ଏହି ନିଷ୍କ୍ରିୟଜନିତ କାରଣରୁ ବ୍ୟାଙ୍କରେ ଯେଉଁ ଟଙ୍କା ପଡ଼ିରହେ ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକ ଏହାକୁ ପରିଚାଳନାଗତ କ୍ଷେତ୍ର ପାଇଁ ଅଯଥାରେ ସେମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରିଥାନ୍ତି। ସେହିପରି ଆମ୍ଭମାନଙ୍କ ଟଙ୍କା ପଡ଼ିରହିବା ଦ୍ୱାରା କିଛି ଲୋକଙ୍କ ମତରେ କିଛି ସୁଧରାଶି ଆମେ ପାଇଥାଉ ସତ କିନ୍ତୁ ମୂଳତଃ ଏହା ଆମର ଅର୍ଥଗତ କ୍ଷେତ୍ରରେ ସେପରି ଉଦ୍‌ଯୋଗ କାମ ପାଇଁ ଲାଗିପାରି ନ ଥାଏ। ତେବେ ଯାହାହେଉନା କାହିଁକି ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ କିନ୍ତୁ ଉପରୋକ୍ତ ବ୍ୟବସ୍ଥା ରହିଛି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଖାତାର ଅର୍ଥରାଶିକୁ ନେଇ।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୯୩୭୬୫୮୩୬୨

## ଏଇ ଭାରତରେ

ଗାଁରେ ରହି କୌଣସି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଅଣାଯାଇପାରେ, ଯାହା ପ୍ରମାଣ କରି ପାରିଛନ୍ତି ବିହାରର ପ୍ରିନ୍ସ ଶୁକ୍ଲା। ସେ ଶିକ୍ଷା ଶେଷ କରି ବେଙ୍ଗାଲୁରୁରେ କାମ କରୁଥିଲେ। କୋଭିଡ୍ ମହାମାରୀ ଆସିବାରୁ ସେ କାମ ଛାଡ଼ି ତାଙ୍କ ଗାଁକୁ ଫେରି ଆସିଲେ। ଗାଁରେ କୃଷକଙ୍କ ଦୁର୍ଦ୍ଦଶା ଦେଖି ସେମାନଙ୍କୁ ସାହାଯ୍ୟ କରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ତାଙ୍କ ବାପାଙ୍କଠାରୁ ୧ ଲକ୍ଷ ଟଙ୍କା ଧାର ଆଣି 'ଆଗ୍ରେଟ' ସଂସ୍ଥା ଗଠନ କରି ଗାଁର କୃଷକଙ୍କୁ ସହଯୋଗ କଲେ। ସେ ପ୍ରଥମେ କ୍ଷୁଦ୍ର କୃଷକଙ୍କୁ ଭଲ କିସମର ମଞ୍ଜି, ଜଳ ସିଞ୍ଚନର ବ୍ୟବସ୍ଥା ଏବଂ ପରିବେଶ ଉପଯୋଗୀ ସାର ଯୋଗାଇଥିଲେ। ପରେ କୃଷକମାନେ କିଭଳି ଅଧିକ ଲାଭ ପାଇବେ, ସେଥିପାଇଁ ସେ ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ସେ ଆଗ୍ରେଟ୍ ମାଧ୍ୟମରେ ୧୦,୦୦୦ରୁ ଉର୍ଦ୍ଧ୍ୱ କୃଷକଙ୍କୁ ସାମିଲ କରିବା ସହ ଆଇଟିସି, ଗୋଦ୍‌ରେଜ ଏବଂ ପାର୍ଲେ ସହଭାଗୀଦାରି ହେବା ଫଳରେ କୃଷକମାନେ ବ୍ୟାପକ ମାର୍କେଟିଂ ବ୍ୟବସ୍ଥା ସହ ଯୋଡ଼ି ହୋଇପାରିଛନ୍ତି। ଏବେ ତାଙ୍କ କମ୍ପାନୀର କାରବାର ୨.୫ କୋଟିରେ ପହଞ୍ଚିଛି ଓ ତାହା ବୃଦ୍ଧି ପାଇବାରେ ଲାଗିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୭୬

- ଆଫ୍ରିକାର ନାଇରୋବି ଓ ମୋମ୍ବାସା ମଧ୍ୟରେ ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ଫଳରେ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ।
- କାର୍ ଦୁର୍ଘଟଣାରେ ଢାକାସ୍ଥିତ ଲିବ୍ୟା ରାଷ୍ଟ୍ରଦୂତ ଚାର୍ଜ-ଡି-ଆଫାୟାର୍ସ ଅବଦୁଲ ଓହାବ ଏଲ୍-ଆରବୀ ନିହତ।
- ଆନ୍ଧ୍ରପ୍ରଦେଶର ବାତ୍ୟା ବିପନ୍ନମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଦେଇଛନ୍ତି।

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ପା କର ଉପହାସ ହେ ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା ।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ !
-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 9 | |
| | 2 | 6 | 9 | 1 | | | 3 | |
| | | | | 2 | | | | |
| | | | | | 5 | | 8 | 3 |
| 7 | | | | 6 | | | | 4 |
| | 3 | 5 | | | 2 | | | |
| | | | 6 | 7 | 4 | | | |
| | | | | | | | 2 | 5 |
| | | 4 | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 2 | 9 | 6 | 3 | 8 | 7 |
| 9 | 2 | 8 | 1 | 3 | 7 | 4 | 6 | 5 |
| 6 | 7 | 3 | 4 | 5 | 8 | 1 | 2 | 9 |
| 4 | 8 | 6 | 9 | 7 | 1 | 2 | 5 | 3 |
| 5 | 3 | 9 | 8 | 4 | 2 | 7 | 1 | 6 |
| 2 | 1 | 7 | 5 | 6 | 3 | 9 | 4 | 8 |
| 3 | 6 | 1 | 7 | 2 | 5 | 8 | 9 | 4 |
| 7 | 9 | 2 | 6 | 8 | 4 | 5 | 3 | 1 |
| 8 | 4 | 5 | 3 | 1 | 9 | 6 | 7 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଶକ୍ତି ସଂରକ୍ଷଣ କରାଯାଉ

ମହାଶୟ,

ରାଜ୍ୟ ଜନସଂଖ୍ୟାକୁ ଦୃଷ୍ଟିରେ ଦେଖି ଶକ୍ତି ଆବଶ୍ୟକତା ପୂରଣ କରାଯାଇପାରୁନାହିଁ। ଅଥଚ ରାଜ୍ୟରେ ସରକାରୀ ହେଉ କିମ୍ବା ବେସରକାରୀ କ୍ଷେତ୍ରରେ ଶକ୍ତି ଅପଚୟ ହେବାରେ ଲାଗିଛି। ଶକ୍ତି ଅପଚୟ ନ ରୋକିଲେ ଆଗାମୀ ଦିନରେ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ଜଳବାୟୁ ପ୍ରଭାବରେ ବର୍ଷା ଓ ନଦୀ ଜଳଧାରଣ କ୍ଷମତା କମୁଥିବାରୁ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ଚାହିଦା ପୂରଣ କରିପାରିବ ନାହିଁ। ଏଣୁ ଶକ୍ତି ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ ରହିଛି। ବିଦ୍ୟୁତ୍ ବ୍ୟବହାର ଆବଶ୍ୟକ ନ ଥିଲେ ସୁଇଚ୍ ଅଫ୍ କରିବାକୁ ଆଦୌ ଭୁଲିବା ଉଚିତ ନୁହେଁ। କିନ୍ତୁ ଦେଖାଯାଉଛି, ସରକାରୀ କର୍ମଚାରୀମାନେ ଫ୍ୟାନ୍ ଲାଇଟ୍ ଅଫ୍ ନ କରି ଚାଲିଯାଇଥାନ୍ତି। କେବଳ ଶକ୍ତି ନୁହେଁ, ଜଳାଭାବ ମଧ୍ୟ ଦେଖାଗଲାଣି। ଏଣୁ ପାଣି ନେବା ପରେ ଟ୍ୟାପକୁ ବନ୍ଦ କରିବା ଉଚିତ। ପାଣିର ଆଦୌ ଅପଚୟ କରା ନ ଯାଉ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


# ୱିଣ୍ଟର ୱାର୍କଆଉଟ୍



ବର୍ତ୍ତମାନ ଅଧିକାଂଶ ଯୁବପିଢି ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ। ଯେଉଁଥିପାଇଁ ସେମାନେ ପ୍ରତିଦିନ ଘରେ ହେଉ ଅବା ପାର୍କ କିମ୍ବା ଜିମ୍ ଯାଇ ୱାର୍କଆଉଟ୍ କରୁଛନ୍ତି। ହେଲେ ଶୀତଦିନ ଆସିଲେ ଥଣ୍ଡା ଯୋଗୁ ଅନେକଙ୍କ ୱାର୍କଆଉଟ୍ ରୁଟିନ୍ ବାଧାପ୍ରାପ୍ତ ହୋଇଥାଏ। ହେଲେ କେତୋଟି ଦିଗ ପ୍ରତି ବିଶେଷ ଦୃଷ୍ଟିଦେଲେ ଶୀତଦିନେ ବି ସେମାନେ ନିଜ ୱାର୍କଆଉଟ୍ ରୁଟିନ୍ ମେଣ୍ଟେନ୍ ରଖିପାରିବା ସହିତ ନିଜକୁ ଫିଟ୍ ବି ରଖିପାରିବେ। ଜାଣି ରଖନ୍ତୁ ସେ ସମ୍ପର୍କରେ...

**ବର୍ଷସାରା ୱାର୍କଆଉଟ୍ କରୁଥିବା ଯୁବପିଢ଼ି ଶୀତଦିନେ ବି ନିଜର ଏହି ରୁଟିନ୍ ମେଣ୍ଟେନ୍ କରିବାକୁ ଚେଷ୍ଟା କରନ୍ତି। ହେଲେ କେବେକେବେ ଅଧିକ ଥଣ୍ଡା ତ ଆଉ କେବେ ଘନ କୁହୁଡି ସେମାନଙ୍କ ଏକ୍ସରସାଇଜ୍‌ରେ ବାଧା ସୃଷ୍ଟି କରିଥାଏ। ଏମିତିରେ କେତେକ ଦିଗ ପ୍ରତି ସଜାଗ ରହିଲେ ଏଦିନେ ବି ଠିକ୍ ଭାବେ ୱାର୍କଆଉଟ୍ କରି ନିଜ ଫିଟ୍‌ନେସ୍‌କୁ ବଜାୟ ରଖାଯାଇପାରିବ...**

**ମର୍ନିଂୱାକ୍ ବେଳେ ରୁହନ୍ତୁ ସତର୍କ:** ପ୍ରତିଦିନ ମର୍ନିଂୱାକ୍ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେଣୁ ଅଧିକାଂଶ ଯୁବତୀଯୁବକ ମର୍ନିଂୱାକ୍ କିମ୍ବା ଜଗିଂ କରିବାକୁ ପସନ୍ଦ କରନ୍ତି। ହେଲେ ଶୀତଦିନେ ତାପମାତ୍ରା ହ୍ରାସ ହେବା କାରଣରୁ ବାୟୁମଣ୍ଡଳର ଘନତ୍ୱ ବୃଦ୍ଧି ପାଇଥାଏ। ଯେଉଁଥିପାଇଁ ଧୂଳିକଣାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଷାକ୍ତ ଉପାଦାନ ବାୟୁମଣ୍ଡଳରେ ରହିଯାଏ ଏବଂ ପ୍ରଦୂଷଣ ବୃଦ୍ଧି ପାଇଥାଏ। ବିଶେଷକରି ସକାଳ ସମୟରେ କୁହୁଡ଼ି ବା ଫଗ୍ ସହିତ ଧୂଆଁ ମିଶି ସ୍ମଗ୍ ସୃଷ୍ଟି କରିଥାଏ। ତେଣୁ ଏଦିନେ ମର୍ନିଂୱାକ୍ ସମୟରେ ନିଃଶ୍ୱାସରେ ଶରୀର ମଧ୍ୟକୁ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ବିଷାକ୍ତ ପଦାର୍ଥ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ତେଣୁ ଏଦିନେ ସକାଳ ସମୟରେ ବାହାରେ ନ କରି ଇନ୍‌ଡୋର ୱାକିଂ, ବ୍ରିସ୍କ ୱାକିଂ କରିବା ଭଲ। ଯଦି ବାହାରେ କରୁଛନ୍ତି, ତେବେ ସୂର୍ଯ୍ୟୋଦୟର କିଛି ସମୟ ପରେ ଅର୍ଥାତ୍ କୁହୁଡ଼ି କମିବା ପରେ କରନ୍ତୁ। ମନେରଖନ୍ତୁ, ରାସ୍ତା କଡ଼ ଅପେକ୍ଷା ଅଧିକ ଗଛ ଥିବା ସ୍ଥାନ ଯେପରିକି ପାର୍କ ଆଦି ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଥିବାରୁ ୱାକିଂ ପାଇଁ ଭଲ।







**ଘରେ କରିପାରିବେ ଏକ୍ସରସାଇଜ୍:**

❖ଶୀତରେ ଯଦି ବାହାରକୁ ଯାଇ ଏକ୍ସରସାଇଜ୍ କରିବାକୁ ଇଚ୍ଛା ନ ହେଉଛି, ତେବେ ଘରେ ରହି କପାଳଭାତି, ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ ଭଳି ବିଭିନ୍ନ ଯୋଗାସନ କରିପାରିବେ। ଏହା ମଧ୍ୟ ଶରୀରକୁ ଫୁର୍ତ୍ତି ରଖିବା ଓ ଉର୍ଜା ଯୋଗାଇବା ପାଇଁ ବେଶ୍ ଉପକାରୀ।

❖ଯଦି ଶୀତରେ ଜିମ୍ ନ ଯାଇ ପାରୁଛନ୍ତି, ତେବେ ସେହି ସମୟକୁ ଶୋଇବା କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ନ କରି ଘରେ ଏକ୍ସରସାଇଜ୍ ନିହାତି କରନ୍ତୁ। ଘରେ ଜମ୍ପିଂ ଜ୍ୟାକ୍, ପୁସ୍ ଅପ୍ସ, ୱାର୍କଆଉଟ୍, ଲଞ୍ଜେସ୍, ହାଇନିଜ୍, ବର୍ପିଜ୍ ଭଳି ଇଣ୍ଡୋର କାର୍ଡିଓ କଲେ ହେଲ୍‌ଥ ଏବଂ ଫିଗର ମେଣ୍ଟେନ୍ ରହିବ।

❖ଅଧିକ ଶୀତରେ ବାହାରକୁ ପାର୍କ କିମ୍ବା ଜିମ୍ ନ ଯାଇପାରିଲେ ଘରେ କରିବା ଲାଗି ଏକ ଭଲ ଏକ୍ସରସାଇଜ୍ ହେଉଛି ଏରୋବିକ୍ସ ଏବଂ ଜୁମ୍ବା। ଟିଭି କିମ୍ବା ୟୁଟ୍ୟୁବ୍‌ରେ କୌଣସି ଟ୍ରେନରଙ୍କ ଭିଡିଓ ଦେଖି ମ୍ୟୁଜିକ୍ ତାଳେ ତାଳେ ଏହି ଡ୍ୟାନ୍ସ ଏକ୍ସରସାଇଜ୍ କରିପାରିବେ। ଏହାଦ୍ୱାରା କ୍ୟାଲୋରି ବର୍ନ ହେବା ସହ ଦିନସାରା ଆକ୍ଟିଭ୍ ଫିଲ୍ କରିପାରିବେ।

❖ଯଦି ଶୀତରେ ଅନ୍ୟ ଏକ୍ସରସାଇଜ୍ କରି ନ ପାରୁଛନ୍ତି ତେବେ ସ୍କିପିଂ କରିପାରିବେ। ଏହା ମଧ୍ୟ କ୍ୟାଲୋରୀ ବର୍ନ କରିବା ସହ ବଡିକୁ ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରଖିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ ଏବଂ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।

**ଜାଣିରଖନ୍ତୁ:**

❖ଶୀତଦିନେ ପରିବେଶ ତାପମାତ୍ରା ସହିତ ଶରୀରର ତାପମାତ୍ରା ମଧ୍ୟ କମ୍ ଥାଏ। ତେଣୁ ହଠାତ୍ ଏକ୍ସରସାଇଜ୍ ଆରମ୍ଭ କରିବା ମାତ୍ରେ ଶରୀରର ତାପମାତ୍ରା ବଢ଼ିଯାଏ। ଫଳରେ କେତେକ କ୍ଷେତ୍ରରେ ଶରୀର ଥଣ୍ଡାରୁ ଗରମ ହୋଇଯିବା ବା ତାପମାତ୍ରା ଅସନ୍ତୁଳନ ହୋଇଯିବା ଯୋଗୁ ବ୍ଲଡ୍ ସର୍କୁଲେଶନ୍ ବାଧାପ୍ରାପ୍ତ ହୁଏ, ଅକ୍ସିଜେନ୍ ମାତ୍ରା ପ୍ରଭାବିତ ହୁଏ ଏବଂ ହାର୍ଟ ଉପରେ ଚାପ ପଡ଼ିଥାଏ। ଫଳରେ ବିଭିନ୍ନ ଶାରୀରିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏକ୍ସରସାଇଜ୍ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ୱାର୍ମଅପ୍ କରି ଶରୀରର ତାପମାତ୍ରା ନର୍ମାଲ୍ ବା ରୁମ୍ ଟେମ୍ପରେଚରକୁ ଆଣନ୍ତୁ। ଏହାପରେ ଏକ୍ସରସାଇଜ୍ କରିବା ନିରାପଦ।

❖ଏଦିନେ ବାହାରକୁ ୱାକିଂ କିମ୍ବା ଏକ୍ସରସାଇଜ ପାଇଁ ଯାଉଥିଲେ ଫୁଲ୍ ୱିଣ୍ଟର ଡ୍ରେସ୍ ପିନ୍ଧିବା ସହ କାନ ଘୋଡାଇ ରଖିବା ଲାଗି କ୍ୟାପ୍ କିମ୍ବା ଇୟର ମଫ୍ ବ୍ୟବହାର କରନ୍ତୁ।

❖ବର୍ଷସାରା ଯେପରି ୱାର୍କଆଉଟ୍ ବେଳେ ଖାଦ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ, ଶୀତରେ ମଧ୍ୟ ସେହିପରି ଖାଦ୍ୟକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ। ତା'ଛଡା ଏଦିନେ ପାଣିପାଗ ପରିବର୍ତ୍ତନ ସାଙ୍ଗକୁ ପ୍ରଦୂଷଣ ହେତୁ ଅଧିକାଂଶଙ୍କଠାରେ ଥଣ୍ଡା, ଜ୍ୱର, କାଶ ଭଳି ସିଜିଓନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ତେଣୁ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ନିଜକୁ ଫିଟ୍ ରଖିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ। ଏଦିନେ ତଟକା ପନିପରିବା, ଫଳ ଅଧିକ ଖାଆନ୍ତୁ।

❖ଯଦି ଶୀତଦିନେ ରେଗୁଲାର୍ ଘରେ ହେଉ ଅବା ଜିମ୍ ଯାଇ ୱାର୍କଆଉଟ୍, ୱେଟ୍ ଟ୍ରେନିଂ ଆଦି କରୁଛନ୍ତି, ତେବେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କାରଣ ଏଦିନେ ଶରୀର ଖୁବ୍ ଶୀଘ୍ର ଡିହାଇଡ୍ରେଟ୍ ହୋଇଯାଏ। ତା'ଛଡା ଏଦିନେ ଶୋଷ କମ୍ ଲାଗିବା ସହ ଅଧିକ ପରିସ୍ରା ଲାଗିଥାଏ। ଏମିତିରେ ଏକ୍ସରସାଇଜ୍ କରିବା ଯୋଗୁ ଝାଳ ବାହାରିଲେ ଶରୀରରୁ ଖୁବ୍‌ଶୀଘ୍ର ଜଳୀୟାଂଶ କମିଯାଏ, ଯଦ୍ୱାରା ଦୁର୍ବଳ ଲାଗିବା ଭଳି ସମସ୍ୟା ଉପୁଜିପାରେ। ତେଣୁ ଅଧିକ ପାଣି ପିଇବା ସହ ଜୁସ୍, ପଇଡ ପାଣି ଆଦି ପିଇବା ବି ଭଲ।

❖ଶୀତଦିନେ ଜିମ୍ ଯାଉଥିଲେ ୱାର୍କଆଉଟ୍ କରିବାର ତୁରନ୍ତ ପରେ ବାହାରକୁ ନ ବାହାରି କିଛି ସମୟ ବସିବା ପରେ ବାହାରନ୍ତୁ। କାରଣ ୱାର୍କଆଉଟ୍ ପରେ ଶରୀରର ତାପମାତ୍ରା ଗରମ ଥାଏ। ଏ ସମୟରେ ବାହାରେ ଥଣ୍ଡା ଥିବାରୁ ହଠାତ୍ ବାହାରିପଡ଼ିଲେ ତାପମାତ୍ରା ସହ ବ୍ଲଡ୍ ସର୍କୁଲେଶନ୍‌ରେ ଅସନ୍ତୁଳନ ଦେଖାଦେବା କାରଣରୁ ଦେହ ଖରାପ ହୋଇପାରେ।





## ଏ ସପ୍ତାହର ପ୍ରଶ୍ନ ?

୧- ଭାରତ-ଶ୍ରୀଲଙ୍କା ସଂସ୍କୃତ ମହୋତ୍ସବ ୨୦୨୫ .......... ଠାରେ ଅନୁଷ୍ଠିତ ହୋଇଯାଇଛି ?

୨- ଆମେରିକା ଏବଂ ............. ଦୁଇ ଦେଶ ମିଳିତ ଭାବେ ଓମେନ୍ ଡ୍ରୋନ୍ ନିର୍ମାଣ କରିଛନ୍ତି ?

୩- ମରମ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ବସବାସ କରନ୍ତି ?

୪- ଇ-ଜାଗୃତି ପ୍ଲାଟ୍‌ଫର୍ମ ମିନିଷ୍ଟ୍ରି ଅଫ୍ .............. ପକ୍ଷରୁ ଆରମ୍ଭ କରାଯାଉଛି ?

୫- ସାକୁରାଜିମା ଭଲ୍‌କାନୋ ............ ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ କୋଅପରେଟିଭ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍

୨ ଭାରତ ମହାସାଗର

୩ ଚାଇନା

୪ କ୍ରିକେଟ୍

୫ ନ୍ୟାଶନାଲ୍ ମିସନ୍ ଫର୍ କ୍ଲିନ୍ ଗଙ୍ଗା

## ଉତ୍ତରଦାତା



ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ



ଶେଖ୍ ଅମିନୁଲ୍ ଇରଫାନ୍, ଢେଙ୍କାନାଳ

## ଟପ୍ ଟେନ୍ ୧୦

**ସର୍ବାଧିକ ସବ୍‌ସ୍କ୍ରାଇବର୍ ଥିବା ୟୁଟ୍ୟୁବ ଚ୍ୟାନେଲ୍-୨୦୨୫**

୧ . ମିଷ୍ଟର ବିଷ୍ଟ ........................................ ୪୫୨ ମିଲିଅନ୍
୨. ଟି-ସିରିଜ୍ ........................................ ୩୦୭ ମିଲିଅନ୍
୩. କୋକୋମେଲନ୍- ନର୍ସରୀ ରାଇମ୍ସ.......................... ୧୯୮ ମିଲିଅନ୍
୪. ସେଟ୍ ଇଣ୍ଡିଆ ........................................ ୧୮୭ ମିଲିଅନ୍
୫. ଭ୍ଲାଡ୍ ଆଣ୍ଡ ନିକି ........................................ ୧୪୭ ମିଲିଅନ୍
୬. କିଡ୍ସ ଡିଆନା ଶୋ ........................................ ୧୩୭ ମିଲିଅନ୍
୮. ଷ୍ଟକ୍ସ ୱିନ୍ସ ........................................ ୧୩୨ ମିଲିଅନ୍
୯. କିମ୍ପ୍ରୋ........................................ ୧୨୩ ମିଲିଅନ୍
୧୦. ଜୀ ମ୍ୟୁଜିକ୍ କମ୍ପାନୀ ........................................ ୧୨୧ ମିଲିଅନ୍

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ୟୁଥ୍ ଆଲର୍ଟ

# ଚିନାବାଦାମ ଖାଉଥିଲେ...

**ଚିନାବାଦାମରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରି ରହିଥିବାରୁ ଏହାକୁ ପାୱାର ଫୁଡ୍ ବୋଲି କୁହାଯାଏ। ହେଲେ ଏହାକୁ ଖାଇବା ବେଳେ କେତୋଟି ଦିଗ ପ୍ରତି ଅଣଦେଖା କଲେ ଏହାର ସମ୍ପୂର୍ଣ୍ଣ ଲାଭ ପାଇବା ପରିବର୍ତ୍ତେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...**

➔ଚିନାବାଦାମରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ହେଲ୍‌ଦି ଫ୍ୟାଟ୍, ଭିଟାମିନ୍ ଇ, ଭିଟାମିନ୍ ବି, ମ୍ୟାଗ୍ନେସିୟମ, ଫସ୍‌ଫରସ୍, କ୍ୟାଲ୍‌ସିୟମ, ସୋଡିୟମ ଭରି ରହିଛି, ଯାହାକି ଶରୀରକୁ ସୁସ୍ଥ ରଖିବା ଲାଗି ବେଶ୍ ଉପକାରୀ। ବିଶେଷକରି ଶୀତଦିନେ ଏହାକୁ ଖାଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରଖିବାରେ



ସାହାଯ୍ୟ କରେ। ହେଲେ ଏହାକୁ ଖାଇବା ପରେ ତୁରନ୍ତ ପାଣି ପିଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଶ୍ୱାସନଳୀ ଏବଂ ପେଟରେ ବିଭିନ୍ନ ସମସ୍ୟା ଦେଖାଦେଇପାରେ।

➔ଚିନାବାଦାମରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି, ଯାହାକି ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧି କରିଥାଏ। ହେଲେ ଏହାକୁ ଦିନ,ରାତି ଯେକୌଣସି ସମୟରେ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟରେ ଖାଇବା ଆବଶ୍ୟକ। କାରଣ ସନ୍ଧ୍ୟା ପରେ କିମ୍ବା ରାତିରେ ଏହାକୁ ଖାଇଲେ ବଦହଜମି, ଗ୍ୟାସ୍, ଏସିଡିଟି ଭଳି ବିଭିନ୍ନ ସମସ୍ୟା ଉପୁଜିଥାଏ। ତେଣୁ ବାଦାମ ଖାଇବା ଲାଗି ସର୍ବଦା ସକାଳ ସମୟ ସବୁଠୁ ଭଲ।

➔ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଅନେକେ ବାଦାମ ଛାଣି କିମ୍ବା ପକୋଡ଼ା କରି ଖାଇଥାନ୍ତି। ହେଲେ ଏହାଦ୍ୱାରା ମଧ୍ୟ ଗ୍ୟାସ୍ ଏସିଡିଟି ଭଳି ସମସ୍ୟା ଦେଖାଦିଏ। ଏହା ବଦଳରେ ବାଦାମକୁ ଭାଜି, ସିଝାଇ ଖାଇଲେ ଭଲ। ତେବେ ବାଦାମକୁ ରାତିରେ ଭିଜାଇ ସକାଳୁ ଖାଇଲେ ଏଥିରେ ଥିବା ସମସ୍ତ ପୋଷାକ ତତ୍ତ୍ୱ ଶରୀରକୁ ମିଳିଥାଏ।

➔ପ୍ରତିଦିନ ଅଧିକ ପରିମାଣରେ ବାଦାମ ଖାଇବା ମେଦବହୁଳତାର କାରଣ ସାଜିପାରେ। ତେଣୁ ଅଳ୍ପ ପରିମାଣର ବାଦାମ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ।

## ଜାଣନ୍ତୁ ଦୁନିଆ

# ଭାରତର ହଣ୍ଟେଡ୍ ରେଲୱେ ଷ୍ଟେଶନ୍

**ଭାରତରେ ଏଭଳି ଅନେକ ସ୍ଥାନ ରହିଛି, ଯେଉଁଠି ଭୂତ ପ୍ରେତ ଥିବା କଥା ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଭୂତିରୁ ଜଣାପଡ଼େ। ତେବେ ଜାଣନ୍ତୁ ସେହିଭଳି କେତେକ ହଣ୍ଟେଡ୍ ରେଲ୍ୱେ ଷ୍ଟେଶନ୍ ସମ୍ପର୍କରେ, ଯେଉଁଠାକୁ ଭୂତ ଭୟରେ ସନ୍ଧ୍ୟା ପରେ ଯାତ୍ରୀମାନେ ଯିବାକୁ ଭୟ କରିଥା'ନ୍ତି ...**



**ରବୀନ୍ଦ୍ର ସରୋବର ମେଟ୍ରୋ ଷ୍ଟେଶନ୍, ପଶ୍ଚିମବଙ୍ଗ:** କଲିକତାସ୍ଥିତ ଏହି ଷ୍ଟେଶନ୍‌ରେ ପ୍ରତିଦିନ ବହୁସଂଖ୍ୟାରେ ଯାତ୍ରୀ ଯାତାୟାତ କରିଥାନ୍ତି। ହେଲେ ରାତି ୧୦.୩୦ରେ ଶେଷ ଟ୍ରେନ୍ ଯିବାପରେ ଏଠାକୁ ଯିବା ପାଇଁ ଯାତ୍ରୀଙ୍କୁ ଭୟ ଲାଗିଥାଏ। କାରଣ ଏଠାରେ ଅନ୍ଧାର ରାତିରେ ଭୂତ ବୁଲୁଥିବା, ଟ୍ରେନ୍‌ଲାଇନ୍ ଉପରେ ଠିଆ ହୋଇଥିବାର କେତେଜଣ ଦେଖିଥିବା ଦାବି କରନ୍ତି।

**ଦ୍ୱାରକା ସେକ୍ଟର ୯ ମେଟ୍ରୋ ଷ୍ଟେଶନ, ଦିଲ୍ଲୀ:** ଏଠାରେ ରାତି ସମୟରେ ଟ୍ରେନ୍ ଚାଲିଯିବା ପରେ ଏହା ପଛେ ପଛେ ଏକ ମହିଳା ଚାଲୁଥିବା ଦୃଶ୍ୟ ଅନେକେ ଦେଖିଥିବା ପ୍ରକାଶ କରନ୍ତି। କେତେକ ଯାତ୍ରୀଙ୍କର ସେଠାରେ କିଛି ଅଦୃଶ୍ୟ ଶକ୍ତି ସେମାନଙ୍କୁ ଶବ୍ଦ କରି ଡାକିବା, ଚାପୁଡ଼ା ମାରିବା ଭଳି ଅନୁଭୂତି ମଧ୍ୟ ରହିଛି। ଏମିତିକି ଏଭଳି ଘଟଣା ଯୋଗୁ ଭୟରେ ସେଠାରେ କେତେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇସାରିଛି। ତେଣୁ ରାତିରେ ଜନଗହଳି କମିବା ପରେ ସେଠାକୁ କେହି ଯିବା ପାଇଁ ଭୟ କରନ୍ତି।

**ନୈନୀ ରେଲ୍‌ୱେ ଷ୍ଟେଶନ୍, ଉତ୍ତରପ୍ରଦେଶ:** ଏହି ରେଲ୍‌ୱେ ଷ୍ଟେଶନ୍ ଉତ୍ତରପ୍ରଦେଶ ରାଜ୍ୟର ପ୍ରୟାଗରାଜ ଜିଲାରେ ଅବସ୍ଥିତ। ଏଠାରେ ରାତିରେ ରେଲ୍‌ୱେ ଟ୍ରାକ୍ ଉପରେ ବିଭିନ୍ନ ପ୍ରକାରର ଅଦ୍ଭୁତ ଜିନିଷ ଏବଂ ଦୃଶ୍ୟ ଦେଖିବାର ନଜିର ରହିଛି। କୁହାଯାଏ, ଷ୍ଟେଶନ୍‌ଠୁ ଅଳ୍ପ ଦୂରରେ ଥିବା ନୈନୀ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବନ୍ଦୀ କରି ରଖାଯାଇଥିଲା ଏବଂ ବହୁ ଅତ୍ୟାଚାର କରାଯାଉଥିଲା। ପରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଆଉ ସେମାନଙ୍କ ଅତୃପ୍ତ ଆତ୍ମା ସେହିଠାରେ ହିଁ ରହିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସେଠାରେ ସେହି ଆତ୍ମାଗୁଡ଼ିକର ଉପସ୍ଥିତି ଅନୁଭବ କରାଯାଇଥାଏ, ହେଲେ ସେମାନେ କାହାର କ୍ଷତି ପହଞ୍ଚାଇ ନ ଥାନ୍ତି।



**ଏମ୍‌ଜି ରୋଡ଼ ମେଟ୍ରୋ ଷ୍ଟେଶନ୍, ଗୁରୁଗାଓଁ:** ଏହାକୁ ଭାରତର ସବୁଠୁ ପୁରୁଣା ହଣ୍ଟେଡ୍ ରେଲ୍‌ୱେ ଷ୍ଟେଶନ୍ ବୋଲି କୁହାଯାଏ। ଏଠାରେ ରାତି ସମୟରେ ଯାତ୍ରୀମାନେ ବିଭିନ୍ନ ପ୍ରକାରର ଅସାଧାରଣ ଗତିବିଧି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେଠାରେ ଜଣେ ୪୦ ବର୍ଷୀୟା ମହିଳାଯାତ୍ରୀଙ୍କ ଛୁଆ ହଜିଯାଇଥିଲା ଏବଂ ସେ ତାକୁ ଖୋଜୁ ଖୋଜୁ ରେଲ୍ ଟ୍ରାକ୍‌ରେ ପଡ଼ିଯାଇଥିଲେ। ଟ୍ରେନ୍ ଚଢ଼ିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଉ ସେବେଠୁ ତାଙ୍କର ଅତୃପ୍ତ ଆତ୍ମା ସେଠାରେ ଘୂରି ବୁଲୁଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏ ପର୍ଯ୍ୟନ୍ତ ଅନେକ ଯାତ୍ରୀ ସେହି ସ୍ତ୍ରୀ ଲୋକ ମୁକୁଳା କେଶରେ ବୁଲୁଥିବାର ଭୂତ ସେଠାରେ ଦେଖିଛନ୍ତି, ଯାହାକି କେବଳ ମେଟ୍ରୋ ଟ୍ରେନ୍‌ର ଦର୍ପଣ କିମ୍ବା ଗ୍ଲାସ୍‌ରେ ଦେଖାଯାଇଥାଏ।

# ପାଣ୍ଡିଆନ୍ ବେଳେ କାଗଜବାଘ ଥିଲେ, ଏବେ ଚିତ୍କାର କରୁଛନ୍ତି’

## ବିରୋଧୀ ସଦସ୍ୟଙ୍କୁ ଶାସକ ଦଳ ସଦସ୍ୟଙ୍କ ଟାର୍ଗେଟ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ବିରୋଧୀ ଆଣିଥିବା ‘ଇ-କେଓ୍ୱାଇସି ପରେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ କାଟୁଛନ୍ତି ସରକାର, ଲୋକେ ହନ୍ତସନ୍ତ’ ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବର୍ଷିଛନ୍ତି ଶାସକ ଦଳର ସଦସ୍ୟ। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନକାର୍ଡ କାଟିବାରେ ମାହିର ଥିଲା ବୋଲି କହିଛନ୍ତି। ଭାଜପା ସଦସ୍ୟମାନେ ବିଜେଡି ସରକାର ସମୟ କଥା କହି ବିରୋଧୀଙ୍କୁ ଟାର୍ଗେଟ କରିଥିବା ବେଳେ ପାଣ୍ଡିଆନ୍ ସମୟରେ କାଗଜ ବାଘ ଥିଲେ, ପାଟି ଫିଟୁ ନ ଥିଲା। ଏବେ ବାଘ ଭଳି ଚିତ୍କାର କରୁଛନ୍ତି କହି ଶାସକ ଦଳ ସଦସ୍ୟ ତାଚ୍ଛଲ୍ୟ କରିଛନ୍ତି।

ଭାଜପା ସଦସ୍ୟ ପ୍ରତାପ ଚନ୍ଦ୍ର ନାଏକ କହିଛନ୍ତି, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯେଉଁ ଗପ କହିଲେ ତାହା ସେ ଶୁଣିଲେ। ନବୀନବାବୁ ଗୋଟିଏ ଗପ ଲେଖନ୍ତୁ ଏବଂ ତା’ର ମୁଖ୍ୟ ଚରିତ୍ରରେ ପାଣ୍ଡିଆନ୍‌ଙ୍କ ରଖନ୍ତୁ। ଗତ ସରକାର ୧୦ ଲକ୍ଷ ୩୦ ହଜାର ୬୯ ଜଣଙ୍କ ରାଶନକାର୍ଡ କାଟିଥିଲେ। ଏବେ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ କାଟିବା କାର୍ଯ୍ୟ କରୁଛନ୍ତି। ସେଥିରେ ବିରୋଧୀ ସଦସ୍ୟମାନେ ସରକାରରେ ଥିବାବେଳେ ଯେଉଁ ମାମୁପୁଅ, ମାଉସୀ ପୁଅମାନଙ୍କୁ ପୂରାଇଛନ୍ତି ସେମାନଙ୍କର ନାଁ କାଳେ କଟିଯିବ ବୋଲି ଡରୁଛନ୍ତି। ସେଥିଲାଗି ମିଛଟାରେ ଚିତ୍କାର କରୁଛନ୍ତି। ଯେଉଁ ବିରୋଧୀ ସଦସ୍ୟ ଏବେ ଚିତ୍କାର କରୁଛନ୍ତି ପାଣ୍ଡିଆନ୍ ଶାସନ ବେଳେ ସେମାନଙ୍କ ପାଟି ଫିଟୁନଥିଲା, ଖାଲି କାଗଜବାଘ ଥିଲେ। କିନ୍ତୁ ଏବେ ସତସତିକା ବାଘ ହୋଇଗଲା ଭଳି ଚିତ୍କାର କରୁଛନ୍ତି ବୋଲି ପ୍ରତାପ କହିଛନ୍ତି। ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା କହିଛନ୍ତି, ବିଜେଡି ସଦସ୍ୟମାନେ ନୂଆପଡ଼ା ଉପନିର୍ବାଚନ ପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଗତ ବିଧାନସଭା ପର୍ଯ୍ୟନ୍ତ ସେମାନଙ୍କ ଯେଉଁ ସ୍ୱର ଥିଲା ସେଥିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆକାଶ ପାତାଳ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗତ ୧୭ ମାସ ଭିତରେ ସେମାନଙ୍କର ଯେଉଁ ଉତ୍ପାତ ଥିଲା ସେକଥା ଆଉ ଏବେ ନାହିଁ। ଆଉ ନୂଆପଡ଼ା ଉପନିର୍ବାଚନବେଳେ ନବୀନବାବୁଙ୍କୁ ଯେଉଁ ଅବସ୍ଥାରେ ୨ ଥର ନେଇ ପ୍ରଚାର କରାଇଲେ ତାହା ଦେଖି ଦୁଃଖ ଲାଗୁଥିଲା ବୋଲି ପଦ୍ମଲୋଚନ କହିଛନ୍ତି।

ଭାଜପା ସଦସ୍ୟ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ପୂର୍ବ ସରକାର କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ରାଜ୍ୟର ପ୍ରାୟ ୩୦ ଲକ୍ଷ ହିତାଧିକାରୀଙ୍କ ରାଶନକାର୍ଡ କଟାଯାଇଛି। ଭାଜପା ସରକାର ଆସିବା ପରେ ୧୫ ଲକ୍ଷରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତକରି କାର୍ଡ ପ୍ରଦାନ କରିଛି। ଭାଜପା ସଦସ୍ୟ ଅମର ନାୟକ କହିଛନ୍ତି, ୧୫ ଲକ୍ଷ ହିତାଧିକାରୀଙ୍କୁ ଇ-କେଓ୍ୱାଇସି ଦେବାକୁ ଅବଧି ଦେଇଛୁ। ବାକି ୩ କୋଟିରୁ ଅଧିକ ହିତାଧିକାରୀଙ୍କ ଇ-କେଓ୍ୱାଇସି ସରିଲାଣି। ହେଲେ ବିରୋଧୀ ସେହି ୧୫ ଲକ୍ଷ ହିତାଧିକାରୀଙ୍କ କଥା କହି ରାଜନୀତି କରିବାକୁ ଚାହୁଁଛନ୍ତି। ଗତ ସରକାର ବହୁ ଯୋଗ୍ୟ ଲୋକଙ୍କୁ ମାଗଣା ଚାଉଳ ପାଇବାରୁ ବଞ୍ଚିତ ରଖିଥିଲେ। କେବଳ ସେତିକି ନୁହେଁ, ଅନେକଙ୍କୁ ଅଯୋଗ୍ୟ ବିବେଚିତ କରିବା ସହ ଜରିମାନା ବାବଦରେ ୪୨ କୋଟି ଟଙ୍କା ଆଦାୟକରି ଜେଲ ପଠାଇଥିବା ସେ କହିଛନ୍ତି।

## ବିଧାନସଭା ଖବର

### ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ଖର୍ଚ୍ଚ ହୋଇଛି ୧୩ କୋଟି ୮ ଲକ୍ଷ

#### ୧୩ ଜିଲାରେ ୩୩୮ରୁ ସମ୍ପୂର୍ଣ୍ଣ ହୋଇଛି ୩୩୨ ସୁଭଦ୍ରା ଶକ୍ତି କେନ୍ଦ୍ର

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ୧୩ କୋଟି ୮ ଲକ୍ଷ ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ସୁଭଦ୍ରା ପୋର୍ଟାଲର ମେଣ୍ଟେନାନ୍ସ, ହଷ୍ଟିଙ୍ଗ୍ ଏବଂ ଡାଟା ସୁରକ୍ଷା ପାଇଁ ଏହି ଅର୍ଥ ଖର୍ଚ୍ଚ ହୋଇଛି। ସୁଭଦ୍ରା ପୋର୍ଟାଲ, ଡେଭଲପମେଣ୍ଟ ଓ ସୁରକ୍ଷା ପାଇଁ ୧ କୋଟି ୫୪ ଲକ୍ଷ ୭୮ ହଜାର ଟଙ୍କା ବିଭାଗ ଖର୍ଚ୍ଚ କରିଛି। ବିଭାଗ ପକ୍ଷରୁ କ୍ଲାଉଡ୍ ହୋଷ୍ଟିଂ ପାଇଁ ୧୨ କୋଟି ୨୮ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା ଲିଖିତ ଭାବେ ଦେଇଛନ୍ତି। ସେହିପରି ସେ ଆଉ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ରାଜ୍ୟର ୧୩ଟି ଜିଲାରେ ୩୩୮ଟି ସୁଭଦ୍ରା ଶକ୍ତି କେନ୍ଦ୍ର ମଞ୍ଜୁର ହୋଇଥିବା ବେଳେ ୩୨୨ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମୟୂରଭଞ୍ଜରେ ସର୍ବାଧିକ ୨୫ଟି, ଗଞ୍ଜାମରେ ୨୪ଟି, ସୁନ୍ଦରଗଡ଼ରେ ୨୧ଟି ନିର୍ମାଣ ହୋଇଛି।

### ଉପଭୋକ୍ତାଙ୍କୁ ଠକୁଛି ଟାଟା ପାଓ୍ୱାର: ସାରଦା

ବିଧାନସଭା ଶୂନ୍ୟକାଳ ଆଲୋଚନା ସମୟରେ ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ଓଇଆର୍‌ସି ସମୀକ୍ଷା ରିପୋର୍ଟ ଅନୁସାରେ ଟାଟା ପାଓ୍ୱାର ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଠକୁଛନ୍ତି। ଚାରୋଟି ବିଦ୍ୟୁତ୍ ସଂସ୍ଥା ମିଳିତ ଭାବେ ଟାଟା ପାଓ୍ୱାର ଦ୍ୱାରା ୧ ହଜାର ୬୫ କୋଟି ଟଙ୍କା ଠକିଛନ୍ତି। ଓଇଆର୍‌ସି ଯେଉଁ ଦର ଧାର୍ଯ୍ୟ କରିଛି ୟୁନିଟ୍ ପିଛା ଟାଟା ପାଓ୍ୱାର ତା’ଠାରୁ ଅଧିକ ୩୬ ପଇସା ଲେଖା ଆଦାୟ କରୁଛି। ଲୋକଙ୍କ ମିଟର ଲଗାଇବାଠାରୁ ଟ୍ରାନ୍ସଫର୍ମର ବସାଇବା ଆଦି ବିଭିନ୍ନ କଥାରେ ଟାଟା ପାଓ୍ୱାର ଠକିବାରେ ଲାଗିଛି। ୨ ଲକ୍ଷରୁ ଅଧିକ ଟ୍ରାନ୍ସଫର୍ମର ୬୫ କେଭିରୁ କମ୍ ଅଛି। ଉପକୂଳ ଓଡ଼ିଶାରେ ମାସକୁ ୨୩ ଘଣ୍ଟା, ଉତ୍ତର ଓଡ଼ିଶାରେ ମାସକୁ ୨୭ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଓଏଚ୍‌ପିସି, ଓପିଜିସି ସେମାନଙ୍କ ବାର୍ଷିକ ରିପୋର୍ଟ ମଧ୍ୟ ଦେଉନାହାନ୍ତି। ସେହି ସଂସ୍ଥା ବିରୋଧରେ ତଦନ୍ତକରି ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହା ସହ ହିତାଧିକାରୀଙ୍କୁ ସୁଧ ସହ ଅର୍ଥ ଫେରାଇବାକୁ ସେ ନିବେଦନ କରିଛନ୍ତି।

### ବିଧବାଭତ୍ତା ୩୫୦୦ ଟଙ୍କା ହେଉ: ବଦ୍ରି

ରାଜ୍ୟରେ ଥିବା ବିଧବା ମହିଳାଙ୍କ ଭତ୍ତା ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ବିଜେଡି ବିଧାୟକ ବଦ୍ରିନାରାୟଣ ପାତ୍ର ନିବେଦନ କରିଛନ୍ତି। ବିଧାନସଭାର ଶୂନ୍ୟକାଳରେ ବିଧାୟକ ପାତ୍ର କହିଛନ୍ତି, ବିଧବାମାନଙ୍କୁ ୩୫୦୦ ଟଙ୍କା ଭତ୍ତା ଯୋଗାଇ ଦିଆଯାଉ। ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଉଛନ୍ତି। ହେଲେ ପରିତାପର ବିଷୟ, ବିଧବାମାନଙ୍କୁ ଯେଉଁ ଭତ୍ତା ମିଳୁଛି ତାହା ସେମାନଙ୍କୁ ଅଣ୍ଟୁନାହିଁ। ଫଳରେ ବାରଦୁଆର ବୁଲିବାକୁ ପଡୁଛି। ତେଣୁ ସରକାର ୩,୫୦୦ ଟଙ୍କା ଭତ୍ତା କାହାକୁ ଦିଅନ୍ତୁ ବା ନ ଦିଅନ୍ତୁ କିନ୍ତୁ ପ୍ରାଥମିକତା ଦେଇ ବିଧବାମାନଙ୍କୁ ପ୍ରଦାନ କରନ୍ତୁ ବୋଲି ବଦ୍ରି କହିଛନ୍ତି।

ଏହି ଶୂନ୍ୟକାଳ ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପ୍ରସନ୍ନ ନାୟକ, ଭାଦବ ହାଁସଦା, ଅଭିମନ୍ୟୁ ସେଠୀ, ପବିତ୍ର ସାଉଁନ୍ତା, ରଘୁନାଥ ଜଗଦଲା, ଆକାଶ ଦାସନାୟକ, ପ୍ରଦୀପ କୁମାର ଦିଶାରୀ, କହ୍ନେଇ ଚରଣ ଡାଙ୍ଗ,ରୂପୁ ଭାତ୍ରା, ରମେଶ ବେହେରା, ନରସିଂହ ମାଡକାମୀ, ସି.ଏସ୍. ରାଜନ ଏକ୍କା,ଫକୀର ମୋହନ ନାଏକ, ବିଭୂତି ଭୂଷଣ ପ୍ରଧାନ, ଗଣେଶ୍ୱର ବେହେରା, ସନାତନ ବିଜୁଳି, ପ୍ରଦୀପ ସାହୁ ଏବଂ ସୋଫିଆ ଫିର୍ଦୋସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଜେଡି ଛାଡ଼ିଲେ ବନ୍ତ ବ୍ଲକ୍ ଅଧ୍ୟକ୍ଷ

## ନିଲମ୍ବନ କଲା ଦଳ

ଭଦ୍ରକ,୨୯।୧୧(ସନାତନ ରାଉତ): ଭଦ୍ରକ ଜିଲା ରାଜନୀତି କିଛିଦିନ ଧରି ସରଗରମ ଥିବାବେଳେ ଶନିବାର ଏହା ନାଟକୀୟ ମୋଡ଼ ନେଇଛି। ଶନିବାର ବନ୍ତ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଭେଣ୍ଡର କୋଡ୍ ଖୋଲି ଟଙ୍କା ଆତ୍ମସାତ୍ କରୁଥିବା ଅଭିଯୋଗ ସହ ଦଳ ଓ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏହାର କିଛି ସମୟ ପରେ ବ୍ଲକ ଅଧ୍ୟକ୍ଷ ଘଡ଼େଇ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତିଙ୍କୁ ପଠାଇଥିଲେ। ଏହାର କିଛି ସମୟ ପରେ ରାଜ୍ୟ ବିଜେଡି ଉପସଭାପତି ପ୍ରତାପ ଜେନା ବନ୍ତ ବ୍ଲକ ଅଧ୍ୟକ୍ଷ ଘଡ଼େଇଙ୍କୁ ଦଳରୁ ନିଲମ୍ବନ କରିଥିବା ନେଇ ଶଙ୍ଖ ଭବନରୁ ପ୍ରକାଶ ପାଇଥିବା ଚିଠି ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି।


ବକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ

ଖବରଦାତା ସମ୍ମିଳନୀ, ଇସ୍ତଫା ଓ ନିଲମ୍ବନ ଏସବୁ ଗୋଟିଏ ଦିନରେ ନାଟକୀୟ ଢଙ୍ଗରେ ହୋଇଥିବାବେଳେ ସୋସିଆଲ ମିଡିଆରେ ଏହାକୁ ନେଇ ଜୋରଦାର ଭାଇରାଲ ହେଉଛି। ପ୍ରକାଶଥାଉ କି, କିଛିଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ପ୍ରୟାସକାନ୍ତି ସାମଲଙ୍କ ସହ ବନ୍ତ, ଭଣ୍ଡାରିପୋଖରୀ, ଭଦ୍ରକ ଓ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ଏକ ବୈଠକ କରିବା ସହ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଭାଜପାରେ ମିଶିବା ପାଇଁ ଏମାନେ ଏମ୍‌ପିଙ୍କୁ ଦରଖାସ୍ତ ଦେଇଥିବା ଚର୍ଚ୍ଚା ହେବା ପରେ ଜିଲା ରାଜନୀତି ଚଳଚଞ୍ଚଳ ହୋଇଥିଲା। ତେବେ ଆଜିର ଏହି ନାଟକୀୟ ମୋଡ଼ ଏଠାକାର ରାଜନୀତିକୁ ଆହୁରି ସରଗରମ କରିଛି।

# ମହିଳାଙ୍କ ଘରେ ପଶି ସୁନା ଓ ଟଙ୍କା ଲୁଟ, ଜାଳିଦେଲେ କାର୍

ବ୍ରହ୍ମପୁର,୨୯।୧୧ (ସୁବାସ ଚନ୍ଦ୍ର ପାଢ଼ୀ): ବଡ଼ବଜାର ଥାନା ଅନ୍ତର୍ଗତ ଶାନ୍ତିନଗରରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲୁଟ କରିବା ପରେ ଘର ବାହାରେ ଥିବା କାରକୁ ଜାଳି ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବଡ଼ବଜାର ନିକଟ ଶାନ୍ତିନଗର ପ୍ରଥମ ଲାଇନରେ ଲିଜା ନାହାକ ଓ ତାଙ୍କ ପୁଅ ରହୁଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଲିଜା ନିଜ ଘରେ ଥିବାବେଳେ ଏକାଧିକ ଦୁର୍ବୃତ୍ତ ଘର ନିକଟକୁ ଆସି କଲିଂ ବେଲ୍ ବଜାଇଥିଲେ । ଲିଜା କବାଟ ଖୋଲିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ମାରପିଟ କରିଥିଲେ । ଏହାପରେ ସେମାନେ ଘର ଭିତରେ ରଖା ଯାଇଥିବା ନଗଦ ୧୨ ହଜାର ଟଙ୍କା, ସୁନା ମୁଦି, ସୁନା କାନଫୁଲ ଓ ସୁନା ଚେନ ଲୁଟ କରି ନେଇଯାଇଥିଲେ । ତେବେ ଦୁର୍ବୃତ୍ତମାନେ ଗଲାବେଳେ ଘର ବାହାରେ ରଖାଯାଇଥିବା ତାଙ୍କ କାର ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ବୋଲି ଲିଜା ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ପୋଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଥିବା କହିଛି ।

# ଦୁର୍ନୀତି ଅଭିଯୋଗ ଆଣିଲା ବିଜେଡି


ବିଜେଡି ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତା।

ଭଦ୍ରକ,୨୯।୧୧(ସନାତନ ରାଉତ)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନେଇ ନିଜ ଦଳ ସମର୍ଥିତ ବନ୍ତ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ବ୍ଲକ ବିଜେଡି ଅଭିଯୋଗ ଆଣିଛି। କିଛିଦିନ ପୂର୍ବରୁ ଭାଜପାରେ ମିଶିବା ପାଇଁ ୪ ବ୍ଲକ ଅଧ୍ୟକ୍ଷ ଭାଜପା ରାଜ୍ୟ ସଭାପତିଙ୍କୁ ଦରଖାସ୍ତ ଦେଇଥିଲେ। ଏହାକୁ ନେଇ ବିଜେଡି ମଧ୍ୟରେ କମ୍ପନ ସୃଷ୍ଟି ହୋଇଥିବା ବେଳେ ଏବେ ତାହା ବିସ୍ଫୋରଣର ରୂପ ନେଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଏହି ଟଙ୍କା ଆତ୍ମସାତ୍ କରିଥିବା ଭଣ୍ଡାରିପୋଖରୀ ବିଧାୟକଙ୍କ ଭଦ୍ରକ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନରେ ଶନିବାର ଅପରାହ୍ଣ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଜଣେ ନିର୍ବାଚିତ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷ ଭାବେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲିବା ୧୯୮୭ ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟର ଉଲ୍ଲଂଘନ ବୋଲି ରାଜ୍ୟ ଯୁବ ବିଜେଡି ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷଙ୍କ ଏହି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯିବା ପାଇଁ ସ୍ମୃତିରଞ୍ଜନ ଦାବି କରିଛନ୍ତି। ଏହି ଦୁର୍ନୀତି ସମ୍ପର୍କରେ ବିଜେଡି ସୁପ୍ରିମୋଙ୍କ ସହ ବିଧାୟକ ଓ ବ୍ଲକ ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ଏହି ଦୁର୍ନୀତି ଦଳକୁ ବଦ୍‌ନାମ କରିବା ସହ ବିଧାୟକଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛି। ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। ସେହିପରି ଏହି ଦୁର୍ନୀତିର ତଦନ୍ତ କରି ତାଙ୍କ ଅଧ୍ୟକ୍ଷ ପଦ ରଦ୍ଦ କରାଯିବାକୁ ଦଳୀୟ ନେତୃବୃନ୍ଦ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବିଜେଡି ଜିଲା ଉପସଭାପତି ପ୍ରଶାନ୍ତ ଦାସ, ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ଗଜେନ୍ଦ୍ର ସେଠୀ, ଧୀରେନ୍ଦ୍ର ଖିଲାର, ଚିତ୍ତରଞ୍ଜନ ଦାସ, ଭବେନ୍ଦ୍ର ସାହୁ, ଅକ୍ଷୟ ଦାସ, ରାଜୀବ ଲୋଚନ ଜେନା, ଦୀପକ ମହାନ୍ତି, ବନମାଳୀ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଅପରପକ୍ଷେ ଅଧ୍ୟକ୍ଷ ଘଡ଼େଇ କହିଛନ୍ତି, ସେ ବ୍ଲକ ଅଧ୍ୟକ୍ଷ ହେବା ପୂର୍ବରୁ ତାଙ୍କ ବ୍ୟବସାୟ ପାଇଁ ସେ ୨୦୦୯ରେ ଭେଣ୍ଡର କୋଡ୍ ଖୋଲିଥିଲେ। ଏବେ ତାଙ୍କ ସହ ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଜେଇଙ୍କ ମିଳିତ ଆକାଉଣ୍ଟରେ ଭେଣ୍ଡର କୋଡ୍ ଖୋଲାଯାଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ। ରାଜନୈତିକ ଆକ୍ରୋଶରୁ ଏପରି ଅଭିଯୋଗ କରାଯାଇଛି। ଏହାର ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

# ୨୭ବର୍ଷର ପୁରୁଣା ଫାଇଲ୍, ରେକର୍ଡପତ୍ର ଗାଏବ

## ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଅସୁରକ୍ଷିତ ହୋଇପଡ଼ିଛି। ସିକ୍ୟୁରିଟି ଗାର୍ଡ ଓ ସିସିଟିଭି ଲାଗିଥିବା ବେଳେ ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ୨୭ବର୍ଷର ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ଗାଏବ ସହ ବିଭିନ୍ନ ସାମଗ୍ରୀ ଚୋରି ହେବା ପ୍ରଶାସନ ଓ ପୋଲିସର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏହା ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଗାଏବ କରାଯାଇଛି ନା ପ୍ରକୃତରେ ଚୋରି ହୋଇ ତାହା ତଦନ୍ତସାପେକ୍ଷ। ବାଲେଶ୍ୱର ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଡେପୁଟି କଲେକ୍ଟର (ନିର୍ବାଚନ) ସହଦେବଖୁଣ୍ଟା ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୪୪୬/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଦୀର୍ଘବର୍ଷ ଧରି ଏହି ଷ୍ଟୋର୍ ରୁମ୍‌ରେ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ପତ୍ର ଓ ସାମଗ୍ରୀ ରହିଥିଲା। ୧୯୯୫ରୁ ୨୦୨୧ ମସିହା ପର୍ଯ୍ୟନ୍ତ ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ସହ ଇ-ରୋଲ୍ ସିଡି, କମ୍ପ୍ୟୁଟର, ପ୍ରିଣ୍ଟର, ଲ୍ୟାଣ୍ଡ ଫୋନ୍, ଟାଇପ୍ ରାଇଟର, ଲଣ୍ଠନ ଆଦି ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ଷ୍ଟୋର ରୁମ୍‌ରୁ କିଭଳି ଚୋରି ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ସମ୍ବନ୍ଧୀୟ ରେକର୍ଡପତ୍ର ଏଠାରେ ରହୁଥିବା ବେଳେ ଅକସ୍ମାତ୍ ଏସବୁ କିଏ ଗାଏବ କଲା ତାହା ତଦନ୍ତସାପେକ୍ଷ। ଅଭିଯୋଗ କ୍ରମେ ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

ଧରିତ୍ରୀ
DHARITRI
52 Years
ପୃଷ୍ଠା–୮+୮
ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 30/2025 | Page 16 | ₹ 7.00 | RAYAGADA
୫୨ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 7 | ମୂଲ୍ୟ ₹୭/-

# ରାଶନ କାର୍ଡରୁ ନାଁ ବାଦ୍: ବିରୋଧୀଙ୍କ ହଙ୍ଗାମା

**ରାଜ୍ୟରେ ଯେଉଁ କେତେକ ପ୍ରସଙ୍ଗ ଉପରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି ସେଥିମଧ୍ୟରେ ରାଶନ କାର୍ଡ ଅନ୍ୟତମ। ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଅନେକ ସରକାରୀ ସୁବିଧା ସୁଯୋଗ ରହିଥିବାରୁ ଏହାକୁ ନେଇ ରାଜନୀତି ଚାଲିଆସିଛି। ଏହାସହ ଏଥିରେ ମୃତ ହିତାଧିକାରୀଙ୍କ ନାଁରେ ସାମଗ୍ରୀ ଓ ଅର୍ଥ ହଡ଼ପ ଭଳି ଅନେକ ଅନିୟମିତତା ହୋଇଆସୁଥିବାବେଳେ ଯୋଗ୍ୟଙ୍କୁ ବାଦ୍ ଦେଇ ଅଯୋଗ୍ୟଙ୍କୁ ରାଶନ କାର୍ଡ ମିଳିଥିବା ଅଭିଯୋଗ ମଧ୍ୟ ବେଶ୍ ପୁରୁଣା। ଏଭଳିସ୍ଥଳେ ଶାସକ ଦଳକୁ ସୁହାଇଲା ଭଳି ହିତାଧିକାରୀ ଚୟନ ହେଉଥିବା ବିରୋଧୀ ଦଳ ଅର୍ଥାତ୍ ୨୦୨୪ ପୂର୍ବରୁ ଭାଜପା, କଂଗ୍ରେସ ଏବଂ ଏବେ ବିଜେଡି, କଂଗ୍ରେସ ଅଭିଯୋଗ କରୁଛନ୍ତି। ସମ୍ପ୍ରତି ସରକାର ରାଶନ କାର୍ଡ ହିତାଧିକାରୀ ତାଲିକାରୁ ଅଯୋଗ୍ୟଙ୍କ ନାଁ କାଟିବା ଏବଂ ନୂଆ ଯୋଗ୍ୟ ହିତାଧିକାରୀଙ୍କ ନାଁ ଯୋଡ଼ିବାକୁ ଉଦ୍ୟମ ଚଳାଇଥିବାବେଳେ ପୁଣି ଜୋର ଧରିଛି ରାଜନୀତି। ଏହାକୁ ନେଇ ଶନିବାର ବିଧାନସଭାରେ ବିରୋଧୀଙ୍କ ପକ୍ଷରୁ ମୁଲତବୀ ଆଲୋଚନା ହୋଇଥିବାବେଳେ ବିରୋଧୀ ଏବଂ ଶାସକ ଦଳ ସଦସ୍ୟମାନେ ପରସ୍ପରର ଦୋଷଦୁର୍ବଳତା ବଖାଣିଛନ୍ତି।**

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ବିଧାନସଭାରେ ଶନିବାର ରାଶନକାର୍ଡ ତାଲିକାରୁ ନାମ ବାଦ୍ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଇ-କେୱାଇସି ନେଇ ଯେଉଁ ତଥ୍ୟ ମନ୍ତ୍ରୀ ଦେଉଛନ୍ତି ତାହା ସି-ଗ୍ରେଡ୍‌ରେ ଯିବ, ଯାହା ଗ୍ରହଣଯୋଗ୍ୟ ନୁହେଁ। ମହଙ୍ଗା ଦର ଆକାଶଛୁଆଁ ହେଲାଣି ତଥାପି ରାଜ୍ୟର ସରକାର 'ଚାଙ୍ଗାସୀ'(ସବୁ ଠିକ୍)। ଯିଏ ଏବେ ସରକାରଙ୍କୁ ପ୍ରଶ୍ନ କରିବ ସେ ଦେଶଦ୍ରୋହୀ ହୋଇଯିବ। ଏବେ ରାଜ୍ୟରୁ ରାଶନକାର୍ଡ ହିତାଧିକାରୀଙ୍କ ସଂଖ୍ୟା କମ୍ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ପାଲଟିଛି। ସାରା ଦେଶରେ ବିଭିନ୍ନ ଯୋଜନାରୁ ୨ କୋଟି ହିତାଧିକାରୀଙ୍କୁ ନାନା ପ୍ରକାର କାରଣ ଦର୍ଶାଇ ବାଦ୍ ଦିଆସରିଲାଣି। ରାଜ୍ୟରୁ ବହୁ ଯୋଗ୍ୟ ରାଶନକାର୍ଡ ହିତାଧିକାରୀ କଟିସାରନ୍ତେଣି। ହେଲେ ନୂଆପଡା ଉପନିର୍ବାଚନ ଲାଗି ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ସମୟ ଗଡ଼ାଯାଇଛି। ବିଭିନ୍ନ ଜିଲାରୁ ଏବେ ରାଶନକାର୍ଡ ରଖିଥିବା ହିତାଧିକାରୀଙ୍କ ସଂଖ୍ୟା କମାଇବା ପାଇଁ ଏହା ଭିତରେ ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ୨ ଥର ଚିଠି ଦେଲେଣି। ଜିଲାପାଳମାନେ ପଞ୍ଚାୟତ ଅଧିକାରୀଙ୍କୁ ଚିଠି ଲେଖି ଯେତେ ଅଧିକ ହିତାଧିକାରୀଙ୍କୁ କଟାଯାଇପାରିବ ସେଦିଗରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିରୋଧୀ ଦଳ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।



## ମୁଲତବୀ ଆଲୋଚନା

### ଯେତେ ଅଧିକ ହିତାଧିକାରୀଙ୍କୁ କାଟିପାରିବ ବୋଲି ଜିଲାପାଳଙ୍କୁ ନିର୍ଦ୍ଦେଶ: ରଣେନ୍ଦ୍ର

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ସଦସ୍ୟମାନେ ଶନିବାର ଗୃହରେ 'ଇ-କେୱାଇସି ପରେ ଏବେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ ସରକାର କାଟୁଛନ୍ତି, ଲୋକେ ହନ୍ତସନ୍ତ' ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ଆଲୋଚନାରେ ପ୍ରଥମେ ଭାଗନେଇ ରଣେନ୍ଦ୍ର କହିଛନ୍ତି, ଜିଲାପାଳ ପଞ୍ଚାୟତ ଅଧିକାରୀମାନଙ୍କୁ ଯେଉଁ କେତୋଟି ପଏଣ୍ଟରେ ହିତାଧିକାରୀ ☞ପୃଷ୍ଠା–୩

# ଅଯୋଗ୍ୟ କଟିବାରୁ ୨୧୦ କୋଟି ବଞ୍ଚିଛି: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

- **୮ ଲକ୍ଷ ୧୬ ହଜାର ୦୫୬ ଅଯୋଗ୍ୟ କଟିଛନ୍ତି**
- **୬ ଲକ୍ଷ ୩୯ ହଜାର ୮୨୭ ନୂଆ କାର୍ଡ ଦିଆଯାଇଛି**
- **ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବରରେ ମାଗଣା ୫ କେଜି ଚାଉଳ ଦିଆଯାଇଛି**
- **ରାଜ୍ୟରେ ୧୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ ନିର୍ଦ୍ଦେଶ**

ମୁଲତବୀ ପ୍ରସ୍ତାବରେ ବିରୋଧୀ ଆଣିଥିବା ଅଭିଯୋଗକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖଣ୍ଡନ କରିଛନ୍ତି। ସେ ଏହାର ଜବାବରେ କହିଛନ୍ତି, ଇ-କେୱାଇସି ସର୍ଭେ ଆଳରେ ଗତ ଜୁନ୍‌ଠାରୁ ଜଣେ ହେଲେ ଯୋଗ୍ୟ ବ୍ୟକ୍ତିଙ୍କ ରାଶନକାର୍ଡ କଟାଯାଇନାହିଁ। ଗତ ଜୁନ୍‌ରୁ ଅଦ୍ୟାବଧି ଏନ୍‌ଏଫ୍‌ଏସ୍(ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା) ୨୦୧୩ ଆଇନ ଅନୁଯାୟୀ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରର ୩ କୋଟି ୨୭ ଲକ୍ଷ ୮୭ ହଜାର ୨୬୩ ଜଣଙ୍କୁ ଚାଉଳ ବଣ୍ଟନ କରାଯାଉଛି। ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କିଛି ନୂଆ କଥା ନୁହେଁ। ୨୦୧୫ରୁ ୨୦୨୪ ମଧ୍ୟରେ ଏହି ପ୍ରକ୍ରିୟା ଗତ ସରକାର କରିଥିଲେ। ସେଥିରେ ୧୦ ଲକ୍ଷରୁ ଅଧିକ ପରିବାରର ୩୦ ଲକ୍ଷ ହିତାଧିକାରୀଙ୍କ କାର୍ଡ କଟାଯାଇଥିଲା। କେବଳ ସେତିକି ନୁହେଁ, ଲୋକଙ୍କୁ ଅକଥନୀୟ ଅତ୍ୟାଚାର କରାଯିବା ସହ ମହିଳାଙ୍କୁ ମଧ୍ୟ ଛଡ଼ାଯାଇ ନ ଥିଲା, ଜେଲରେ ପୂରାଯାଇଥିଲା। ଏହାସହ ଲୋକଙ୍କୁ ଅର୍ଥଦଣ୍ଡ ମଧ୍ୟ ଦେଇ ଭୟର ବାତାବରଣ ସୃଷ୍ଟି କରାଯାଇଥିଲା। ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ଚିହ୍ନଟ କରାଯାଇ ସେମାନଙ୍କ କାର୍ଡ କଟାଯାଇଛି, ଯେଉଁମାନଙ୍କୁ ଭୂତ ହିତାଧିକାରୀ କୁହାଯାଉଛି। ୭୫,୦୩୦ ସରକାରୀ ଚାକିରିଆ କାର୍ଡ ହାତେଇଥିଲେ, ସେମାନଙ୍କ କାର୍ଡ କଟାଯାଇଛି। ଇନ୍‌କମ୍ ଟ୍ୟାକ୍ସ ଦେଉଥିବା ୪୫ ହଜାର ୪୯୬ ଜଣଙ୍କ କାର୍ଡ କଟାଯାଇଛି। ଏହିପରି ମୋଟ୍ ୮ ଲକ୍ଷ ୧୬ ହଜାର ୦୫୬ ଜଣଙ୍କ ରାଶନ କାର୍ଡ କଟାଯାଇଛି। ଏହାଦ୍ୱାରା ☞ପୃଷ୍ଠା–୩










# ନିୟମଗିରିରେ ଡଙ୍ଗରିଆଙ୍କ ସମସ୍ୟା ବୁଝିଲେ ଜିଲାପାଳ

ମୁନିଗୁଡ଼ା,୨୯।୧୧ (ନନ୍ଦ କିଶୋର ପଟ୍ଟନାୟକ)



ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ନିୟମଗିରି ଅଞ୍ଚଳର ରାସ୍ତା ସ୍ଥିତି ତଦାରଖ କରୁଛନ୍ତି।

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ମୁନିଖୋଲ ଗ୍ରାମପଞ୍ଚାୟତ ତଥା ନିୟମଗିରିରେ ବସବାସ କରୁଥିବା ଆଦିମ ସମ୍ପ୍ରଦାୟ ଡଙ୍ଗରିଆ କନ୍ଧଙ୍କ ସମସ୍ୟା ବୁଝିଲେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି। ଉପାନ୍ତ ଅଞ୍ଚଳରେ ଲୋକଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚୁଛି କି ନାହିଁ ତଦାରଖ କରିବା ଉଦ୍ଦେଶ୍ୟରେ ଶନିବାର ଜିଲାପାଳ କୁଲକର୍ଣ୍ଣି ନିୟମଗିରି ଅଞ୍ଚଳ ଗସ୍ତ କରିଥିଲେ। ପ୍ରଥମେ ସେ ଆକାଂକ୍ଷା ଗ୍ରାମ ସକଟାରେ ପହଞ୍ଚି ଜନମନ ଯୋଜନାରେ ଘର ନିର୍ମାଣ, ଅଙ୍ଗନୱାଡି ଗୃହ, ସ୍କୁଲ, ଆରୋଗ୍ୟ କେନ୍ଦ୍ର ଆଦି ବୁଲି ଦେଖିବା ପରେ କେତେଜଣ ହିତାଧିକାରୀଙ୍କୁ ଜାତି ଓ ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରେ ସକଟା ଗ୍ରାମ ନିକଟ ଝରଣାରେ ଏକ ଆଡ଼ିବନ୍ଧ ନିର୍ମାଣ ସହ ଦୀର୍ଘ ବର୍ଷ ହେବ ନିର୍ମାଣାଧୀନ ସକଟାଠାରୁ ଆମ୍ବଧୂନି ପର୍ଯ୍ୟନ୍ତ ରାସ୍ତାର ସ୍ଥିତି ମଧ୍ୟ ପରଖିଛନ୍ତି। ଏଥିସହ ବିଭିନ୍ନ ଗାଁକୁ ଥିବା ରାସ୍ତା ବୁଲି ଦେଖିବା ସହ ନିୟମଗିରିର ସବୁ ଗାଁକୁ କିଭଳି ପକ୍କା ରାସ୍ତା ଶୀଘ୍ର ନିର୍ମାଣ ହେବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାବ୍ୟତୀତ ଡାମାଣପଙ୍ଗାଠାରୁ ପାଟଶାଳୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣକରି ମୁନିଗୁଡା ଓ କଲ୍ୟାଣସିଂପୁର ବ୍ଲକ୍ ସହ ସଂଯୋଗ କରାଯିବା ନେଇ ଯୋଜନା କରାଯାଇଛି। ସରକାର ବିଶେଷକରି ଡଙ୍ଗରିଆଙ୍କ ପାଇଁ ବିଭିନ୍ନ ଯୋଜନା

## ତୁରନ୍ତ ସବୁ ଗାଁକୁ ପକ୍କାରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ

ପ୍ରଣୟନ କରୁଥିବା ବେଳେ ସମସ୍ତ ଯୋଜନାର ଲାଭ ଉଠାଇବାକୁ ଜିଲାପାଳ ଗ୍ରାମବାସୀଙ୍କୁ କହିଥିଲେ। ଅପରପକ୍ଷେ ନିୟମଗିରୀର ମୁନିଖୋଲ ପଞ୍ଚାୟତର ବିଭିନ୍ନ ଗାଁକୁ ଏବେ ପକ୍କା ରାସ୍ତା ନିର୍ମାଣ ହୋଇପାରିବା ସହ ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବା ନେଇ ଆଶା କରାଯାଉଛି ବୋଲି ମୁନିଖୋଲ ଗ୍ରାମପଞ୍ଚାୟତ ସରପଞ୍ଚ ପାଇକ ଜାକାକା ପ୍ରକାଶ କରିଛନ୍ତି। ଜିଲାପାଳ କୁଲକର୍ଣ୍ଣିଙ୍କ ଏହି ଗସ୍ତ ସମୟରେ ଗୁଣପୁରୁ ଉପଜିଲାପାଳ ଅଭିଷେକ ଦୁଧାଲ, ରାୟଗଡ଼ା ସିଡିଓ ଅକ୍ଷୟ କୁମାର ଖେମୁଣ୍ଡ, ପିଏ ଆଇଟିଡିଏ ଗୁଣପୁର ଅଜୟ କୁମାର ପ୍ରଧାନ, ମୁନିଗୁଡା ତହସିଲଦାର ଏମ୍.ଅନୁରାଧା, ବ୍ଲକ୍ ଏଇ ଭି.ଶ୍ରୀନିବାସ ରାଓ, ବ୍ଲକ୍ ମଙ୍ଗଳ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଯୋଗାଣ ଅଧିକାରୀ ଆଶିଷ କୁମାର ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସରିଲା ସିକରପାଇ-କେଉଟଗୁଡ଼ା ସୁଡ଼ଙ୍ଗ କାମ



ଟନେଲ ନମ୍ବର ୩୫ ନିକଟରେ ଉଚ୍ଚସ୍ତରୀୟ ବୈଷୟିକ ଦଳ।

## ରେଳ ଲାଇନ ଦୋହରୀକରଣ ପ୍ରକଳ୍ପର ଟନେଲ ନମ୍ବର ୩୫

ରାୟଗଡ଼ା,୨୯।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାର ସିଙ୍ଗାପୁର ରୋଡ-କୋରାପୁଟ ରେଳ ଲାଇନର ଦୋହରୀକରଣ ପ୍ରକଳ୍ପର ଟନେଲ ନମ୍ବର ୩୫ର କାର୍ଯ୍ୟ ସଫଳତା ସହ ଶେଷ ହୋଇଛି। ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ୱାଲଟିୟର ଡିଭିଜନର ସିକରପାଇ ଏବଂ କେଉଟଗୁଡ଼ା ରେଳ ଷ୍ଟେଶନ ମଧ୍ୟରେ ରହିଥିବା ୬୩୦ ମିଟର ଲମ୍ବ ବିଶିଷ୍ଟ ଏହି ସୁଡ଼ଙ୍ଗ ନିର୍ମାଣ କାର୍ଯ୍ୟ ବିଶାଖାପାଟଣାର ନିର୍ମାଣ-୨ ମୁଖ୍ୟଯନ୍ତ୍ରୀଙ୍କ ଅଧିନରେ ହୋଇଛି। ଏହି ଟନେଲ କାମ ସରିବା ପରେ ଶନିବାର ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ସେଠାରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏହି ସଫଳତା କୋରାପୁଟ-ସିଙ୍ଗାପୁର ରୋଡ ସେକ୍ସନରେ ରେଳ ସଂଯୋଗୀକରଣ ଏବଂ କ୍ଷମତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ଆସନ୍ତା ୨ମାସ ମଧ୍ୟରେ ରେଳ ଟ୍ରାକ୍‌ର ଦୋହରୀକରଣ କାର୍ଯ୍ୟ ସମାପ୍ତ ହେବା ନେଇ ଆଶା କରାଯାଉଛି। ଏହାପରେ ସିକରପାଇ-କେଉଟଗୁଡ଼ା ରେଳ ସଂଯୋଗୀକରଣ ଏବଂ ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବ ବୋଲି ୱାଲଟିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର କେ.ପବନ କୁମାର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଆପତ୍କାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର ପାଇଁ ପ୍ରଶିକ୍ଷଣ



ବିଜୁଳି, ଘଡ଼ଘଡ଼ି ସମୟରେ ଜୀବନ ରକ୍ଷା ପାଇଁ କୌଶଳର ଅଭ୍ୟାସ କରାଯାଉଛି।

ରାୟଗଡ଼ା,୨୯।୧୧(ଆଶିଷ ରଞ୍ଜନ ପଣ୍ଡା)

## ବିପର୍ଯ୍ୟୟ ପ୍ରଶମନ, ପ୍ରାଥମିକ ଚିକିତ୍ସା ତାଲିମ

ରାୟଗଡା ଜିଲା ପ୍ରଶାସନ ତଥା ଓସ୍‌ଡମା ତରଫରୁ ରାୟଗଡ଼ା ସଦର ବ୍ଲକର କାମ୍ପ ମାଲିଗାଁଠାରେ ୨ ଦିନିଆ ବିପର୍ଯ୍ୟୟ ପ୍ରଶମନ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଜିତ କୁମାର ମିଶ୍ର ତାଲିମ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୯ ବର୍ଷରୁ କମ୍ ୩୦ ଜଣ ବାଳିକା ଯୋଗଦେଇଥିଲେ। ଆପତ୍କାଳୀନ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର ସହିତ ସାପ କାମୁଡା, ବିଜୁଳି, ଘଡଘଡି ସମୟରେ ଜୀବନ ରକ୍ଷା, ପଶୁପକ୍ଷୀଙ୍କ ଜୀବନ ରକ୍ଷା, ଆକସ୍ମିକ ଦୁର୍ଘଟଣା ସମୟରେ ପ୍ରାଥମିକ ଚିକିତ୍ସା ଆଦି କୌଶଳଗୁଡିକର ଅଭ୍ୟାସ କରାଯାଇଥିଲା । ଓସ୍‌ଡମା ଦ୍ୱାରା ତାଲିମପ୍ରାପ୍ତ ୨ଜଣ ସମ୍ବଳ ବାଳିକା ମିତାଲି ସାହୁ ଓ ବୈଶାଖୀ ସ୍ୱାଇଁ ସମସ୍ତଙ୍କୁ ତାଲିମ ପ୍ରଦାନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଫାଷ୍ଟ ଏଡ୍ କିଟ୍ ବଣ୍ଟନ କରାଯାଇଥିଲା। ଶେଷରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ପିଇଓ ପଲ୍ଲବୀ ପ୍ରିୟନାଥ, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।

# ନଦୀରେ ବୁଡ଼ି ୩ ବର୍ଷର ଶିଶୁ ମୃତ

ରାୟଗଡ଼ା,୨୯।୧୧(ଆଶିଷ ରଞ୍ଜନ ପଣ୍ଡା)

- ଶବ ବ୍ୟବଚ୍ଛେଦ ପାଇଁ ୨ହଜାର ଟଙ୍କା ଲାଞ୍ଚ ମାଗିବା ଅଭିଯୋଗ
- ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ଚିଠି


ନଦୀରେ ବୁଡ଼ି ଜଣେ ୩ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କାହ୍ନୁଗୁଡ଼ା ଗ୍ରାମର କମ୍ପୁ ମାଝିଙ୍କ ପୁଅ ତରୁ ମାଝି। ଏ ନେଇ ପରିବାରବର୍ଗ ପୋଲିସକୁ ସୂଚନାଦେବା ପରେ ଶୁକ୍ରବାର ଅପରାହ୍ନରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ତେବେ ରାତି ହୋଇଯାଇଥିବା କାରଣରୁ ଶନିବାର ଦାୟିତ୍ୱରେ ଥିବା ଡାକ୍ତର ଶବ ବ୍ୟବଚ୍ଛେଦ କରିଥିଲେ। ପରେ ଡାକ୍ତରଙ୍କ ସହଯୋଗୀ ହୃଷୀକେଶ ସାହୁ ମୃତ ଶିଶୁଙ୍କ ପରିବାରବର୍ଗଙ୍କୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରିବାରବର୍ଗ ଶିଶୁର ଅକାଳ ମୃତ୍ୟୁରେ ଭାଙ୍ଗି ପଡ଼ିଥିବାରୁ ଉପସ୍ଥିତ ଗାଁ ଲୋକେ ଚାନ୍ଦାକରି ପ୍ରଥମେ ୫୦୦ ଟଙ୍କା ଦେବାରୁ ହୃଶିକେଷ ମନା କରିଥିଲେ । ପୁଣି ଥରେ ଗାଁ ଲୋକେ ୧ ହଜାର ଟଙ୍କା ଦେଇଥିଲେ ମଧ୍ୟ ହୃଷୀକେଶ ଗ୍ରହଣ କରି ନ ଥିଲେ। ଶିଶୁର ଶବ ବ୍ୟଚ୍ଛେଦ ପାଇଁ



ମୃତ ଶିଶୁ।

ଟଙ୍କା ମାଗିବା ଘଟଣାକୁ ଗ୍ରାମବାସୀ ନିନ୍ଦା କରିବା ସହ କାଶୀପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି କରିଛନ୍ତି । ତେବେ ଗରିବ ଲୋକଙ୍କ ପାଇଁ ସରକାର ବିଭିନ୍ନ ଉନ୍ନତିମୂଳକ ଯୋଜନା କରୁଥିବା ବେଳେ ସରକାରୀ ବ୍ୟବସ୍ଥା କଳରେ ଏଭଳି ଅମାନବୀୟ କାର୍ଯ୍ୟ ଯୋଗୁ ଲୋକେ ଭୟଭୀତ ହୋଇ ଆଉ ସରକାରୀ କାର୍ଯ୍ୟାଳୟକୁ ଯାଉନାହାନ୍ତି ବୋଲି ସାମାଜିକ କର୍ମୀ ବଳରାମ ପଣ୍ଡା କହିଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ଜିଲାରେ ଘଟୁଥିବା ଏଭଳି ଦୁର୍ନୀତି ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲଗାଇବା ଆବଶ୍ୟକ ବୋଲି ବଳରାମ କହିଛନ୍ତି ।

ଘଟଣାରୁ ପ୍ରକାଶ, କାହ୍ନୁଗୁଡ଼ା ଗ୍ରାମର କମ୍ପୁ ମାଝିଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ ମାଝି ଶୁକ୍ରବାର ସକାଳେ ନଦୀକୁ ଯାଇଥିଲେ । ତାଙ୍କ ୩ ବର୍ଷର ପୁଅ ତରୁ ମା'ଙ୍କ ଅଗୋଚରରେ ତାଙ୍କ ପଛେ ପଛେ ନଦୀକୁ ଚାଲିଯାଇଥିଲା। ମା' ନଦୀରୁ ଫେରି ପୁଅକୁ ଖୋଜି ନ ପାଇବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏହା ପରେ ତରୁଙ୍କ ଜେଜେମା' ନଦୀ ନିକଟରେ ଖୋଜିବାକୁ ଯିବା ସମୟରେ ନଦୀ ତଟରେ ତରୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଭାଜପା ନେତା ଶିବଶଙ୍କର ଉଲାକା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ରାଜ୍ୟ ସରକାର ଏଭଳି ଘୃଣ୍ୟ କାର୍ଯ୍ୟକୁ କଦାପି ବରଦାସ୍ତ କରିବେ ନାହିଁ ଏବଂ ଏଥିରେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ବର୍ତ୍ତମାନ ଭାଜପା ସରକାର ଗ୍ରାମାଞ୍ଚଳରେ କିଭଳି ଲୋକେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି ବୋଲି ଶିବ ଉଲାକା କହିଛନ୍ତି ।



Medical Incharge Kasipur
6 minutes ago

OFFICE OF THE MEDICAL OFFICER I/C
C KASHIPUR DIST-RAYAGADA
...one No-06...5285040 E mail-chckashipur999@gma...n

Letter No-: 151/2025
Date-: 29/11/2025

To

The Chief District Medical & Public Health Officer,
Rayagada.

Sub-: Written allegation against Sri Hrusikesh Sahoo,Attendant, CHC Kashipur towards demanding money for autopsy .

Madam

I am herewith transmitting the written complaint received from Sri Tankadhara Sahu & Others on Dtd 29.11.2025 against Sri Hrusikesh Sahoo,Attendant CHC Kashipur related to demanding money of Rs 2000/-( Rupees Two Thousand) Only for autopy of the deadbody of a three year child of Kanhuguda village of this Block.

Hence I would like to request you take necessary steps in this regard at your end.

Enclosure

1 Written Complaint-2 Pages

Yours Faithfully,

Medical Officer I/C
CHC Kashipur
Dist-Rayagada

Medical Officer, I/c
C.H.C. Kashipur
Dist : Rayagada

କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସିଡିଏମ୍‌ଓଙ୍କୁ ପଠାଇଥିବା ଚିଠି ।

# ଚଇତି ଉପଲକ୍ଷେ କ୍ରୀଡ଼ା କମିଟି ପ୍ରସ୍ତୁତି ବୈଠକ




ବୈଠକରେ ଉପସ୍ଥିତ ବିଡିଓଙ୍କ ସହ ଅନ୍ୟ ଅଧିକାରୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

ଗୁଣପୁର,୨୯।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ସଭାପତିତ୍ୱରେ ସଭାଗୃହଠାରେ ଉପଖଣ୍ଡ ସ୍ତରୀୟ ଚଇତି ଉତ୍ସବ ଇଡିତାଲ-୨୦୨୫ ଉପଲକ୍ଷେ କ୍ରୀଡା କମିଟିର ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ପ୍ରତିଯୋଗିତା କରିବା ସହ ଖେଳାଳିଙ୍କ ସୁରକ୍ଷା ପ୍ରତି ଧ୍ୟାନଦେଇ କିଭଳି କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଆବାହକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ଓ ସମସ୍ତ ପିଟି ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଉପକମିଟି ସଦସ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଚଳିତ ବର୍ଷ କ୍ରିକେଟ, ଭଲିବଲ୍, ବ୍ୟାଡମିଣ୍ଟନ (ବାଳକ ଓ ବାଳିକା ), କବାଡି (ବାଳକ ଓ ବାଳିକା) ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କିଛି ଖେଳ ମିନି ଷ୍ଟାଡିୟମ ଓ କିଛି ନୂତନ ଚଇତି ପଡିଆଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି।

# ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଗୁଣପୁର,୨୯।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ହେମାନନ୍ଦ ବରିହାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁରୁ ବିଆଇଇଟି ଅଧ୍ୟକ୍ଷ ମନୋଜ କୁମାର ଗମାଙ୍ଗ, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ବେହେରା, ସବିତା ଶବର, ଦମୟନ୍ତୀ ଦେବୀ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଗୁଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଉପସ୍ଥିତ ରହି ବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବ୍ଲକସ୍ତରରେ ପୁରସ୍କୃତ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

# ୬୨ କେ.ଜି. ଗଞ୍ଜେଇ ଜବତ, ୟୁପିର ଅଭିଯୁକ୍ତ ଗିରଫ

ରାୟଗଡ଼ା, ୨୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ବେଆଇନ ଭାବେ ଟ୍ରେନ୍‌ରେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରିବାକୁ ରାୟଗଡା ରେଳ ଷ୍ଟେଶନ ଅପରାଧୀଙ୍କ ପାଇଁ ଏକ ଗଳାବାଟ ପାଲଟିଥିବା ଅଭିଯୋଗ ହେଉଛି। ଗୁରୁବାର ରାତିରେ ୧୦ ପୋଲିସ ଜଣେ ଯୁବତୀଙ୍କଠାରୁ ୧୦ କେଜି ୨୫୦ଗ୍ରାମ ଗଞ୍ଜେଇ ଜବତ କରିଥିବାବେଳେ ଶୁକ୍ରବାର ରାତିରେ ରାୟଗଡା ରେଳ ଷ୍ଟେଶନରୁ ପୁଣି ୬୨କେଜି ୮୬୦ଗ୍ରାମ ଓଜନର ଗଞ୍ଜେଇ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଜିଆର୍‌ପି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉତ୍ତର ପ୍ରଦେଶ ମିରଟ ଜିଲା ଖରଖାଉଦା ଥାନା ଅନ୍ତର୍ଗତ ଉଲଧାନ ଗ୍ରାମର ସାନୁ (୩୬)। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ ଅନୁମାନ କରିଛି ।

ଜିଆର୍‌ପି ଡିଏସ୍‌ପି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପ୍ଲାଟ୍‌ଫର୍ମରେ ଯାଞ୍ଚ ବେଳେ ରାୟଗଡାରୁ ବିଶାଖାପାଟଣାକୁ ଯିବା ପାଇଁ ଟ୍ରେନ୍‌କୁ ଅପେକ୍ଷା କରିଥିବା ଜଣେ ଯାତ୍ରୀ ସାନୁଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କ ବ୍ୟାଗ ଯାଞ୍ଚ କରାଯାଇଥିଲା। ସେଥିରେ ଗଞ୍ଜେଇ ଥିବା ପୋଲିସ ଜାଣିବା ପରେ ଜବତ କରି ସାନୁଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରିଥିଲେ। ପରେ ଜିଲା ପ୍ରଶାସନ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ପ୍ୟାକେଟକୁ ଓଜନ କରାଯାଇଥିଲା। ଏହି ଯାଞ୍ଚ ସମୟରେ ସ୍କ୍ୱାଡ୍ ଟିମ୍‌ରେ ଜିଆର୍‌ପି ଥାନା ଅଧିକାରୀ ବିନୟ ପ୍ରକାଶ ମିଞ୍ଜ, ଇନ୍ସପେକ୍ଟର ଆଲୋକ ନାୟକ,ଏଏସ୍‌ଆଇ ମାଣିକ ଚନ୍ଦ୍ର ଗୌଡ,ଏଏସ୍‌ଆଇ ବେଲାଲ ସେନ ହଲବା, ଏଏସ୍‌ଆଇ ମଳୟ ମାଝି, କନଷ୍ଟେବଲ ଅନୁଜ ଚନ୍ଦ୍ର ବୈଦଭୂଷଣ ଓ ଅନ୍ୟମାନେ ସାମିଲ ଥିଲେ ।



ଗିରଫ ଅଭିଯୁକ୍ତ ଓ ଜିଆର୍‌ପି ପୋଲିସ ସହ ଜବତ ଗଞ୍ଜେଇ।

# ମଞ୍ଚରେ ପ୍ରତିଭା ପ୍ରଦର୍ଶନକଲେ ଯୁବ କଳାକାର

## ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

ରାୟଗଡା,୨୯।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାସ୍ଥିତ ଲାୟନ୍ସ କ୍ଲବ୍‌ଠାରେ ଚାଲିଥିବା ୨ ଦିନିଆ ଜିଲାସ୍ତରୀୟ ଯୁବ ଉତ୍ସବ-୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲାର ବହୁ ଯୁବ କଳାକାର ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲେନୁରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଲୋକନୃତ୍ୟ ପ୍ରତିଯୋଗିତାରେ ଆଜାଦ ହିନ୍ଦ ୟୁଥ୍ ଆସୋସିଏଶନ ପ୍ରଥମ ସ୍ଥାନ, ମୁନିଗୁଡା ସିଦ୍ଧାନ୍ତ କଳା ପରିଷଦ ଦ୍ୱିତୀୟ ଓ ରାମନାଗୁଡା ସାବିତ୍ରୀ ଶବର ସାଥି କଳାକାର ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଚିତ୍ରକଳା ପ୍ରତିଯୋଗିତାରେ ଅଜିତ ସାରକା ପ୍ରଥମ, ସଞ୍ଜୟ ମିଣିଆକ ଦ୍ୱିତୀୟ, ରାଜା ନିସିକା ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଘୋଷଣାନାମାରେ ରାଜେଶ୍ୱରୀ ଭଞ୍ଜରାୟ, ସୁରଜ କାଣ୍ଡପାଣି ଓ ବାବୁଲି ନାୟକ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। କବିତା ଲିଖନ ପ୍ରତିଯୋଗିତାରେ ସୁରଜ କନ୍ଧପାଣି, ସୁରଜ କରକରିଆ, ମୃଣ୍ମୟୀ କଣ୍ଡାଗରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହାସଲ କରିଛନ୍ତି। ପ୍ରଥମ ସ୍ଥାନ ହାସଲ କରିଥିବା ଦଳ କିମ୍ବା ବ୍ୟକ୍ତି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପୁରସ୍କାର ପ୍ରଦାନ ବେଳେ ଅତିଥି ଭାବରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିତୁଆନ୍, ଅଜିତେଶ ପଟ୍ଟନାୟକ, ଶିବନାରାୟଣ ମିଶ୍ର, ତରୁଣ ମହାପାତ୍ର, ଅଧ୍ୟାପକ ରଘୁନାଥ ଭୁଏ, ଜେ. ସୁକାନ୍ତ ପ୍ରମୁଖ ଯୋଗଦାନ କରି ଉତ୍ସାହିତ କରିଥିଲେ।



ଯୁବ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଯୁବ କଳାକାର ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

# ହଷ୍ଟେଲ ଯାଞ୍ଚ କରିବ ଡବ୍ଲ୍ୟୁଇଓ, ବିଇଓଙ୍କୁ ନେଇ ଗଠିତ କମିଟି

## ଜିଲାପାଳ ଡାକିଲେ ଜରୁରୀ ବୈଠକ



ବୈଠକରେ ଜିଲାପାଳଙ୍କ ସହ ଅଧିକାରୀମାନେ।

**ହଷ୍ଟେଲ ରୋଷେଇଘରେ ପ୍ରେସରକୁକର ଫାଟି ଛାତ୍ର ଗୁରୁତର ଘଟଣା**

**ନବରଙ୍ଗପୁର,୨୯।୧୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁରସ୍ଥ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶିକ୍ଷା ଓ ମଙ୍ଗଳ ବିଭାଗକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ଡିଇଓ ଛତ୍ରପତି ସାହୁ, ଏଡିଇଓ ପ୍ରକାଶ ଚନ୍ଦ୍ର ମହାଲିକ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଏଡିଡବ୍ଲ୍ୟୁଇଓ ଭରତ ଚନ୍ଦ୍ର ସାହୁ ଓ ସମସ୍ତ ୧୦ ବ୍ଲକ ବିଇଓ, ଡବ୍ଲ୍ୟୁଇଓ ଉପସ୍ଥିତ ଥିଲେ। କୋଷାଗୁମୁଡ଼ା ବ୍ଲକ କୋକଡ଼ିସେମଲା ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତରାଙ୍କ ମୁହଁ ହଷ୍ଟେଲ ରୋଷେଇଘରେ ପ୍ରେସରକୁକର ଫାଟିବା ଘଟଣାରେ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ଏହାର ଯେମିତି ପୁନରାବୃତ୍ତି ନ ଘଟେ, ସେନେଇ ସମସ୍ତଙ୍କୁ ତାଗିଦା କରିଥିଲେ। କୌଣସି ଦୁର୍ଘଟଣା କିମ୍ବା ଅସୁସ୍ଥ ହେଲେ ଛାତ୍ରୀଛାତ୍ରଙ୍କୁ ନେଇ ଚିକିତ୍ସା କରିବାକୁ ସୁନିଶ୍ଚିତ କରାଯାଇଛି। ଏଥିରେ ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଡବ୍ଲ୍ୟୁଇଓ ଏବଂ ବିଇଓମାନଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ସମସ୍ତ ହଷ୍ଟେଲ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ପରେ ଜିଲାସ୍ତରୀୟ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ। ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରେ ଅବହେଳା କଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ଅଧିକାରୀମାନଙ୍କୁ ତାଗିଦା କରିଛନ୍ତି। ଅସୁରକ୍ଷିତ ବିଦ୍ୟୁତ୍ ତାର, ଅସୁରକ୍ଷିତ ଆସବାବପତ୍ର, ନିକଟରେ ଥିବା ଜଳାଶୟ, ଅନ୍ତେବାସୀ ରହୁଥିବା କୋଠାର ସ୍ଥିତି, ଉପଯୁକ୍ତ ପାନୀୟଜଳ ଓ ପରିମଳ ବ୍ୟବସ୍ଥା ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭ୍ରାମ୍ୟମାଣ ଚିକିତ୍ସା ଦଳ ନିୟମିତ ବ୍ୟବଧାନରେ ହଷ୍ଟେଲଗୁଡ଼ିକ ଯାଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଛାତ୍ରୀଛାତ୍ର ରୋଷେଇଘର, ନିକଟସ୍ଥ ଜଳାଶୟକୁ ଯିବେ ନାହିଁ। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତର ସହ ଧ୍ୟାନ ଦେବାକୁ କୁହାଯାଇଛି।

## ରାତିଅଧିଆ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ, ରୋଷେୟା ବହିଷ୍କୃତ

**ନବରଙ୍ଗପୁର,(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ କୋକଡ଼ି ସେମଲା ଆଶ୍ରମ ବିଦ୍ୟାଳୟ ହଷ୍ଟେଲ ରୋଷେଇଘରେ ଗତ ୨୦ ତାରିଖରେ ପ୍ରେସରକୁକର ଫାଟି ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତ୍ରାଙ୍କ ମୁହଁ କ୍ଷତବିକ୍ଷତ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କୁ ଡାକ୍ତରଖାନା ନ ନେଇ ହଷ୍ଟଲରେ ୯ ଦିନ ଧରି ତାଲା ପକାଇ ରଖିଥିଲେ। ଶୁକ୍ରବାର ଘଟଣା ସମ୍ପର୍କରେ ବିଜେଡି ସାଧାରଣ ସମ୍ପାଦକ ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ଖବରପାଇ ହଷ୍ଟଲ ପାଚେରି ଡେଇଁ ଛାତ୍ର ଧନେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଶୁକ୍ରବାର ରାତି ୧୦ଟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ପହଞ୍ଚି ଧନେଶ୍ୱରଙ୍କୁ ଜିଲାପାଳଙ୍କୁ ହସ୍ତାନ୍ତର କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ ଧନେଶ୍ୱରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ଏହି ଘଟଣାରେ ଶୁକ୍ରବାର ରାତିରେ ହିଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ପ୍ରଧାନଶିକ୍ଷକ କାଙ୍ଗାଳି ଚରଣ ସେଠୀ ଓ ହଷ୍ଟେଲ ପରିଚାଳକ କପିଲ ସରାବୁଙ୍କୁ କୋଷାଗୁମୁଡ଼ା ବିଇଓ ନିଲମ୍ବନ କରିଛନ୍ତି। ପିଏଆଇଟିଡିଏ ରାଜୀବ କୁମାର ସାହୁ ହଷ୍ଟେଲ ରୋଷେୟା ଡମ୍ବରୁ ଭତରାଙ୍କୁ କାର୍ଯ୍ୟଚ୍ୟୁତ କରିଛନ୍ତି। ଜିଲାପାଳ ଶିକ୍ଷା ଓ ମଙ୍ଗଳ ବିଭାଗକୁ ନେଇ ବୈଠକ କରିଛନ୍ତି। ବାରମ୍ବାର ବିଦ୍ୟାଳୟ ଓ ହଷ୍ଟେଲମାନଙ୍କରେ ଛାତ୍ରୀଛାତ୍ର କୌଣସି କାରଣରୁ ସ୍ୱାସ୍ଥ୍ୟ ଖରାପ ହେବା ଓ ଆହତ ହେଲେ ତୁରନ୍ତ ଚିକିତ୍ସା କରାଇବା ଓ ଅଧିକାରୀଙ୍କୁ ଜଣାଇବା ପାଇଁ ଜିଲାପାଳ, ଡିଇଓ ଏବଂ ଜିଲା ମଙ୍ଗଳ ଅଧିକାରୀ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏଭଳି ଘଟଣା ଘଟୁଛି, ଯାହାକୁ ନେଇ ଜିଲାପାଳ ବିରକ୍ତି ପ୍ରକାଶ କରିଛନ୍ତି।

## ଆଇସିୟୁରେ ଚାଲିଛି ଚିକିତ୍ସା

**ନବରଙ୍ଗପୁର, (ସଦାଶିବ ପ୍ରହରାଜ)**

**ରବିବାର ଘରକୁ ଫେରିବେ ଛାତ୍ର**



ନବରଙ୍ଗପୁର କୋଷାଗୁମୁଡ଼ା ବ୍ଲକ୍ କୋକଡ଼ିସେମଲା ଆଶ୍ରମ ବିଦ୍ୟାଳୟ ଛାତ୍ର ଧନେଶ୍ୱରଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ ଶୁକ୍ରବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଧନେଶ୍ୱର ଏବେ ସୁସ୍ଥ ଅଛନ୍ତି। ମାଆ ଚମ୍ପା ଭତରା ଓ ବାପା ବଳରାମ ମାଝି ଧନେଶ୍ୱରଙ୍କ ନିକଟରେ ଅଛନ୍ତି। ରବିବାର ଧନେଶ୍ୱରଙ୍କୁ ନେଇ ଗାଁ ମଙ୍ଗିଆଗୁଡ଼ା ଯିବେ ବୋଲି ତାଙ୍କ ମା’ ଚମ୍ପା କହିଛନ୍ତି। ଧନେଶ୍ୱରଙ୍କ ଚିକିତ୍ସା କିଭଳି ଚାଲିଛି ତାହାର ତଦାରଖ କରିବା ପାଇଁ କୋଷାଗୁମୁଡ଼ା ବିଇଓ ସମରେନ୍ଦ୍ର ଭୌମିକ, ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ ମହାନନ୍ଦ, ସିଆର୍‌ସିସି ମାଷ୍ଟର ବାବୁଲାଲ ବାରିକ ଡାକ୍ତରଖାନାରେ ରହିଛନ୍ତି। ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସିଡିଏମ୍‌ଓ ସନ୍ତୋଷ ପଣ୍ଡାଙ୍କୁ ପଚାରିବାରୁ ଧନେଶ୍ୱରଙ୍କ ଆଖିପରୀକ୍ଷା କରାଯାଇଛି। ତାହା ଠିକ୍ ଅଛି। ମୁହଁର ଚମଡ଼ା ବାହାରି ପଡ଼ିଛି। ମଲମ ଲଗାଯିବା ଓ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ଅଭିଭାବକ ଚାହିଁଲେ ଘରକୁ କିମ୍ବା ହଷ୍ଟେଲକୁ ନେଇପାରିବେ। ପୋଡ଼ା ଚିହ୍ନ ରହିଛି। ଚିହ୍ନ ଠିକ୍ ହେବାକୁ ଆଉ ୩ ସପ୍ତାହ ଲାଗିପାରେ ବୋଲି କହିଛନ୍ତି।

## ସ୍ଥାନ ପାଇଲେ ନବରଙ୍ଗପୁରର ୩ ଖେଳାଳି

**ଜାତୀୟସ୍ତରୀୟ ଚାମ୍ପିୟନଶିପ୍ ପାଇଁ ଓଡିଶା ମହିଳା ଟେନିସ୍ ବଲ୍ କ୍ରିକେଟ ଦଳ ଚୟନ**


ଓଡ଼ିଶା ଦଳରେ ସ୍ଥାନ ପାଇଥିବା ନବରରଙ୍ଗପୁରର ଖେଳାଳିମାନେ ।

**ନବରଙ୍ଗପୁର,୨୯।୧୧(ସଦାଶିବ ପ୍ରହରାଜ)**

ଉତ୍ତରପ୍ରଦେଶ ଆଗ୍ରାରେ ଡିସେମ୍ବର ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ମହିଳା ଟେନିସ୍ ବଲ୍ କ୍ରିକେଟ ଚାମ୍ପିୟନସିପ୍ ପାଇଁ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ ସଂଘ ଦ୍ୱାରା ଦଳ ଚୟନ କରାଯାଇଛି। ଏହି ଦଳରେ ନବରଙ୍ଗପୁର ଜିଲାର ତିନି ଖେଳାଳୀ ବୀଣା ଗଣ୍ଡ, ଅଦ୍ୟସା ମିଶ୍ର ଏବଂ ଯାଜ୍ଞସ୍ୱିନୀ ହରିଜନ ସ୍ଥାନ ପାଇଛନ୍ତି । ଏହି ଖବର ଜଣାପଡ଼ିବା ପରେ ନବରଙ୍ଗପୁର ଜିଲା କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଶୁଭେନ୍ଦୁ ବେହେରା, ସହ ସମ୍ପାଦକ ଏମ୍. ବାଲ କ୍ରିଷ୍ଣା, ଜିଲା କ୍ରିକେଟ ସଂଘ ମିଡିଆ ସଂଯୋଜକ ମନୋଜ ପଟ୍ଟନାୟକ, ଜିଲା କ୍ରିକେଟ ସଂଘ ସଦସ୍ୟ ଅଶୋକ ନାୟକ, ଦୁର୍ଯ୍ୟ ହରିଜନ, ଶଶାଙ୍କ ଶେଖର ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାଲ୍ୟବିବାହ ମୁକ୍ତ ପଞ୍ଚାୟତ ଗଠନ ତାଲିମ



ଶିବିରରେ ତାଲିମଦାତା ଓ ତାଲିମାର୍ଥୀ ।

**ଡାବୁଗାଁ, ୨୯।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ବାଲ୍ୟବିବାହମୁକ୍ତ ପଞ୍ଚାୟତ ଉପରେ ଏକ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି ସୁପରଭାଇଜର ରୋଜାଲିନ ପ୍ରଧାନ, ଓଏଲ୍‌ଏମ୍ ବିପିଏମ୍ ଦୀପ୍ତି କିଶୋର ନାୟକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ପ୍ରମୁଖ ତାଲିମ ଦେଇଥିଲେ। ବାଲ୍ୟବିବାହକୁ ଶେଷ କରିବା ନେଇ ତାଲିମ ଦିଆଯାଇଥିଲା। ଏଥିରେ ୫୮ ଜଣ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ଗ୍ରାମରୋଜଗାର ସେବକ, ଅଙ୍ଗନୱାଡି କର୍ମୀ ଓ ସିଆର୍‌ପି ତାଲିମ ନେଇଥିଲେ। କାର୍ଯ୍ୟକ୍ରମକୁ ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ଼ ପରିଚାଳନା କରିଥିଲେ।

## ପ୍ରତିଭା ଅନ୍ୱେଷଣରେ ସାମିଲ ହେବାକୁ କଂଗ୍ରେସର ଆହ୍ୱାନ



ଖବରଦାତା ସମ୍ମିଳନୀରେ କଂଗ୍ରେସ କମିଟିର ସଦସ୍ୟମାନେ।

**ଜୟପୁର,୨୯।୧୧(ପବନ ପାଣିଗ୍ରାହୀ)**

ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନି ହୋଇଛି। ଏଥିରେ କୋରାପୁଟ ଜିଲା ସଭାପତି ରୁପକ ତୁରୁକ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଆବେଦନ କରିବାକୁ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସମସ୍ତ ପ୍ରତିଭା ଥିବା ବେଳେ ସେମାନଙ୍କୁ ସୁଯୋଗର ଅଭାବ ଥିବାରୁ କଂଗ୍ରେସ କମିଟି ସୁଯୋଗ ସୃଷ୍ଟି ପାଇଁ ପ୍ରୟାସ କରିଛି। ପ୍ରତିଭାସମ୍ପନ୍ନ ଲୋକେ ଆବେଦନ କରିବାକୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ସଭାପତି ବସନ୍ତ ନାୟକ, ପୂର୍ବତନ ବିଧାୟକ ନିମାଇଁ ସରକାର, ବରିଷ୍ଠ କଂଗ୍ରେସ ନେତା ନିହାର ବିଷୋୟୀ, ହାସନ ମଦାନି,ରାମ ନାୟକ, କାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ୬ଷ୍ଠ ଦିନରେ ଓଏଭି ଶିକ୍ଷକଙ୍କ ଆନ୍ଦୋଳନ

**କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ବିକ୍ଷୋଭ**

**ଲକ୍ଷ୍ମୀପୁର,୨୯।୧୧(ଅନନ୍ତ ପ୍ରସାଦ ନାୟକ)**



ଶିକ୍ଷକମାନେ ସ୍କୁଲ ଗେଟ୍ ଆଗରେ ପ୍ରତିବାଦ କରୁଛନ୍ତି।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅଧୀନ ଗୌଡ଼ଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କଳାବ୍ୟାଜ୍ ପିନ୍ଧି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଶିକ୍ଷକ ସଂଘର ଆହ୍ୱାନକ୍ରମେ ଷଷ୍ଠ ଦିନରେ ବିଦ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକ ତଥା ନିବେଦିତା ପାଇରପୁ, ମୋତିଲାଲ ବାଗ, ସ୍ୱପ୍ନିଲ କୁମାର ସାହୁ,ମୁକେଶ ସାହୁ, ତ୍ରିନାଥ ଗମାଙ୍ଗ, ଚୁନା ମୁଦୁଲି, ପ୍ରଗତି ସ୍ୱାଇଁ,ସତ୍ୟଜିତ ବେହେରା,ଜଗତ ଜୀବନ ଦେ, ପ୍ରୀତି ସୁନେଲି ଖରା, ମୀନାକ୍ଷୀ ଖିଲ, ଆଶୀର୍ବାଦ ସୁବୁଦ୍ଧି ରାୟ ଓ ଅଜୟ କୁମାର ପ୍ରଧାନ ପ୍ରମୁଖ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାପାଳଙ୍କୁ ୧୩ ଦଫା ସମ୍ବଳିତ ଦାବିପତ୍ର ଦେଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଜାରି ରଖିଛନ୍ତି। ୧୩ ଦଫା ଦାବି ପୂରଣ ନ ହେଲେ ଡିସେମ୍ବର ୮ରୁ ବିଦ୍ୟାଳୟରେ ତାଲା ପକାଇ ରାଜରାସ୍ତାକୁ ଓହ୍ଲାଇବାକୁ ଶିକ୍ଷୟିତ୍ରୀ ଶିକ୍ଷକ ଚେତାବନୀ ଦେଇଛନ୍ତି। ରାଜ୍ୟ ସଭାପତି ରିପୁ ଦମନ ମିଶ୍ର, ସମ୍ପାଦକ ଶୁଭାଶିଷ ଦାସଙ୍କ ନେତୃତ୍ୱରେ ଓଏଭି ଶିକ୍ଷକ ସଂଗଠନ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସିବିଏସ୍‌ଇ ଅନୁବନ୍ଧିତ ଇଂଲିଶ ମାଧ୍ୟମରେ ନିଃଶୁଳ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଛନ୍ତି। ଓଏଭି ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଅବହେଳିତ ଅବସ୍ଥାରେ ଥିବା ଅଭିଯୋଗ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

## ତ୍ରୁଟିଯୁକ୍ତ ଇଲେକ୍ଟ୍ରିକ ଗାଡ଼ି ପାଇଁ କ୍ରୟ ମୂଲ୍ୟ ସହ କ୍ଷତିପୂରଣ ଦେଲା କମ୍ପାନୀ

**ନବରଙ୍ଗପୁର,୩୦।୧୧(ସଦାଶିବ ପ୍ରହରାଜ)**

**ଜିଲା ଖାଉଟି କମିଶନର ଗୁରୁତ୍ୱପୂର୍ଣ୍ଣ ରାୟ**

ନବରଙ୍ଗପୁର ଜିଲା ଖାଉଟି ବିବାଦ ସମାଧାନ କମିଶନର ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ଓ ସଦସ୍ୟା ସାଲ୍ମା ବାନୋ ଗ୍ରାହକ ତଥା ଅଭିଯୋଗକାରୀ ରବୀନ୍ଦ୍ରନାଥ ପୂଜାରୀଙ୍କ ମାମଲାର ବିଚାରକରି ଓଲା ଇଲେକ୍ଟ୍ରିକ୍ କମ୍ପାନୀକୁ ଗାଡ଼ିର ମୂଲ୍ୟ ୧ଲକ୍ଷ ୩୯ ହଜାର ୯୯୯ ଟଙ୍କା ସହିତ କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଦେବା ପାଇଁ ମାମଲା ନଂ. ୩୧/୨୦୨୩ରେ ତା ୨୫।୧୦।୨୦୨୪ରେ ନିର୍ଦ୍ଦେଶ ଦେଇଥିଲେ। ୧ ମାସ ମଧ୍ୟରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ କଲେ ୧୨% ସୁଧ ସହ ସମୁଦାୟ କ୍ଷତିପୂରଣ ରାଶି ଦେବାକୁ ନିର୍ଦ୍ଦେଶ ରହିଥିଲା। ଓଲା କମ୍ପାନୀ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ୨୯ ତାରିଖ ଶନିବାର ଅଭିଯୋଗକାରୀଙ୍କୁ ସୁଧ ସହ ୨ଲକ୍ଷ ୯ ହଜାର ୯୨୫ ଟଙ୍କା ପଇଠ କରିଛନ୍ତି।

## କାର୍ଯ୍ୟରେ ଯୋଗଦେଲେ ନୂତନ ଏସ୍‌ଡିଆଇପିଆରଓ

**କୋରାପୁଟ,୨୯।୧୧ (ଅମିତାଭ ବେହେରା)**


ରାଧାରାଣୀ ସରକାର

କୋରାପୁଟର ନୂତନ ଏସଡିଆଇପିଆରଓ ଭାବେ ରାଧାରାଣୀ ସରକାର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଶୁକ୍ରବାର ଯୋଗଦେଇଛନ୍ତି। ଦୀର୍ଘ ବର୍ଷ ଧରି କୋରାପୁଟ ଏସ୍‌ଡିପିଆରଓ ପଦବୀ ଖାଲି ପଡ଼ିଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଛୁଟିରେ ଥିବାରୁ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟରେ ବାଧା ଉପୁଜୁଥିଲା। ଜିଲାପାଳଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ଏସଡିପିଆରଓପଦବୀ ପୂରଣ କରି ରାଧାରାଣୀଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ଏସ୍‌ଡିଆଇପିଆରଓ ପଦବୀ ସହ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇବେ ବୋଲି ଜଣାପଡ଼ିଛି।

## ଡିସେମ୍ବର ୧୪ରେ ହେବ ରାହାଗିରି

**ଜୟପୁର,୨୯।୧୧(ପବନ ପାଣିଗ୍ରାହୀ)**

ଜୟପୁର ପୌର ସଭାଗୃହରେ ସହରରେ ରାହାଗିରି ହେବା ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପଜିଲାପାଳ ଅକାବରମ ଶସ୍ୟା ରେଡ୍ଡୀ, ପୌର ଉପଧ୍ୟକ୍ଷ ବି.ସୁନିତା, ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ତହସିଲଦାର ସବ୍ୟସାଚି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁରବାସୀ ରାହାଗିରିର ମଜା ଉଠାଇବା ସହ ନାଚଗୀତ, ସାଇକେଲ ଚାଳନା, ସ୍କେଟିଂ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହେବା ନେଇ ଆଲୋଚନା ହୋଇଛି। ରାହାଗିରି କରିବାକୁ ପୌରାଧ୍ୟକ୍ଷ ମହାନ୍ତି ପ୍ରସ୍ତାବ ଦେବା ପରେ ଏହାକୁ ସର୍ବସମ୍ମତି କ୍ରମେ କାଉନସିଲର ଓ ପୌର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସ୍ଥିର କରାଯାଇଛି। ଡିସେମ୍ବର ୧୪ରେ ରାହାଗିରି ସହରର ମୁଖ୍ୟରାସ୍ତାରେ କରାଯିବ। ଚଳିତବର୍ଷ ୫୦ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଛି।

## ପୋଲିସ, ଅବକାରୀ ମିଳିତ ଚଢ଼ାଉ: ୪ ଗିରଫ

**ପଟ୍ଟାଙ୍ଗି,୨୯।୧୧(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରନ୍ଧାମଦ ନଷ୍ଟ ସହ ଜବତ କରାଯାଇଛି। ସୂଚନା ମୁତାବକ ଅବକାରୀ ଅଧିକ୍ଷକ ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ରାଲେଗଡା, ସୁଙ୍କି, ଲାଉଡି ଓ ରେଣୁ ଆଦି ୪ ଗ୍ରାମରେ ଡିଏଫଏସ୍ ଟିମ୍‌ର ସହଯୋଗରେ ସ୍ଥାନୀୟ ପୋଲିସ୍ ଏବଂ ଅବକାରୀ ବିଭାଗ ଚଢ଼ାଉ କରି ୬ ମାମଲା ରୁଜୁ କରିଛି। ଏହି ସମୟରେ ୬ ଲିଟର ୫୦୦ ଗ୍ରାମ ମଦ, ୩୪୦୦ ଲିଟର ପୋଚ ନଷ୍ଟ କରାଯାଇଛି। ୨୬୦ ଲିଟର ଆଇଡି, ଆଇଏମଏଫଏଲ ୪ ଲିଟର ୫୦୦ ଗ୍ରାମ୍, ଓ ଏସ୍ ଲିକୁର୍ ୧୭ ଲିଟର ୪ ଗ୍ରାମ୍ ଜବତ କରାଯାଇଛି। ୪ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ମହିଳା ରହିଛନ୍ତି। ସେମାନେ ଲାଉଡି, ସୁଙ୍କି ଏବଂ ରାଲେଗଡା ଅଞ୍ଚଳର ବୋଲି ଜଣାପଡ଼ିଛି। ଚଢ଼ାଉରେ ପୋଲିସ୍ ବିଭାଗ ଏସ୍‌ଆଇ କୁଞ୍ଜଲତା ବେହେରା ଓ ଅବକାରୀ ବିଭାଗର ଏସ୍‌ଆଇ ନୀଳମଣି ଲୋହା ଜାଲ୍ ଓ ୨ ବିଭାଗର ଅନ୍ୟ କର୍ମଚାରୀ ସାମିଲ୍ ହୋଇଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ଓସେପା

**କୋରାପୁଟ,୨୯।୧୧ (ଅମିତାଭ ବେହେରା)**

କୋରାପୁଟ ଜିଲା ସମେତ ଅନ୍ୟ ଜିଲାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଜବ ନୀତି ଯୋଗୁ ଓସେପା କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସ୍ଥାୟୀ ଚାକିରି ମାନ୍ୟତା ଓ ମହଙ୍ଗା ଭତ୍ତା ପ୍ରଦାନ ନେଇ କର୍ମଚାରୀମାନେ ଆନ୍ଦୋଳନ କରିବେ ବୋଲି ସୂଚନା ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ଓସେପା ମାଧ୍ୟମରେ ୧୯୯୬ରୁ ସମସ୍ତ ଜିଲାରେ ବିଭିନ୍ନ ବର୍ଗର କର୍ମଚାରୀ ନିୟୋଜିତ ହୋଇଥିଲେ। ବର୍ତ୍ତମାନ ଜିଲାରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଥିବା ବେଳେ ସମଗ୍ର ରାଜ୍ୟରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ଅବସର ନେଇଛନ୍ତି। ଆଉ କେତେଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ସ୍ଥାୟୀ ଚାକିରିର ମାନ୍ୟତା ପାଇବାରୁ ବଞ୍ଚିତ ରହିଛନ୍ତି। ମହଙ୍ଗା ଭତ୍ତା ମଧ୍ୟ ପାଇପାରୁ ନାହାନ୍ତି। ଏ ନେଇ କର୍ମଚାରୀଙ୍କ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ଏହା ପରେ ମଧ୍ୟ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୩ରେ ଓସେପା କର୍ମଚାରୀମାନଙ୍କ ଭତ୍ତା ବୃଦ୍ଧି ପାଇଁ ୧୭୩୬୪ ଏକ୍ସ ୧୧୧-ଏସଏମଇଏସଏସ ୩୦,୨୦୧୩ ରେ ଏକ ଗେଜେଟ ନୋଟିଫିକେସନ୍ ହେଲା ଓ ୨୦୧୩ ଅଗଷ୍ଟ ୫ରେ ସେମାନଙ୍କ ଦରମା ନିର୍ଦ୍ଧାରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିର ସୁପାରିଶରେ ୬ଷ୍ଠ ପେ କମିଶନ ଅନୁଯାୟୀ ସମତୁଲ ଦରମା ଲାଗୁ ହୋଇଥିଲା। କିନ୍ତୁ ୫ ବର୍ଷ ଦରମା ପାଇବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ଅଜବ ଚିଠି ନଂ୧୬୦୫୭ ତା.୧।୮।୨୦୧୯ରେ କୌଣସି କାରଣ ନ ଥାଇ ପାଉଥିବା ବର୍ଦ୍ଧିତ ଦରମାକୁ ବନ୍ଦ କରି ଦିଆଯାଇଥିଲା। ସେହିଦିନଠାରୁ ଏହି ବର୍ଦ୍ଧିତ ଦରମା ପାଇବାରୁ ସମସ୍ତ କର୍ମଚାରୀ ବଞ୍ଚିତ ହୋଇଛନ୍ତି। ଏ ନେଇ କର୍ମଚାରୀ ସଂଘ ପକ୍ଷରୁ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯିବା ପରେ ଶେଷରେ ସଂଘ ପକ୍ଷରୁ ଓଡ଼ିଶାର ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁପିସି(ସି)୧୪୬୧୯/୨୦୧୯ରେ ଏକ ମାମଲା ରୁଜୁ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ଏହି ମାମଲାର ବିଚାର କରି ଚଳିତବର୍ଷ ମାର୍ଚ୍ଚ ୧୧ରେ ଉକ୍ତ ବିଭାଗ ପକ୍ଷରୁ ଦିଆଯାଉଥିବା ସ୍ଥଗିତ ନିର୍ଦ୍ଦେଶକୁ ବାତିଲ କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର କର୍ମଚାରୀଙ୍କ ଅନୁଯାୟୀ ସମତୁଲ ଦରମା ପାଇବା ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ୯ ମାସ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇ ନ ଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ସମସ୍ୟାର ତୁରନ୍ତ ସମାଧାନ ନ କଲେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇବାକୁ କର୍ମଚାରୀ ଚେତାବନୀ ଦେଇଛନ୍ତି।

## ଯୋଗାଣ ସହାୟକ ନିଯୁକ୍ତିରେ ଅବହେଳା ଅଭିଯୋଗ

**କୁନ୍ଦୁରା,୨୯।୧୧(ସନ୍ତୋଷ ପ୍ରହରାଜ)**




କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବଣ୍ଟୁଆଗୁଡା ପଞ୍ଚାୟତ ଅଧୀନରେ ଯୋଗାଣ ସହାୟକ ପଦବୀ ପୂରଣରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ୨୦୨୨ରେ ବାଣ୍ଟୁଆଗୁଡା ପଞ୍ଚାୟତ ଗୋଦାମ ଗୃହରୁ ୪୯୮ କୁଇଣ୍ଟାଲ ଚାଉଳ ଚୋରି ହୋଇଥିଲା। ଏ ନେଇ ଥାନାରେ ୯୦/୨୨ରେ ମାମଲା ରୁଜୁ ହୋଇଥିଲା। କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ବହିଷ୍କାର କରାଯାଇଥିଲା। ପ୍ରାୟ ୧୦ ମାସ ପୂର୍ବରୁ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସରକାରି ନିୟମକୁ ଅଣଦେଖା କରି ଯୋଗାଣ ବିଭାଗ ଏବଂ ବ୍ଲକ ପ୍ରଶାସନ ନିଯୁକ୍ତି କରି ନ ଥିବା ଜଣାପଡ଼ିଛି। ଫୁଫୁଗାଁ, ଫୁଲଭଟ୍ଟା,ରାଣୀଗୁଡା,ଗୁଣ୍ଡାଳ ଏବଂ ପଖନାଗୁଡା ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ବ୍ଲକ ଅଧୀନରେ କାର୍ଯ୍ୟରତ ଯୋଗାଣ ସହାୟକମାନଙ୍କୁ ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟ ଚାଲୁଛି। ଜଣଙ୍କ ବଦଳି କିମ୍ବା ବହିଷ୍କାର ହେଲେ ସେହି ସ୍ଥାନରେ ପୁନଃ ନିଯୁକ୍ତି କରିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ରହିଛି। କିନ୍ତୁ ବ୍ଲକରେ ନିଯୁକ୍ତି ପ୍ରକ୍ରିୟାକରଣକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଅଞ୍ଚଳବାସୀଙ୍କୁ ଅସୁବିଧା ହେଉଥିବା କୁହାଯାଇଛି। ୨୦୧୭ରେ ରାଜ୍ୟ ସରକାରଙ୍କ କୋରାପୁଟ ଜିଲା ପଞ୍ଚାୟତରାଜ ବିଭାଗ ପକ୍ଷରୁ ୪ ପଞ୍ଚାୟତ ଗୁଣ୍ଡାଳ, ଫୁଫୁଗାଁ, ଫୁଲଭଟ୍ଟା ଏବଂ ପଖନାଗୁଡାକୁ ନବଗଠିତ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲା। ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଅଧୀନ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ସୁଚାରୁ ରୂପେ ବଣ୍ଟନ ପାଇଁ ଯୋଗାଣ ସହାୟକ ପଦବୀ ପୂରଣ କରିବା ନିୟମ ରହିଛି। ବାଣ୍ଟୁଆଗୁଡାରେ ୪୯୮ କୁଇଣ୍ଟାଲ ଚାଉଳ ଚୋରି ଘଟଣାକୁ ନେଇ କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିଲା। ଏ ମଧ୍ୟରେ ଜିଲାରେ ୩ ଜିଲା ଯୋଗାଣ ଅଧିକାରୀଙ୍କ ଓ କୁନ୍ଦୁରା ବ୍ଲକରେ ୩ ବିଡିଓ ବଦଳି ହୋଇଥିବା ବେଳେ ଚୋରି ଘଟଣାରେ କୌଣସି ସ୍ୱଚ୍ଛତା ଆସିନାହିଁ। ୨୦୧୨/୧୩ ଆର୍ଥିକ ବର୍ଷରେ ତତ୍କାଳୀନ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପଞ୍ଚାୟତ ସ୍ତରରେ ଖାଉଟି ସାମଗ୍ରୀ ବଣ୍ଟନ ପାଇଁ ଯୋଗାଣ ସହାୟକ ପଦବୀ ପୂରଣ କରିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ କିଛି ସ୍ଥାନରେ ଏହି ପଦବୀ ପୂରଣ ହୋଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପତ୍ର ସଂଖ୍ୟା ୭୦୪୦/୨୦୧୨/୧୩ପ୍ରକାରେ ବାଣ୍ଟୁଆଗୁଡାରେ ଅଭିଯୋଗ ହେବା ପରେ ତତ୍କାଳୀନ ବିଡିଓଙ୍କ ପତ୍ର ସଂଖ୍ୟା ୬୧୯/୨୫ରେ ଯୋଗାଣ ସହାୟକ ପଦବୀ ପୂରଣ ନେଇ ବିଜ୍ଞାପନ ୧୧।୨।୨୫ରେ ପ୍ରକାଶ ପାଇଥିଲା। ଘଟଣାରେ ତଦନ୍ତ ପରିସରକୁ ଆସିଥିବା ଯୋଗାଣ ନିରୀକ୍ଷକ ମୁରଲୀଧର ହେସାଙ୍କୁ ପୋଲିସ ବ୍ୟକ୍ତିଗତ ଭାବେ ଡାକ ଆଲୋଚନା କରିଥିଲେ। ଏ ନେଇ ଯୋଗାଣ ନିରୀକ୍ଷକ ହେସାଙ୍କୁ ପଚାରିବାରୁ ସପ୍ତାହକ ଭିତରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଛନ୍ତି। ଜୟପୁର ଉପଜିଲାପାଳ ଏ.ଶସ୍ୟା ରେଡ୍ଡୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କୁନ୍ଦୁରା ବ୍ଲକ ପ୍ରଶାସନ ଏଯାଏ ତାଙ୍କ ନିକଟକୁ ଏହି ବାବଦରେ କିଛି ପଠାଇ ନାହାନ୍ତି। ପଠାଇଲେ ଏହାକୁ ବିଚାର କରାଯିବ।

# ବାକି ଟଙ୍କା ନ ଦେଇ କଲେ ଡକାୟତି





ଜବତ ଟଙ୍କା,ସୁନା ଅଳଙ୍କାର, କାର୍ ଏବଂ ସ୍କୁଟି।

ଝାରସୁଗୁଡ଼ା,୨୯।୧୧(ଆଶିଷ ରଞ୍ଜନ ଦାଶ)

- ■ବ୍ୟବସାୟୀଙ୍କ ଘରୁ ଡକାୟତି ଘଟଣା: ୮ ଗିରଫ
- ■୨ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା
- ■୫୨୧ ଗ୍ରାମ୍ ସୁନା, ୧୪.୩୨ କେଜି ରୁପା ଅଳଙ୍କାର, ୩୭ ଲକ୍ଷ ଟଙ୍କା, ବନ୍ଧୁକ, ଗାଡ଼ି, ମୋବାଇଲ ଜବତ

ଝାରସୁଗୁଡ଼ା ଜିଲା ଟାଉନ୍ ଥାନା ଅଧୀନ ମନମୋହନ ସ୍କୁଲ ପଡ଼ିଆ ସମ୍ମୁଖ ବିନାୟକପୁରମ୍ କଲୋନିରେ ଗତ ୧୯ ତାରିଖରେ ଘଟିଥିବା ବଡ଼ଧରଣର ଡକାୟତି ଘଟଣାରେ ପୋଲିସ ଜଣେ ମହିଳା, ୨ ନାବାଳକଙ୍କ ସମେତ ୧୦ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବିହାର ଭୋଜପୁରର ସଞ୍ଜୟ ସିଂହ(୫୩), ଝାରସୁଗୁଡ଼ା ସଦର ଥାନା ଅଧୀନ ବନ୍ଧେ ଛକର ଅଶୋକ ପଣ୍ଡା(୫୮), ଝାରସୁଗୁଡ଼ାରେ ରହୁଥିବା ବୌଦ୍ଧ ଅଞ୍ଚଳର ଆକାଶ ଓରଫ ରାଧାକାନ୍ତ କହଁର(୩୮), ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳର କାହ୍ନାଚରଣ ସ୍ୱାଇଁ(୨୫), କଟକ ଜିଲା ନେମାଳ ଅଞ୍ଚଳର ଜଗବନ୍ଧୁ ବେହେରା(୫୬), ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ବଡ଼ ବାବିଯୋରି ଅଞ୍ଚଳର ଆନନ୍ଦ ରାୟ(୨୪), ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲର ଜିତେନ୍ଦ୍ର ସାହୁ(୩୦), ବଲାଙ୍ଗୀର ଜିଲା ବେଲପଡ଼ାର ପିଙ୍କି ଓରଫ ସୁଶୀଳା ମେହେର(୩୦)। ଏଥିସହ ଅନ୍ୟ ୨ ଜଣ ନାବାଳକଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କଠାରୁ ୩୭ ଲକ୍ଷ ୨୭ ହଜାର ଟଙ୍କା, ୫୨୧ ଗ୍ରାମ୍ ସୁନା ଅଳଙ୍କାର, ୧୪.୩୨ କେଜି ରୁପା ଅଳଙ୍କାର, ୩ଟି ଦେଶୀ ବନ୍ଧୁକ, ୧୨ଟି ଗୁଳି, ୧୨ଟି ମୋବାଇଲ ଫୋନ୍, ୨ଟି କାର, ୨ଟି ସ୍କୁଟି, ଗୋଟିଏ କାର୍, ଦୁଇଟି ଛୁରି, ନକଲି ନମ୍ବର ପ୍ଲେଟ୍, ଟିଭି, ଫ୍ରିଜ୍, ହୋମ୍ ଥିଏଟର ଆଦି ଜବତ କରାଯାଇଛି ବୋଲି ଶନିବାର ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ସୂଚନା ଅନୁଯାୟୀ, ବିନାୟକପୁରମ୍ କଲୋନିରେ ରହୁଥିବା ବ୍ୟବସାୟୀ ମୁକେଶ ବୁଟଓ୍ୱାନୀଙ୍କ ଏକ ପାନମସଲା ହୋଲ୍‌ସେଲ୍ ଦୋକାନ ରହିଛି। ଗତ ୫ବର୍ଷ ହେଲା ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶୋକ ପଣ୍ଡା ମୁକେଶଙ୍କ ଠାରୁ ପାନମସଲା କିଣି ତାଙ୍କ ଦୋକାନରେ ବିକ୍ରି କରୁଥିଲେ। ଇତିମଧ୍ୟରେ ଅଧିକ ଟଙ୍କା ବାକି ହୋଇଯାଇଥିଲା। ମୁକେଶ ତାଙ୍କୁ ବାରମ୍ବାର ବାକି ଟଙ୍କା ମାଗୁଥିଲେ। ସେ ଟଙ୍କା ଦେବା ବାହାନା ଦେଖାଇ ଜମି କାରବାର କରିବା ପାଇଁ ମୁକେଶଙ୍କୁ ପ୍ରବର୍ତ୍ତାଉଥିଲେ। ମାତ୍ର ମୁକେଶ ଏଥିରେ ରାଜି ନ ହେବାରୁ ଅଶୋକ ଉତ୍କ୍ଷିପ୍ତ ହୋଇଯାଇଥିଲେ। ଏହି ଘଟଣାକୁ ନେଇ ଅଶୋକ ସହଯୋଗୀ ସଞ୍ଜୟଙ୍କ ସହ ମୁକେଶଙ୍କ ଘରେ ଡକାୟତି କରିବା ପାଇଁ ଯୋଜନା କରିଥିଲେ। ଗତ ୨ବର୍ଷ ମଧ୍ୟରେ ସେମାନେ ୧୦ରୁ ଅଧିକ ଥର ଡକାୟତି ଉଦ୍ୟମ କରି ବିଫଳ ହୋଇଥିଲେ। ଏପରି କି ମୁକେଶଙ୍କ ବଡ଼ଭାଇ ସୁନୀଲଙ୍କ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ପାନମସଲା ଦୋକାନରେ ମଧ୍ୟ ଡକାୟତି ପାଇଁ ଯୋଜନା କରି ସଫଳ ହୋଇ ନ ଥିଲେ। ଶେଷରେ ଗତ ୧୯ ତାରିଖରେ ମୁକେଶଙ୍କ ଘରେ ସଂଘବଦ୍ଧ ଭାବେ ଡକାୟତି ପାଇଁ ଯୋଜନା କରିଥିଲେ। ପୋଲିସ ସୂଚନା ଅନୁସାରେ, ସଞ୍ଜୟ, ଜଗବନ୍ଧୁ ଓ ୨ଜଣ ନାବାଳକ ମାରଣାସ୍ତ୍ର ଧରି ମୁକେଶଙ୍କ ଘରେ ପଶିଥିଲେ। ବାହାରର ସ୍ଥିତି ସମ୍ପର୍କରେ ଜଣାଇବା ପାଇଁ ମନମୋହନ ସ୍କୁଲ ପଡ଼ିଆରେ ଆକାଶ ଏକ ଫୋନ ଜରିଆରେ ଭିତରେ ଥିବା ସହଯୋଗୀଙ୍କ ସହିତ ଯୋଗାଯୋଗରେ ଥିଲେ। ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୁକେଶ ଏବଂ ତାଙ୍କ ପରିବାରର ସମସ୍ତଙ୍କ ହାତଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କା ସହ ବିପୁଳ ପରିମାଣର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ମୁକେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୮୭/୨୫) ରୁଜୁ କରିଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏଥିସହ ଡକାୟତମାନଙ୍କ ଫିଙ୍ଗର ପ୍ରିଣ୍ଟ ଓ ଛାଡିଯାଇଥିବା ବନ୍ଧୁକ ଜବତ କରିଥିଲା। ଡକାୟତଙ୍କ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରିଥିଲା। ହେଲେ ଡକାୟତମାନେ ସିସିଟିଭିରେ ଯେଭଳି ନ ଆସିବେ ସେଥିପାଇଁ ସେମାନେ କିସାନପଡ଼ା, ଗୌରପଡ଼ା ଦେଇ ବେହେରାପାଲିରେ ଏକତ୍ରିତ ହୋଇଥିଲେ। ପୂର୍ବରୁ ସେଠାରେ ଅପେକ୍ଷା କରିଥିବା ମୁଖ୍ୟ ଅଭିଯୁକ୍ତ ଅଶୋକ ଓ ଅନ୍ୟମାନେ ଲୁଟ୍ ହୋଇଥିବା ଟଙ୍କା, ଅଳଙ୍କାର ଧରି କାର୍ ଯୋଗେ ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭିରୁ କିଛି ସୁରାକ ନ ପାଇବାରୁ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରିଥିଲା। ଏଥିରେ ୨ଟି ନକଲି (ପ୍ରି-ଆକ୍ଟିଭେଟେଡ୍) ସିମ୍ ବ୍ୟବହାର ହୋଇଥିବା ଜାଣିବାକୁ ପାଇଥିଲା। ପୋଲିସ ଉକ୍ତ ସିମ୍‌କୁ ଟ୍ରାକ୍ କରି କାହ୍ନା ଓ ସୁଶୀଳାଙ୍କୁ ଗିରଫ କରିଥିଲା। କାହ୍ନାଙ୍କଠାରୁ ସମସ୍ତ ତଥ୍ୟ ପାଇବା ପରେ ପୋଲିସ ବେହେରାପାଲିରେ ଚଢ଼ାଉ କରି ଦୁଇଟି ଛୁରି ପାଇଥିଲା। ଏଥିସହ କାହ୍ନାଙ୍କ ସାଙ୍ଗ ଝାରସୁଗୁଡ଼ାର ଗ୍ୟାରେଜରେ କାମ କରୁଥିବା ଆକାଶଙ୍କୁ ଗିରଫ କରିଥିଲା। ଏହାପରେ ମୁଖ୍ୟ ଅଭିଯୁକ୍ତ ଅଶୋକଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରିଥିଲା।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

### ନାବାଳିକା ବଳାତ୍କାର ମାମଲା

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ ବେଣୁଧର ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟା ନାବାଳିକା ସ୍ଥାନୀୟ ଆଖୁବାଡ଼ିକୁ ଆଖୁ ଖାଇବା ପାଇଁ ଯାଇଥିଲେ। ଆଖୁବାଡ଼ିର ମାଲିକ ବେଣୁଧର ମହାନ୍ତି (୬୫) ସେଠାରେ ଥିବା ଏକ ବାଉଁଶ ଭାଡ଼ିକୁ ଡାକିନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏକଥା କାହାରିକୁ କହିବା ପାଇଁ ସେ ମନା କରିଥିଲା। ପରିବାର ଲୋକେ ଏହା ଜାଣିପାରି ଅଭିଯୁକ୍ତଙ୍କ ଘରକୁ ଯାଇ ପଚରାଉଚୁରା କରିଥିଲେ। ବୃଦ୍ଧ ବେଣୁଧର ଉତ୍‌କ୍ଷିପ୍ତ ହୋଇ ଜାତି ଉଠାଇ ଗାଳିଦେବା ସହ ଧମକ ଦେଇଥିଲେ। ବାଧ୍ୟ ହୋଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ୨୦୨୫ ଜାନୁଆରୀ ୩୦ ତାରିଖରେ ପୋଲିସ ଏକ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୀଡ଼ିତାଙ୍କ ବୟାନ ସହ ୧୭ଜଣ ସାକ୍ଷୀ ଓ ୨୯ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଶନ୍ ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

### ନାବାଳିକା ବଳାତ୍କାର ମାମଲା

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା,୨୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ସ୍ପେଶାଲ ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫୦ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୩ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ହେଲେ ବୈଁଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ଉମେଶ୍ୱର ସିଂ(୨୫)। ସୂଚନାଯୋଗ୍ୟ, ୨୦୨୧ ଫେବୃଆରୀ ୧୬ରେ ଉମେଶ୍ୱର ଜନୈକା ନାବାଳିକାଙ୍କୁ ଷ୍ଟେଶନେରି ଜିନିଷ କିଣିବା ପାଇଁ ନିକଟସ୍ଥ ବଜାରକୁ ବାଇକ୍‌ରେ ବସାଇ ନେଇଥିଲେ। ଫେରିବା ବାଟରେ ଏକ ନିର୍ଜନ ସ୍ଥାନରେ ତାଙ୍କୁ ବଳାତ୍କାର କରିବା ସହ ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ସେ ଧମକ ଦେଇଥିଲେ। ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପୀଡ଼ିତାଙ୍କ ବାପା ଏନେଇ ବୈଁଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୧୧ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୋଲିସ ରିପୋର୍ଟକୁ ଭିତ୍ତିକରି ଜଜ୍ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ମାଂସ ବିକ୍ରି ଟଙ୍କା ନ ଦେବାରୁ ମାରିଦେଲେ ସାଙ୍ଗ

### ଯୁବକଙ୍କୁ ଇଟାରେ ଛେଚି ହତ୍ୟା ଘଟଣା

ଉଦଳା/ଗୋପବନ୍ଧୁ ନଗର,୨୯।୧୧(ସନ୍ତୋଷ କୁମାର ବାଛିନି/ ଶାନ୍ତନୁ କୁମାର ମହୁଆଳ)

କେଇଟା ଟଙ୍କା ପାଇଁ ବନ୍ଧୁତାକୁ ଭୁଲିଗଲେ ସାଙ୍ଗ। ଇଟାରେ ଛେଚି ସାଙ୍ଗକୁ ମାରିଦେଲେ। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଖୁଣ୍ଟା ରାସ୍ତାରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ତଦନ୍ତ ପରେ ସତ୍ୟ ସାମ୍ନାକୁ ଆସିଛି। ମୃତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମଙ୍କ ସାଙ୍ଗ ଭୁଡୁରୁକୁଲା ଗାଁର ଅଭିଯୁକ୍ତ ମଙ୍ଗଲ ମୁର୍ମୁଙ୍କୁ ଶନିବାର ଖୁଣ୍ଟା ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ପୂରା ଘଟଣା ଉପରୁ ପରଦା ହଟାଇଛି। ମାଂସ ବିକ୍ରି ଟଙ୍କା ନ ଦେବାରୁ ସାଙ୍ଗଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ମଙ୍ଗଲ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, ଗଣେଶ ଓ ମଙ୍ଗଲ ଗୁରୁବାର ଏକ ମୃତ ଛେଳିକୁ କାଟି ମାଂସ ବିକ୍ରି କରିବା ନିମନ୍ତେ ଖୁଣ୍ଟା ସାପ୍ତାହିକ ହାଟକୁ ଯାଇଥିଲେ। ହାଟରେ ଉଭୟ ମିଶି ମାଂସ ବିକ୍ରି କରି ଫେରିବା ସମୟରେ ମଙ୍ଗଲ ଗଣେଶଙ୍କୁ ମାଂସ ବିକ୍ରି ଟଙ୍କା ମାଗିଥିଲେ। ହେଲେ ଗଣେଶ ଟଙ୍କା ନାହିଁ ବୋଲି କହିବାରୁ ବଡ଼ଖୁଣ୍ଟା ନିକଟ ରାସ୍ତାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଉଗ୍ରରୂପ ନେବାରୁ ମଙ୍ଗଲ ଏକ ଇଟା ଆଣି ଗଣେଶଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ତାଙ୍କ ପକେଟରୁ ମୋବାଇଲ ଏବଂ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ସକାଳେ ବଡ଼ଖୁଣ୍ଟା ରାସ୍ତାପାର୍ଶ୍ୱରୁ ଗଣେଶଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରେ ପଡ଼ିଥିବା ଏକ ଗାଡ଼ି ଚାବିକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଥାନାରେ ହତ୍ୟା ମାମଲା (ନଂ. ୩୮୦/୨୫) ରୁଜୁ ହୋଇଛି।

# ମଧ୍ୟାହ୍ନଭୋଜନ ଚାଉଳ ସହ ଧରାପଡ଼ିଲେ ପ୍ରଧାନଶିକ୍ଷକ

ବଇଣ୍ଡା, ୨୯।୧୧ (ପରିକ୍ଷିତ ସାହୁ)



କାର୍ ଡିକିରେ ଥିବା ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ।

### କାର୍, ୨ ବସ୍ତା ଚାଉଳ ପୋଲିସକୁ ହସ୍ତାନ୍ତର

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଏକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ନିଜ କାର୍‌ରେ ପ୍ରଧାନ ଶିକ୍ଷକ ନେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ଖବରପାଇ ପୋଲିସ ପହଞ୍ଚିବା ପରେ ଗ୍ରାମବାସୀ ଅଟକ ରଖିଥିବା କାର୍, ଚାଉଳ ଓ ପ୍ରଧାନ ଶିକ୍ଷକଙ୍କୁ ପୋଲିସକୁ ହସ୍ତାନ୍ତର କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ ଉକ୍ତ ବିଦ୍ୟାଳୟରୁ କିଛି ସାମଗ୍ରୀ ଚୋରି ହୋଇଥିଲା। ଏହାପରେ ଗ୍ରାମବାସୀ ବିଦ୍ୟାଳୟ ଉପରେ ନଜର ରଖିଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟାରେ ପ୍ରଧାନଶିକ୍ଷକ ତାଙ୍କ କାର୍ ଯୋଗେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ (ଏକ କୁଇଣ୍ଟାଲ) ବିଦ୍ୟାଳୟରୁ ନେଉଥିବା ବେଳେ କେତେଜଣ ଯୁବକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ତୁରନ୍ତ ଗ୍ରାମବାସୀ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ରାତିରେ ଆସିବାର କାରଣ ପଚାରିଥିଲେ। ପ୍ରଧାନଶିକ୍ଷକ କିଛି ଉତ୍ତର ନ ଦେବାରୁ ଗ୍ରାମବାସୀ ତାଙ୍କ କାର୍ ଯାଞ୍ଚ କରିଥିଲେ। ଗାଡ଼ି ଡିକିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଥିବା ଦେଖିବା ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଠାକୁରଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ଉକ୍ତ କାର୍ ଓ ଚାଉଳକୁ ହସ୍ତାନ୍ତର କରିଥିଲେ। ଏହାପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ତେବେ ଘଟଣାକୁ ଚପାଇ ଦେବା ପାଇଁ ଶିକ୍ଷା ବିଭାଗର କେତେଜଣ କର୍ମଚାରୀ ପୋଲିସ ଉପରେ ଚାପ ପକାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଠାକୁରଗଡ଼ ଥାନା ଅଧିକାରୀ ଶଶୀଭୂଷଣ ବେହେରା କହିଛନ୍ତି, ପୋଲିସ କାର୍, ଚାଉଳ ସହ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅଞ୍ଚଳବାସୀ ଲିଖିତ ଅଭିଯୋଗ କଲେ ମାମଲା ରୁଜୁ କରାଯିବ। ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଡ଼ିଆ କହିଛନ୍ତି, ଉକ୍ତ ଘଟଣାକୁ ନେଇ ଏକ ଷ୍ଟେଶନ ଡାଏରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ ହେଲେ ମାମଲା ରୁଜୁ କରାଯିବ।

ପ୍ରଥମ ପୃଷ୍ଠାରୁ...

## ଅଯୋଗ୍ୟ କଟିବାରୁ...

ବର୍ଷରେ ସରକାରଙ୍କ ରାଜକୋଷରେ ୨୧୦ କୋଟି ଟଙ୍କା ବଞ୍ଚିଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଇ-କେଓ୍ୱାଇସି ଦ୍ୱାରା ବାହାର ରାଜ୍ୟରେ ମଧ୍ୟ ଲୋକଙ୍କୁ ଚାଉଳ ମିଳିପାରୁଛି। ବିରୋଧୀ ଅଭିଯୋଗ କରୁଥିଲେ ଅନ୍ୟ ରାଜ୍ୟରେ ଏ ବ୍ୟବସ୍ଥା ନାହିଁ। ହେଲେ ତାମିଲନାଡୁ, କର୍ଣ୍ଣାଟକ ଏବଂ କେରଳରେ ଇ-କେଓ୍ୱାଇସି ହେଉଛି। ପୂର୍ବ ସରକାର ସମୟରେ ପୋର୍ଟାଲ ବନ୍ଦ କରିଦିଆଯାଇଥିଲା। ଫଳରେ ହିତାଧିକାରୀ ଆବେଦନ କରିପାରୁ ନ ଥିଲେ। ହେଲେ ଭାଜପା ସରକାର ଆସିବା ପରେ ପୋର୍ଟାଲ ଖୋଲିଲା ଏବଂ ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷ ଲୋକ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ଇନ୍‌କ୍ୱାରି କରି କାର୍ଡ ଦିଆଯାଇସାରିଛି। ସହରାଞ୍ଚଳରେ ଦେଢ଼ ଲକ୍ଷ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ଲାଗି କୁହାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ କୁହାଯାଇଛି। ପୂର୍ବ ସରକାର ସମୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ଯେଉଁମାନଙ୍କୁ ଭାଜପାର କହି କାଟିଦିଆଯାଉଥିଲା ସେମାନେ ଆଉ ଆବେଦନ କରିପାରୁ ନ ଥିଲେ। ହେଲେ ଏ ସରକାର ସେ ବ୍ୟବସ୍ଥା ବନ୍ଦ କରିଛନ୍ତି। ବିରୋଧୀ ଅଭିଯୋଗ କରୁଥିଲେ ଯିଏ ଲୋନ୍ ପାଇଁ ଆବେଦନ କରୁଛନ୍ତି ସେମାନଙ୍କ କାର୍ଡ କଟାଯାଉଛି, ଏହା ସମ୍ପୂର୍ଣ୍ଣ ଭୁଲ୍ କଥା। ଗତ ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବରରେ ହିତାଧିକାରୀଙ୍କୁ ମାଗଣାରେ ୫ କେଜି ଲେଖା ଚାଉଳ ଦିଆଯାଇଛି। ୧୭ ମାସ ଭିତରେ ଜଣେ ହେଲେ ଚାଷୀ ଆତ୍ମହତ୍ୟା କରିନାହାନ୍ତି, ବରଂ ସେମାନେ ସୁନାଦୋକାନ ଯାଇ ଏବେ ଆର୍ଥିକ ସ୍ୱଚ୍ଛଳ ହୋଇପାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ରାଶନ କାର୍ଡରୁ ନାଁ...

ସଂଖ୍ୟା କମାଇବାକୁ ଲେଖିଛନ୍ତି, ସେଗୁଡ଼ିକ ମଧ୍ୟରେ ୬ ମାସ ଯଦି ଜଣେ ଚାଉଳ ଉଠାଇ ନ ଥିବେ, ୨.୪୭ ଏକର ଜମି ଯାହାର ଥିବ ଏବଂ ବାର୍ଷିକ ଯେଉଁମାନେ ୧ ଲକ୍ଷ ୨୦ ହଜାର ଟଙ୍କା ରୋଜଗାର କରୁଥିବେ ଆଦି ଅନ୍ତର୍ଭୁକ୍ତ। ରାଜ୍ୟରୁ ପ୍ରାୟ ୩୯.୪୭ ଲକ୍ଷ ଲୋକଙ୍କୁ ଅଯୋଗ୍ୟ ବର୍ଗରେ ରଖି ସେମାନଙ୍କ ନାଁ କାଟିବାକୁ ଜିଲାପାଳଙ୍କୁ ବାଧ୍ୟ କରାଯାଇଛି। ୪ ଲକ୍ଷ ୭୫ ହଜାର ଲୋକଙ୍କ ରାଶନ କାର୍ଡ କାଟିସାରିଛନ୍ତି। ସରକାର ଗୋଟେ କଥା ସ୍ପଷ୍ଟ କରନ୍ତୁ, ପିଏମ୍ କିଷାନ, ସିଏମ୍ କିଷାନ, ସୁଭଦ୍ରା ଯୋଜନାରେ ଯେଉଁମାନେ ଅର୍ଥ ପାଉଛନ୍ତି ସେମାନେ ରାଶନକାର୍ଡ ପାଇବା ଲାଗି ଯୋଗ୍ୟ ହେବେ ନା କଟିବେ। ସରକାର ଲୋକଙ୍କୁ କୃତ୍ରିମ ଭାବେ ଧନୀକରି ରାଶନକାର୍ଡରୁ ବଞ୍ଚିତ କରାଇବାକୁ ଲକ୍ଷ୍ୟ ରଖିଛନ୍ତି। ଯେଉଁମାନେ ଦାଦନ ଯାଇଛନ୍ତି ସେମାନେ ତ ୬ ମାସ ଚାଉଳ ଉଠାଇପାରିବେନାହିଁ। ତା'ମାନେ ସେମାନେ କ'ଣ ଅଯୋଗ୍ୟ ହେବେ? ଇଏ ଆଦାନୀ ଏବଂ ଆମ୍ବାନୀଙ୍କ ସରକାର ବୋଲି ରଣେନ୍ଦ୍ର କହିଛନ୍ତି। ବିଜେଡି ସଦସ୍ୟ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ସସ୍‌ପେକ୍ଟଫୁଲ୍ ହିତାଧିକାରୀମାନେ କ'ଣ କ୍ରିମିନାଲ।

ଏ ସରକାର ନିୟମ କରିଛନ୍ତି ଯେଉଁମାନଙ୍କ ୩ ଚକିଆ ଅଟୋ ଥିବ ସେ ମଧ୍ୟ ଚାଉଳ ପାଇବାରୁ ବଞ୍ଚିତ ହେବେ। ୧୦ ହଜାର ଟଙ୍କା ରୋଜଗାର କରୁଥିବା ଲୋକ ଏଥିରୁ ବଞ୍ଚିତ ହେବେ, ସରକାର କ'ଣ ଜାଣିଶୁଣି ସାଧାରଣ ଲୋକଙ୍କୁ ଏଥିରୁ ବଞ୍ଚିତ କରୁଛନ୍ତି। ସରକାର ଆଉ ଗୋଟେ ନିୟମ କରିଛନ୍ତି, ଯେଉଁମାନେ ଟ୍ୟାକ୍ସପେୟର ସେମାନେ ମଧ୍ୟ ଅଯୋଗ୍ୟ ହେବେ। ଏବେ ସାଧାରଣ ଲୋକଟିଏ ଋଣ ନେବାକୁ ଚାହିଁଲେ ସେମାନଙ୍କର ପ୍ୟାନ୍ କାର୍ଡ ଦରକାର। ଏହାସହ ସେ ଜିରୋ ରିଟର୍ନ ଫାଇଲ କରୁଥିବା ଦରକାର। ସେମାନଙ୍କୁ ବି କାଟିଦିଆଯିବ କି ବୋଲି ଦେବୀରଞ୍ଜନ ପ୍ରଶ୍ନ କରିଛନ୍ତି। ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ଇ-କେଓ୍ୱାଇସି ନାମରେ ରାଶନ କାର୍ଡ କାଟିବାକୁ ଯେଉଁ ଆତଙ୍କୀ କାର୍ଯ୍ୟକ୍ରମ କରାଯାଉଛି ତାହା ଦୁର୍ଭାଗ୍ୟଜନକ। ଏହା ଏସ୍‌ଆଇଆର୍‌ଠାରୁ ମଧ୍ୟ ଭୟଙ୍କର। ନୂଆପଡ଼ା ଉପନିର୍ବାଚନ ସମୟରେ ଶାସକ ଦଳ ନେତାମାନେ ସେଠାର ଭୋଟରଙ୍କୁ କହିଲେ, ଯଦି ଭୋଟ ନ ଦେବ ତେବେ ରାଶନକାର୍ଡ କାଟିଦିଆଯିବ। ଏଭଳି ଭୟ ସାଧାରଣ ଲୋକଙ୍କୁ ଦେଖାଯାଇଛି। ସରକାର ଆସିବାର ୧୭ ମାସ ପୂରଣ ହେଲାଣି, ଜଣେ ହେଲେ ନୂଆ ହିତାଧିକାରୀ ରାଶନକାର୍ଡ ରାଜ୍ୟରେ ପାଇନାହାନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଛନ୍ତି, ରାଶନ କାର୍ଡ କାଟିବାର ଯେଉଁ ପ୍ରୟାସ ଆରମ୍ଭ ହୋଇଛି ତାହା ଦୁର୍ଭାଗ୍ୟଜନକ। ୨୦୧୩ରେ ଯେତେବେଳେ ଉପା ସରକାର ଥିଲା ସେତେବେଳେ ଯୋଜନା କରିଥିଲା, ଭାରତର ଯେପରି ଜଣେ କେହି ଭୋକିଲା ରହିବେ ନାହିଁ। ଏବେ ଏହି ଯୋଜନାକୁ ବିଭିନ୍ନ ନାମରେ ପରିବର୍ତ୍ତନ କରି ଏହାକୁ ନେଇ ବିଭିନ୍ନ ଦଳ ରାଜନୀତି କରୁଛନ୍ତି। ଇ-କେଓ୍ୱାଇସି ନାଁରେ ସାଧାରଣ ଲୋକଙ୍କୁ ଉକ୍ତ ଯୋଜନାରୁ ବାଦ୍ ପଡ଼ିବାକୁ ପଡୁଛି ବୋଲି ସେ କହିଛନ୍ତି। ସି.ଏସ୍. ରାଜନ ଏକ୍କା ମଧ୍ୟ ଇ-କେଓ୍ୱାଇସି ଯୋଗୁ ତାଙ୍କ ଅଞ୍ଚଳରେ ଉପୁଜୁଥିବା ସମସ୍ୟା କଥା କହିଛନ୍ତି।



# ଖୋଲା ବଜାରରେ ବେଆଇନ ଭାବେ ବିକ୍ରି ହେଉଛି ପେଟ୍ରୋଲ

କୋରୁକୋଣ୍ଡା,୨୯।୧୧(ଶିବଦତ୍ତ ସାହୁ)

ଗତ କିଛି ମାସ ପୂର୍ବେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଏବଂ ବଙ୍ଗାଳ ଘଟଣା ପରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପେଟ୍ରୋଲ ଡିଜେଲ ସଂଘ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଥିବା ପେଟ୍ରୋଲ ଟାଙ୍କିରେ କୌଣସି ପରିସ୍ଥିତିରେ ବି ପ୍ଲାଷ୍ଟିକ୍ ବୋତଲ କିମ୍ବା ଜାରିକେନ୍‌ରେ ପେଟ୍ରୋଲ ଦିଆଯିବ ନାହିଁ ବୋଲି ପେଟ୍ରୋଲ ଟାଙ୍କି ମାଲିକଙ୍କ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା। ରାଜ୍ୟ ପେଟ୍ରୋଲ ଡିଲର ସଂଘର ନିଷ୍ପତ୍ତିକୁ ପେଟ୍ରୋଲ ଟାଙ୍କି ମାଲିକମାନେ ସମ୍ମାନ ଜଣାଇ କିଛିମାସ ପର୍ଯ୍ୟନ୍ତ ଲୋକଙ୍କୁ ପ୍ଲାଷ୍ଟିକ୍ ବୋତଲ ଏବଂ ଜାରିକେନ୍‌ରେ ପେଟ୍ରୋଲ ଦେବା ବନ୍ଦ କରିଥିଲେ। ହେଲେ ଏବେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହର ଓ ଆଖପାଖ ଅଞ୍ଚଳରେ ଥିବା ବହୁ ଦୋକାନରେ ଏବେ ବି ବିନା ଲାଇସେନ୍ସରେ ଶହ ଶହ ଲିଟର ପେଟ୍ରୋଲ ଓ ଡିଜେଲ ଖୁଲମଖୁଲା ଭାବେ



ଖୋଲାରେ ବିକ୍ରି ହେଉଥିବା ପେଟ୍ରୋଲ।

ଚଢ଼ା ଦରରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳୁଛି। କୋରୁକୋଣ୍ଡା ବ୍ଲକ୍‌ର ତାର୍ଲାକୋଟା, ପୋଟ୍ରେଲ ଛକ, ବାଲିମେଳା ଛକ, ନୀଳାଦ୍ରିନଗର, କାଙ୍ଗେଡ଼ା, ନାକାମାମୁଡି ସମେତ ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ଦୋକାନରେ ପେଟ୍ରୋଲ ଓ ଡିଜେଲ ବେଆଇନ ଭାବେ ବିକ୍ରି କରାଯାଉଛି। ସରକାରଙ୍କ ନିୟମ ଅନୁସାରେ ପେଟ୍ରୋଲ ଟାଙ୍କିରେ ପ୍ଲାଷ୍ଟିକ୍ ବୋତଲ ଏବଂ ଜାରିକେନ୍ କିମ୍ବା ବ୍ୟାରେଲରେ ବ୍ୟବସାୟୀଙ୍କୁ ପେଟ୍ରୋଲ ଆଉ ଡିଜେଲ ଦେଉ ନ ଥିବା ବେଳେ ଖୋଲା ବଜାରରେ ବିକ୍ରି ପାଇଁ ଏତେ ପରିମାଣର ଡିଜେଲ ଆଉ ପେଟ୍ରୋଲ କେଉଁଠୁ ଆସୁଛି ବୋଲି ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ଯୋଗାଣ ବିଭାଗ ଓ

- ସରକାରୀ ନିୟମକୁ ଉଲ୍ଲଂଘନ
- ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ

ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ୍ ଓ ବାଲିମେଳା ସହରାଞ୍ଚଳ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକ ହରି ଚରଣ ମଲିକଙ୍କୁ ପଚାରିବାରୁ, ଏହି କାରବାରକୁ ରୋକିବା ପାଇଁ ବିଭାଗ ପକ୍ଷରୁ ତୁରନ୍ତ ପେଟ୍ରୋଲ ଟାଙ୍କି ମାଲିକଙ୍କୁ ଚିଠି ପଠାଯିବା ସହ ତାଗିଦ କରାଯିବ। ବିଭାଗରେ ଏକ ସ୍ୱତନ୍ତ୍ର ଟିମ୍ ଅଞ୍ଚଳ ପରିଦର୍ଶନ କରିବେ, ଯେଉଁମାନେ ବେଆଇନ ଭାବେ ଦୋକାନରେ ପେଟ୍ରୋଲ ଆଉ ଡିଜେଲ ବିକ୍ରି କରୁଥିବେ ସେଗୁଡ଼ିକୁ ଜବତ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଯୌତୁକ ନିବାରଣ ଅଧିନିୟମ ଆଇନ-୧୯୬୧ ତାଲିମ ଶିବିର

ମାଲକାନଗିରି,୨୯।୧୧(ସୁଚିତ୍ରା ଦାସ)

ମାଲକାନଗିରି ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଜିଲାସ୍ତରୀୟ ପ୍ରଶିକ୍ଷଣ: ଯୌତୁକ ନିବାରଣ ଅଧିନିୟମ ଆଇନ-୧୯୬୧ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ, ପିଇଓ ଟି.ଜୟଲକ୍ଷ୍ମୀ, ମହିଳା ସଶକ୍ତୀକରଣ ଜିଲା ସଂଯୋଜକ ଉପସ୍ଥିତ ରହି ଜିଲାରେ ଯେପରି କୌଣସି ମହିଳା ଯୌତୁକ ପ୍ରଥା ପାଇଁ ପୀଡ଼ିତ ନ ହୁଅନ୍ତୁ ଏବଂ ଗ୍ରାମାଞ୍ଚଳ ମହିଳାଙ୍କୁ ସଚେତନ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ



କାର୍ଯ୍ୟକ୍ରମରେ ଉପସ୍ଥିତ କୋର୍ଟ କର୍ମଚାରୀ, ପୋଲିସ, ଏସ୍‌ଏଚ୍‌ଜି ସଦସ୍ୟା ଓ ଅନ୍ୟମାନେ।

ସିଡିପିଓ, ସୁପରଭାଇଜର ଓ ଜିଲାର ସମସ୍ତ ମହିଳା ପୋଲିସ ସହାୟକ ଡେସ୍କର ସଦସ୍ୟମାନେ ଉପସ୍ଥିତ ଥିଲେ। ଶିବିରରେ ଅଶୋକ କୁମାର ପଟ୍ଟନାୟକ (ଚିଫ୍ ଲିଗାଲ ଡିଫେନ୍ସ କାଉନ୍ସେଲର), ଡେପୁଟି ମମତା ପାଣିଗ୍ରାହୀ ଯୌତୁକ ନିବାରଣ ଅଧିନିୟମ ଆଇନ, ୧୯୬୧ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶକ୍ତି ସଦନ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ପୂଜକ ଓ ପଣ୍ଡିତ, ଡିଏଲ୍‌ଏସ୍ କର୍ମଚାରୀ, ବିଭିନ୍ନ କଲେଜର କର୍ମଚାରୀ, ଛାତ୍ର ସଂଘ, ଜିଲା ମହିଳା ସଶକ୍ତୀକରଣ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ ବିଭାଗ କର୍ମଚାରୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ପୋଷାକ ବିତରଣ

ମାଲକାନଗିରି,୨୯।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ୍ ବୀରଲକ୍ଷ୍ମଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ୟୁନିଫର୍ମ ସହ ଟ୍ରାକ୍‌ସୁଟ୍ ବିତରଣ କରାଯାଇଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବା ଓ ସେମାନଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଧଳା ଶାର୍ଟ, ନୀଳ ରଙ୍ଗର ପ୍ୟାଣ୍ଟ ଓ ଶନିବାର ଟ୍ରାକ୍ ସୁଟ୍ ବ୍ୟବହାର କରିବାର ନିୟମ ରହିଛି। ଏହି ଉପଲକ୍ଷେ ବିଦ୍ୟାଳୟର ୧୬୬ଜଣ ଛାତ୍ର ଓ ୧୨୧ଜଣ ଛାତ୍ରୀଙ୍କୁ ପୋଷାକ ପ୍ରଦାନ କରାଯାଇଛି। ପୋଷାକ



ଅତିଥିଙ୍କ ସହ ୟୁନିଫର୍ମ ପାଇଥିବା ଛାତ୍ରଛାତ୍ରୀ।

ବିତରଣ ସମୟରେ ବୀରଲକ୍ଷ୍ମଣପୁର ସରପଞ୍ଚ ନୀଳକଣ୍ଠ ଖୋଲା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ସିଗାମ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଡି. ଜଗନ୍ନାଥ ରାଓ, ଚନ୍ଦ୍ରଶେଖର ପତ୍ରୀଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନମେଳା: ୬୩ ପ୍ରକଳ୍ପ ପ୍ରଦର୍ଶିତ

ଚିତ୍ରକୋଣ୍ଡା,୨୯।୧୧
(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ଆଦର୍ଶ ବିଦ୍ୟାଳୟଠାରେ ଶନିବାର





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ରାଜେଶ୍ୱରି ଖିଲ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ମେଳାରେ ୬୩ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀରେ ବିଜ୍ଞାନ ଶିକ୍ଷକ ଦେବରାଜ ସେଠୀ, ଖଇରପୁଟ ଉଚ୍ଚ ବିଦ୍ୟାଳୟ ଓ ପପୁ ସାହୁ ଆଦର୍ଶ ବିଦ୍ୟାଳୟ ଗୁଣ୍ଡୁରିଗୁଡା ସରକାରଙ୍କ ନିୟମ ଅନୁସାରେ ୭ଟି ପ୍ରକଳ୍ପକୁ ଯୋଗ୍ୟ ବିବେଚିତ କରି ଜିଲାସ୍ତରକୁ ପଠାଇଥିଲେ। ସହନୀୟ କୃଷି, ବର୍ଜ୍ୟବସ୍ତୁ ନିରାକରଣ, ସବୁଜ ଶକ୍ତି, ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା, ଦୈନନ୍ଦିନ ଜୀବନରେ ଗଣିତର ବ୍ୟବହାର, ସ୍ୱାସ୍ଥ୍ୟ ଓ ସୁରକ୍ଷା, ଜଳ ଶକ୍ତି ସଂଗ୍ରହ ବ୍ୟବହାର ପରି ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଛି । ଶେଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳସ୍ତରୀୟ ସଂଯୋଜକ ଅମୂଲ୍ୟ ବରିହା, ସମ୍ମାନିତ ଅତିଥି ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା, ବିଇଓ ଗାୟତ୍ରୀ ଦେବୀ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଦର୍ଲାବେଡ଼ା ମହାବିଦ୍ୟାଳୟର ଅଧାପକ ଦିଲୀପ କୁମାର ଓଝା, କୁନି ବୈଜ୍ଞାନିକ ଲଳିତା ଖିଲ ଉପସ୍ଥିତ ଥିଲେ। ସଭାପତି ବସ୍ୱଶ୍ରୀ ବିଶ୍ୱ ପ୍ରଭାତ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସରୋଜ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନବରଙ୍ଗପୁର,୨୯।୧୧
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଡିଇଓ ଏବଂ ଜିଲାର ବିଇଓମାନେ ଏଡିଇଓ କେଶବ ମେହେରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ମେହେର ପଦୋନ୍ନତି ପାଇ ଜଗତସିଂପୁର ଜିଲା ଡିଇଓ ଭାବେ ଜଏନ କରିବେ। ଏନେଇ ଡିଇଓ ତାଙ୍କୁ ଶୁଭକାମନା ଜଣାଇଥିଲେ।


## Odisha State Museum

Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

### NOTICE INVITING TENDER (NIT)

E-Procurement Notice No.1827/OSM/Dated.28.11.2025 (On-line)

No.RR-31: Name of Work: Renovation Works for the Ornament Gallery, Including Upgraded Illumination, Enhanced Interior Display, And Installation of Digital Interactive Systems, as per the Approved Specifications of the Odisha State Museum, Bhubaneswar

| Sl. No. | Name of Work | Eligibility | Time of Comple-tion | E.M.D. (Through on-line transfer system) In Percentage | Cost of Tender Document (Through online transfer system) in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For Renovation Works for the Ornament Gallery, Including Upgraded Illumination, Enhanced Interior Display, And Installations of Digital Interactive Systems as per the Approved Specifications of the Odisha State Museum, Bhubaneswar | Eligible Agency Experienced in Similar Works as Specified in the Tender Document | 60 Days | 6,00,000/- | 10,000/- (Non- Refundable) |

Availability of Tender in website Online: From 29.11.2025, 10.00 AM to 19.12.2025, 5.00 PM. Submission of Bid On-line: From 29.11.2025, 10.00 AM to 19.12.2025, 5.00 PM. Date & Time of Opening of Technical Bid: 20.12.2025, 12.30 PM. Further details can be seen from the Govt. website : www.tendersodisha.gov.in. Amendment, Corrigendum/ Cancellation if any shall be posted online only.

OIPR-03015/11/0011/2526 — Sd./- Superintendent of Museum, Odisha, Bhubaneswar

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

ବିଜ୍ଞାପନ ସଂଖ୍ୟା ୨୬୮୭/ତାରିଖ ୨୭.୧୧.୨୦୨୫

### ବିଜ୍ଞାପନ

No.C-1606:ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ ଅନ୍ତର୍ଭୁକ୍ତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି କି ସମସ୍ତ ଗୃହକୁ ଜଳ ଯୋଗାଣ ଏବଂ ଜଳ କର ଆଦାୟ, ସହରାଞ୍ଚଳ ସ୍ୱଚ୍ଛତା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ଜଳ ସାଥୀ ଏବଂ ୨ ଜଣ ସଦସ୍ୟଙ୍କୁ ସ୍ୱଚ୍ଛ ସାଥୀ ଭାବରେ ଚୟନ କରାଯାଇ ନିଯୁକ୍ତି କରାଯିବ ।
ଏଣୁ ଇଚ୍ଛୁକ ସଦସ୍ୟଙ୍କର ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ବିଜ୍ଞାପିତ ଅଞ୍ଚଳରେ ତା.୨୮.୧୧.୨୦୨୫ ଠାରୁ ୧୫.୧୨.୨୦୨୫ ମଧ୍ୟରେ ଆବେଦନ କରିବାପାଇଁ ଜଣାଇ ଦିଆଗଲା ।

| ଜଳ ସାଥୀ | ସ୍ୱଚ୍ଛ ସାଥୀ |
|---|---|
| ୧. ସଦସ୍ୟାଙ୍କ ବୟସ ୧୮ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ ।<br>୨. ସଦସ୍ୟା ମାଟ୍ରିକ ପାସ କରିଥିବେ ଏବଂ ତାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର ।<br>୩. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୂନ ୨ ବର୍ଷ କାମ କରିଥିବେ ।<br>୪. ସଦସ୍ୟାଙ୍କ ନିଜ ବ୍ୟାଙ୍କ ପାସବୁକ୍ ଏବଂ ଏ.ଟି.ଏମ. କାର୍ଡ ଥିବା ଆବଶ୍ୟକ ।<br>୫. ସେ ଓଡ଼ିଶା ସରକାରଙ୍କ ଅନ୍ୟ କୌଣସି କାର୍ଯ୍ୟକ୍ରମରେ କାମ କରୁନଥିବେ । | ୧.ସଦସ୍ୟାଙ୍କ ବୟସ ୧୮ ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ ।<br>୨. ସଦସ୍ୟା +୨ ପାସ୍ କରିଥିବେ । (ଯୋଗ୍ୟ ପ୍ରାର୍ଥୀଙ୍କ ଅନୁପଲବ୍ଧ କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା କୋହଳ କରାଯାଇପାରେ)<br>୩. ସଦସ୍ୟାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର ।<br>୪. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୂନ ୨ ବର୍ଷ କାମ କରିଥିବେ ।<br>୫. କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ ।<br>୬. ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡିକ ଏରିଆ ଲେଭଲ୍ ଫେଡେରେସନ (ALF) ସକ୍ରିୟ ଥିବା ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ । |

❖ ଯେକୌଣସି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା କୌଣସି ଗୋଟିଏ ପଦବୀ ପାଇଁ ଆବେଦନ କରିପାରିବେ ।
❖ ସଦସ୍ୟା ଯଦି କୌଣସି ଦାୟିତ୍ୱ ଏବଂ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରନ୍ତି, ତାଙ୍କୁ ତୁରନ୍ତ ପରିବର୍ତ୍ତନ କରାଯାଇ ନୂତନ ସଦସ୍ୟାଙ୍କୁ ଚୟନ କରାଯିବ ।
❖ ସଦସ୍ୟା ସରକାରଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହୋଇନଥିବେ ଏବଂ ତାଙ୍କର ରାଜନୈତିକ ସଂପୃକ୍ତି ନଥିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ
OIPR-13161/11/0016/2526

## ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୌଦ୍ଧ
## OFFICE OF THE ASSISTANT DIRECTOR OF TEXTILES, BOUDH

At/PO/Dist- Boudh -762014, Ph. No.-06841296260, E-mail: adtboudh@gmail.com

Notice No. 2491 / Dated. 28.11.2025

### QUOTATION CALL NOTICE FOR SKILL UPGRADATION TRAINING UNDER CAPACITY BUILDING

No.PP-40 : Sealed quotations are invited from registered suppliers/ manufacturers/firms/agency for supply of following tool kits for Dyeing Training & for the Tie and Dye making and Weaving Training to the trainees of Boudh Textiles Zone under Capacity Building Component of "Promotion of Handloom Industries" for the year 2024-25.

For more details, terms & condition etc., please visit the official website of SADHAC, Bhubaneswar (www.sadhacodisha.org) or official website of Odisha State Handloom Weavers Co-operative Societies Ltd, Bhubaneswar (www.boyanika.com) or official website of Sambalpuri Bastralaya Weavers Co-operative Societies Ltd, Bargarh (www.sambalpuribastralaya.com) or Official website of Boudh District administration (www.boudh.odisha.gov.in) and may contact the Assistant Director of Textiles, Boudh in the above mentioned address, Email Id & phone number. The last date of receipt of the quotation in this Office is Dt.22.12.2025 up to 5:30 PM.

The undersigned reserves the right to reject or accept any or all the quotations without assigning any reason thereof.

Sd./- Assistant Director of Textiles, Boudh
OIPR-31027/11/0005/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, DEOGARH

E-mail: eerw_deogarh@yahoo.co.in

### 1st Corrigendum to TCN No.SERWDGH-Online-08 of 2025-26 dtd.17.11.2025

No.O-1607: In partial modification to this office Tender Call Notice No.08/2025-26 invited this office letter no.3692, dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.
(1) Period and time of availability of the bid documents dated 30.11.2025 to 09.12.2025 upto 5.00 PM instead of dated 21.11.2025 11.00 AM to 28.11.2025 upto 5.00 PM.
(2) Date and Time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM
N.B.- Other term & conditions of the TCN are remain unchanged.

Sd./- Superintending Engineer, R.W.Division, Deogarh
OIPR-25087/11/0022/2526

## ODISHA STATE CIVIL SUPPLIES CORPORATION LTD., DHENKANAL

At-Mahisapat, Dist-Dhenkanal, Pin-759001

### TENDER CALL NOTICE

File No-VIII/Esst./02/25-26
No.CAD-2500: The District office of OSCSC Ltd., Dhenkanal issued a Tender Call Notice vide letter No.2340 dated 27.11.2025 inviting sealed tenders from Travel Agency/Individual for hiring 01 (One) no of vehicle in the model Tiago/ Bolt/ Celerio etc. as per Finance Department Office Memorandum no. 15836, dt.27.05.2025 for Office use of the District Manager, OSCSC Limited, Dhenkanal.
The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e. www.oscsc.in
The intending Travel Agency/ Individual is requested to download the detailed notice from the above website.
LAST DATE OF RECEIVING OF APPLICATION/BID ONLY THROUGH REGD. POST/ SPEED POST/ COURIER SERVICE IS BY 8TH DECEMBER 2025 BY 2.30 P.M.

Sd./- CSO-cum-District Manager, OSCSC Ltd., Dhenkanal
OIPR-07029/11/0006/2526

## OFFICE OF THE NOTIFIED AREA COUNCIL, KABISURYANAGAR

At/Po: Kabisuryanagar, Dist:Ganjam, Pin-761104
Ph:06810-270099, Email:ksnnac@rediffmail.com

ପତ୍ର ସଂଖ୍ୟା 1916 — ତା.26.11.25

### ନୋଟିସ୍

No.C-1588: ଏତଦ୍ୱାରା କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୨୮.୧୧.୨୦୨୫ ରିଖ ଶୁକ୍ରବାର ଦିନ ସମୟ ଦିବା ଘ ୧୦.୦୦ଣ୍ଟା ପୂର୍ବରୁ ଉକ୍ତ ସ୍ଥାନରେ (ତଥା ଇଲେକ୍ଟ୍ରିକ ଅଫିସ ସାମ୍ନାରେ ଥିବା ପରିଷଦର ନିଜସ୍ୱ ଗୃହ ପୂର୍ବତନ ପ୍ରେସ କ୍ଲବ ଓ ଗୋପବନ୍ଧୁ ପାଠଶାଳା) ଥିବା ବ୍ୟକ୍ତିମାନେ ନିଜ ନିଜ ଆସବାବପତ୍ରକୁ ଖାଲି କରି କିମ୍ବା ଅନ୍ୟ ସ୍ଥାନାନ୍ତର ହୋଇ ଉକ୍ତ ଗୃହ କିମ୍ବା କୋଠାଗୁଡିକୁ ଖାଲି କରିଦିଅନ୍ତୁ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ ଉକ୍ତ ଦର୍ଶିତ ବିପଦସଂକୁଳ ଅସୁରକ୍ଷିତ ଗୃହ କିମ୍ବା କୋଠାକୁ ପୂର୍ବ ନିର୍ଦ୍ଦେଶ ପ୍ରକାରେ ଭଙ୍ଗାଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ
OIPR-13208/11/0014/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER U.K.HEAD WORKS DIVISION, KOLABNAGAR (K), PIN.764011

No.A-1011:

e-Procurement Notice-SE-UKHWD-08/2025-26 Dated 28.11.2025 (ONLINE)

1. Name of Work :: Civil Works
2. No. of Work :: 07 (Seven) Nos.
3. Approximate Value of Work :: 4.85 Lakhs to 12.70 Lakhs
4. Class of Contractor :: Registered & License Contractors of 'C' & 'D' Class
5. Period of Completion :: 03 (Three) Calendar Months
6. Date & Time of availability of bid documents online :: 29.11.2025 at 11.00 Hours to 08.12.2025 upto 18.00 Hours
7. Date & Place of Opening of Bid Online :: 09.12.2025 (11.30 Hours) at Office of the Superintending Engneer, UKHWD, Kolab Nagar
8. Name of the Officer Inviting Bids :: Superintending Engineer UKHWD, Kolab Nagar

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.

Sd./- Superintending Engineer, Upper Kolab Head Works Division, Kolabnagar
OIPR-32015/11/0048/2526

## OFFICE OF THE DIVISIONAL FOREST OFFICER, PURI WILD LIFE DIVISION
## CHAKRATIRTHA ROAD, PURI-752002

### SHORT TENDER CALL NOTICE FOR DISPOSAL OF CASHEW NUTS 2025 CROP.

No.MM-310 : Sealed tenders are invited for the sale of the 2025 cashew nut crop from Balukhanda and Konark (Wildlife) Ranges on "as is where" basis. **Tender documents will be available from 29/11/2025 at 10:00 AM to** the **last date of submission on 05/12/2025 by 3:00 PM,** for detailed information, please visit the official website: www.odishaforest.in

OIPR-08140/11/0020/2526 — Sd./- DFO Puri (WL) Division

## PANCHAYAT SAMITI, RANGEILUNDA, KONISI

ANNECURA-A
BID IDENTIFICATION NO.02/2025-26
NIB NO. 6715/ Dated 26.11.2025

No.i-395 LIST OF WORKS PUT TO ON-LINE TENDER THROUGH e-Procurement

| Sl. No. | Name of the Project | Estimate Cost Put to Tender (in Rs.) | Earnest Money Deposit @1% of Tendered Value in Rs.) | Class of Contractor | Cost of BID document (Non-Refundable) | Cover Type | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of PACs Office Building at Allipur | 10,25,211.00 | 10252.00 | "D&C" Class | Rs.10,000.00 | Single Cover | 6th Calendar Month |
| 2 | Construction of PACs Office Building and Godown at Padmapur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 3 | Construction of PACs Office Building and Godown at Palur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 4 | Construction of PACs Office Building and Godown at Phulta | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |

By the Order of Block Development Officer, Sd./- Panchayat Samiti, Rangeilunda
OIPR-19424/11/0008/2526

## Government of Odisha

### Corrigendum to Bid Identification No. CCE.Ctc.(R&B) 8/2025-26
### Tender Reference No. - CCE.Ctc.(R&B) 8/2025-26

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

No.B-770 : The Bid availability period and Date of opening of the tenders have been modified due to unavoidable circumstances. The modified dates are as follows :

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B)8/2025-26 | 04.11.2025 to 5.30 Hours of 18.11.2025 | 03.12.2025 to 5.30 Hours of 17.12.2025 | 19.11.2025 at 11.00 Hours | 18.12.2025 at 11.00 Hours |

All other terms and conditions remain unchanged. Further details can be seen from the website htpp://tendersodisha.gov.in.

Sd./- Chief Construction Engineer, Cuttack (R&B) Circle
OIPR-34012/11/0052/2526

## ODISHA STATE CIVIL SUPPLIES CORPORATION LTD., DHENKANAL

At - Mahisapat, Dist - Dhenkanal, Pin - 759001

### TENDER CALL NOTICE

File No - VIII/Esst./02/25-26
No.CAD-2507 : The District office of OSCSC Ltd., Dhenkanal issued a **Tender Call Notice vide letter No 2342 dated 27.11.2025** inviting sealed tenders from Travel Agency/Individual for hiring **01 (one)** no. of vehicle in the model **TUV 300/Bolero/Sumo Gold/Ertiga etc**. as per Finance Department Office Memorandum no. 15836 dt. 27.05.2025 for Supervision of Paddy Procurement operation for the KMS: 2025-26 in the O/o the District Manager, OSCSC Limited, Dhenkanal.
The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e WWW.OSCSC.in
The intending Travel Agency/Individual is requested to download the detailed notice from the above website.
**LAST DATE OF RECEIVING OF APPLICATION/BID ONLY THROUGH REGD.POST /SPEED POST/COURIER SERVICE IS BY 8th DECEMBER 2025 BY 2.30 P.M.**

Sd./- CSO-cum-District Manager, OSCSC Ltd., Dhenkanal
OIPR-07029/11/0007/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, MAYURBHANJ

Tel. No. (06792)260788, e-Mail ID : mi.mayurbhanj@yahoo.co.in

### "e" Procurement Notice

No.4347 Dated 26.11.2025
Identification No. - S.E.M.I.D. MBJ. No. - 21/MID, MBJ/2025-26

No.A-1001 : The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the website |
| 2 | Total No. of work | 12 Nos |
| 3 | Tender amount | 10.11 Lakh to 12.56 Lakh (Detail of work Annexed) |
| 4 | Class of Contractor | As Mentioned against Work |
| 5 | Period of Completion | As Mentioned against Work |
| 6 | Date & time of Availability of Bid Document in the Portal | 01.12.2025 at 10.00 A.M. to 11.12.2025 up to 5.00 P.M. |
| 7 | Last Date / Time for receipt of Bids in the Portal | 11.12.2025 up to 5.00 P.M. |
| 8 | Date/Time of Opening of Technical Bid | 12.12.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I.Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd./- Superintending Engineer, Minor Irrigation Division, Mayurbhanj
OIPR-32041/11/0021/2526

## OFFICE OF THE NOTIFIED AREA COUNCIL, BHUBAN

e-Mail: bhubann.hud@nic.in

### INVITATION FOR BIDS

No.C-1604: E-Procurement Notice-04/2025-26
Tender Call Notice No-2064/BBN NAC Dt.27.11.2025

1. Name of the Work : 09 Numbers of Civil Construction Works as in the DTCN published in the website
2. Estimated Cost : Varies from Rs.5.2 Lakhs to Rs.13 Lakhs
3. Period of Completion : One Month to Three Months
4. Date and time of availability of bid document in the portal : From 11.00 A.M. of Dt.01.12.2025 to 5.00 P.M. of Dt.15.12.2025
5. Last date/time for receipt of bid in the portal : 5.00 P.M. of Dt.15.12.2025
6. Last date of submission of bid document through Regd.Post/ Speed Post : 5.00 P.M. of Dt.15.12.2025
7. Date and Time of opening of Bid : 11.00 AM hours of Dt.16.12.2025
8. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-procurement portal http://tenderorissa.gov.in.

Sd./- Executive Officer, Bhuban N.A.C.
OIPR-13096/11/0015/2526

## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

No.A-981

Email id : sedcbls@yahoo.com

### "e" PROCUREMENT NOTICE NO. ACEDCBLS-15/2025-26

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of Project | : | 3 Nos. of Individual work |
| 3 | Estimated cost of individual works | : | Varies from Rs.2,02,79,343/- to 6,30,68,437/- (Excluding G.S.T.) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | ACEDCBLS/DDBLS-01-15/2025-26 ACEDCBLS/DDBLS-02-15/2025-26 ACEDCBLS/DDBLS-03-15/2025-26 |
| 6 | Date & Time of availability of Bid document in the Portal | : | From Dt.01.12.2025 at 10.00 hours to Dt.15.12..2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.01.12.2025 at 10.00 hours to Dt.15.12.2025 at 17.00 hours |
| 8 | Date of Opening of Technical Bid | : | Dt.16.12.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Date of Opening of Financial bid | : | To be uploaded in portal |
| 10 | Cost of Tender Paper | : | Rs.10,000.00 |
| 11 | Procurement Officer/Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer, Drainage Circle, Balasore
OIPR-32190/11/0034/2526

# ସେବାଶ୍ରମ ଅନ୍ତେବାସୀ ଅସୁରକ୍ଷିତ: ପ୍ରଦୀପ ମାଝୀ

## ରାଜଧାନୀରେ ବିଜେଡିର ଆନ୍ଦୋଳନ ଚେତାବନୀ

ନବରଙ୍ଗପୁର,୨୯।୧୧ (ସଦାଶିବ ପ୍ରହରାଜ)




ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝୀଙ୍କ ସହ ଅନ୍ୟ ବିଜେଡି ନେତାମାନେ।

ଆଦିବାସୀ ଅଧ୍ୟୁଷିତ ଜିଲାରେ ସରକାରଙ୍କ ଶିକ୍ଷାଦାନ ଯୋଜନାରେ ଆସୁଥିବା ଅନୁଦାନ ବ୍ୟାପକ ବାଟମାରଣା ହେଉଛି। ବିଶେଷକରି ବିଭିନ୍ନ ସେବାଶ୍ରମ ଛାତ୍ରାବାସରେ ଅନ୍ତେବାସୀ ଅସୁରକ୍ଷିତ ରହିଥିବା ବେଳେ ପ୍ରଶାସନ ଶିକ୍ଷା ବ୍ୟବସ୍ଥା ସଜାଡ଼ିବା ବଦଳରେ ସରକାରୀ ଅନୁଦାନରେ ବେପାରବଟା ଚଳାଇଥିବା ଅଭିଯୋଗ ଆଣିଛି ବିଜେଡି। ଶନିବାର ନବରଙ୍ଗପୁରରେ ବିଜେଡି ରାଜ୍ୟ ସମ୍ପାଦକ ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଏପରି ଅଭିଯୋଗ କରିଛନ୍ତି। କୋଷାଗୁମୁଡା କାକଡିସେମଲା ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ଗୁରୁତର ଅବସ୍ଥାରେ ଥିବା ସପ୍ତମ ଶ୍ରେଣୀ ଛାତ୍ର ଧନେଶ୍ୱର ଭତରାଙ୍କୁ ୯ ଦିନ ଧରି ତାଲା ପକାଇ ରଖିବା କେବଳ ଗୋଟିଏ ଉଦାହରଣ ବୋଲି ପ୍ରଦୀପ କହିଛନ୍ତି। ୯ ଦିନ ପର୍ଯ୍ୟନ୍ତ ଜଣେ ଗୁରୁତର ଛାତ୍ରଙ୍କୁ ଚିକିତ୍ସା କରା ନ ଯିବା ବିଡ଼ମ୍ବନାର ବିଷୟ। ଏନେଇ ଜିଲାପାଳ, ମଙ୍ଗଳ ବିଭାଗ ଓ ଶିକ୍ଷା ବିଭାଗ ଅଧିକାରୀମାନେ ଦାୟୀ ବୋଲି ସେ କହିଛନ୍ତି। ଗତ ଅଗଷ୍ଟରୁ ନଭେମ୍ବର ମାସ ମଧ୍ୟରେ ଜିଲାରେ ଚିକିତ୍ସା ଅବହେଳାରୁ ୬ ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ନବରଙ୍ଗପୁର ଜିଲାରୁ। ତାଙ୍କ ଜିଲାରେ ଏପରି ଘଟଣା ନିନ୍ଦନୀୟ ବୋଲି ପ୍ରଦୀପ କହିଛନ୍ତି। ସରକାରଙ୍କ ଶିକ୍ଷାଦାନ ଓ ଛାତ୍ରାବାସ ପରିଚାଳନା ଅନୁଦାନରେ ଜିଲା ପ୍ରଶାସନ ବେପାର କରିବାସହ ବ୍ୟାପକ ଅନୁଦାନ ହରିଲୁଟ କରୁଥିବା ସେ ଅଭିଯୋଗ କରିଛନ୍ତି। ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ଅନୁଦାନରେ ବ୍ୟବସାୟ କରାଯାଉଛି ବୋଲି ପୂର୍ବତନ ଏମ୍‌ପି ମାଝୀ କହିଛନ୍ତି।

ନିକଟରେ କୋରାପୁଟ ଓ ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ପକ୍ଷରୁ କିଣାଯାଇଥିବା ଛାତ୍ରବାସ ସାମଗ୍ରୀରେ ଆକାଶପାତାଳ ଫରକ ରହିଥିବା ତଥ୍ୟ ଓ ପ୍ରମାଣ ସହ ଗଣମାଧ୍ୟମ ସାମ୍ନାରେ ରଖିଥିଲେ। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ କୋରାପୁଟ ଜିଲାରେ ଆଲୁମିନିୟମ ହାଣ୍ଡି ୩୯୯୮ ଟଙ୍କାରେ କିଣାଯାଇଥିବାବେଳେ ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ ସମାନ ହାଣ୍ଡି ୧୧ ହଜାରରେ କିଣିଛି। ସେହିଭଳି କୋରାପୁଟରେ ଷ୍ଟିଲ ଥାଳି ୨୫୫କୁ ନବରଙ୍ଗପୁରରେ ୪୧୦, ୫୯୧ର ପିତପାତିଆକୁ ଦେଢ଼ହଜାର, ୨୭୫ ଟଙ୍କା ମଶାରିକୁ ୩୫୦, ୨୭୫ର ଜାଲିଚଟୁକୁ ୧୮ଶହ ଟଙ୍କା ଓ କୋରାପୁଟରେ କିଣାଯାଇଥିବା ୮୯୧୪ ଟଙ୍କାର ହାଣ୍ଡିକୁ ୧୧ ହଜାର ଟଙ୍କାରେ ନବରଙ୍ଗପୁର ଜିଲା ମଙ୍ଗଳ ବିଭାଗ କିଣିଥିବା ପ୍ରଦୀପ କହିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଥିବା ସେ କହିଥିଲେ। ଲାଭ ଟଙ୍କା ଭାଗବଣ୍ଟା ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି। ସରକାର ଓ ପ୍ରଶାସନ ଅଭ୍ୟାସ ନ ବଦଳାଇଲେ ଆଗାମୀ ଦିନରେ ରାଜଧାନୀରେ ବିଜେଡି ପକ୍ଷରୁ ମହା ଆନ୍ଦୋଳନ ସହ ବିଧାନସଭା ଘେରାଉ କରାଯିବ ବୋଲି ପ୍ରଦୀପ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡି ନଗର ସଭାପତି ପ୍ରମୋଦ ରଥ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ବରିଷ୍ଠ ବିଜେଡି ନେତା ସରୋଜ ପାତ୍ର, ମଞ୍ଜୁଳା ମାଝୀ, ନନ୍ଦାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଉତ୍ତମ ତ୍ରିପାଠୀ, ସୁମିତ ପୂଜାରୀ, ସୁମିତ ପାଳ, ସଞ୍ଜୟ ନାୟକ, ପିଣ୍ଟୁ ଲେଙ୍କା ଓ ସୀମାଞ୍ଚଳ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସରକାର ଓ ପ୍ରଶାସନ ବିରୋଧରେ ବର୍ଷିଥିଲେ।

# ସଡ଼କ ସୁରକ୍ଷା ଜନିତ ଶୂନ ମୃତାହତ ପକ୍ଷରେ ଶୋଭାଯାତ୍ରା

ନବରଙ୍ଗପୁର,୨୯।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଶୂନ ମୃତାହତ ପକ୍ଷ ଅବସରରେ ଶନିବାର ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ଜିଲାପାଳ ମହେଶ୍ୱର ସ୍ୱାଇଁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଶୋଭଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ମିଶନ ଶକ୍ତି ହଲ୍ ପର୍ଯ୍ୟନ୍ତ ଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ର ଜିଲାସ୍ତରୀୟ ଅଧିକାରୀ ଓ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇ ଓ ବିଭାଗୀୟ କର୍ମଚାରୀ, ଡିଇଓ ଛତ୍ରପତି ସାହୁ, କ୍ରୀଡା ପ୍ରଶିକ୍ଷକ ପୁରବୀ ପରିଡ଼ା ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ବନ୍ଧୀୟ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ତେବେ ନଭେମ୍ବର ୧ ତାରିଖରୁ ୨୮ ତାରିଖ ମଧ୍ୟରେ ୭୬୧ଟି ବିଭିନ୍ନ ଚାଲାଣ କଟାଯାଇ ୭୨୫୩୩୪୦ ଟଙ୍କା ଫାଇନ କରାଯାଇଛି। ୧୮,୪୭,୯୭୩ ଟଙ୍କା ଆଦାୟ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଭୋଇ ସୂଚନା ଦେଇଥିଲେ ।

# ଜିଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ ବୈଠକ

କୋରାପୁଟ,୨୯।୧୧
(ଅମିତାଭ ବେହେରା)

କୋରାପୁଟ ଜିଲା ଏକ୍ସ କ୍ୟାଡର ଶିକ୍ଷକ ସଂଘର ଏକ ବୈଠକ ଶାବର ଶ୍ରୀକ୍ଷେତ୍ର ଚମ୍ପା ବଣରେ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ବିଭିନ୍ନ ଦାବି ନେଇ ଆଲୋଚନା କରାଯାଇଥିଲା। ଜିଲା ସଭାପତି ଶରତ କନ୍ଦପାନଙ୍କ ଅଧ୍ୟକ୍ଷତାରେ ଏକ୍ସ କ୍ୟାଡର ଉଚ୍ଛେଦ କରିବା, ଅବସରକାଳୀନ ଓ ମୃତ୍ୟୁକାଳିନ ଭତ୍ତା ପାଇଁ ସ୍ପଷ୍ଟ ନିୟମ ଲାଗୁ କରିବା, ଜିଲା ଓ ବ୍ଲକ ସ୍ତରରେ କର୍ପସ ପାଣ୍ଠିର ବ୍ୟବସ୍ଥା କରାଯିବା, ୨୦୨୪ରେ ନିୟମିତ ହୋଇଥିବା ଶିକ୍ଷକମାନଙ୍କ ବକେୟା ଦରମା ପ୍ରଦାନ କରାଯିବା ଆଦି ଦାବି ନେଇ ଆଲୋଚନା ହୋଇଥିଲା। ଏ ନେଇ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୪ରେ ଭୁବନେଶ୍ୱରରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଡିସେମ୍ବର ୫ ସୁଦ୍ଧା ଏହି ଦାବିଗୁଡ଼ିକର ସମାଧାନ ନ ହେଲେ ପରେ ରାଜ୍ୟ ଓ ଜିଲା ସଂଘ ମିଳିତ ଭାବେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଚଳ ଗଙ୍ଗ ବିଶୋଇ, ମହାସଚିବ ଗୋପାଳକୃଷ୍ଣ ପାତ୍ର, ଉପସଭାପତି ସୂର୍ଯ୍ୟନାରାୟଣ ରାୟ, ସହ ସମ୍ପାଦକ କୈଳାସ ଚନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଗିରଫ,୮୧୬୦ ଟଙ୍କା ଜବତ

## ଜୁଆଆଡ୍ଡାରେ ଚଢ଼ାଉ

ତେନ୍ତୁଳିଖୁଣ୍ଟି,୨୯।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ମେରନାସ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଶୁକ୍ରବାର ରାତିରେ ଆଇଆଇସି ପ୍ରଣବ ଟୁଡୁଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ସେଠାରୁ ୫ଜଣ ଜୁଆଡ଼ିଙ୍କୁ ଗିରଫ କରାଯିବା ସହ ୮୧୬୦ ଟଙ୍କା ଜବତ କରାଯାଇଛି। ଏନେଇ ଏକ ପୋଲିସ ଏକ ମାମଲା ରୁଜୁ କରିଛି। ଏହାପରେ ସମସ୍ତ ଜୁଆଡ଼ିଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିବା ଥାନାଧିକାରୀ ପ୍ରଣବ କୁମାର ଟୁଡୁ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ମହେଶ୍ୱର କିର୍ଷାନୀ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ୨୦ ଏକର ଜମିରୁ ୨୪ ହଜାର ଗଞ୍ଜେଇ ଗଛ ନଷ୍ଟ

ନନ୍ଦପୁର/ଲମତାପୁଟ,୨୯।୧୧
(ତୁଷାର କାନ୍ତ ମହାନ୍ତି/ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ନନ୍ଦପୁର ଅବକାରୀ, ମାଛକୁଣ୍ଡ ପୋଲିସ, ରାଜସ୍ୱ ଓ ବନ ବିଭାଗ ମିଳିତ ଭାବେ ସିକରେଲ ଓ ମୁଣ୍ଡାପୁଟ ଗ୍ରାମରେ ଚଢ଼ାଉ କରି ୨୦ ଏକର ଜମିରେ ବେଆଇନ ଚାଷ ହୋଇଥିବା ୨୪ ହଜାର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରିଛନ୍ତି। ଟିମ୍‌ରେ ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକ, ମାଛକୁଣ୍ଡ ଥାନାଧିକାରୀ ମଧୁସୂଦନ ଭୋଇ, ମାଜିଷ୍ଟ୍ରେଟ ମାଛକୁଣ୍ଡ ଅତିରିକ୍ତ ତହସିଲଦାର, ଜୟପୁର ଅବକାରୀ କର୍ମକର୍ତ୍ତା, ଲମତାପୁଟ ବନ କର୍ମଚାରୀ, ପୋଲିସ, ଅବକାରୀ ଓ ଆଇଆରବିଏନ ଯବାନ ସାମିଲ ରହିଥିଲେ। ପ୍ରାଥମିକ ତଦନ୍ତରୁ ଗଞ୍ଜେଇ ଚାଷ ହୋଇଥିବା ଜମି ସରକାରୀ ଓ ଜଙ୍ଗଲ କିସମର ହୋଇଥିବା ସୂଚନା ମିଳିଛି। ନନ୍ଦପୁର ଅବକାରୀ ଥାନା ନଂ ୧୬୭/୨୫ ଓ ମାଛକୁଣ୍ଡ ଥାନାରେ ନଂ ୯୦/୨୫ରେ ମାମଲା ରୁଜୁ କରାଯାଇଛି।

# ଚାରୁକଳା ବିଦ୍ୟାଳୟରେ ଇକୋ କ୍ରାଫ୍ଟ କର୍ମଶାଳା

ଜୟପୁର,୨୯।୧୧
(ପବନ ପାଣିଗ୍ରାହୀ)



ଛାତ୍ରୀଛାତ୍ର ମାଟିପାତ୍ର ତିଆରି କରୁଛନ୍ତି ।

ଜୟପୁରସ୍ଥିତି ବିକ୍ରମ ଚାରୁ ଓ କାରୁକଳା ବିଦ୍ୟାଳୟରେ ଇକୋ କ୍ରାଫ୍ଟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଛି। ସ୍କୁଲ ପରିସରରେ ଥିବା ସୀମାଦ୍ରୀ ମହାରଣା କଳା ଭବନରେ ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଦିନିକିଆ କର୍ମଶାଳାକୁ ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ଜୟନ୍ତ କୁମାର ଦାସ, ଇକୋ-କ୍ରାଫ୍ଟ ସଂଯୋଜକ ତଥା ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, କଳା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଲୋକନାଥ ଷଡଙ୍ଗୀ ଉପସ୍ଥିତ ଥିଲେ। ଓଡିଶାରେ ଲୋପ ପାଉଥିବା ପାରମ୍ପରିକ କଳାକୁ ପୁନଃର୍ବାର ଉଦ୍‌ଜୀବିତ କରିବା ନେଇ ଶିବିର ଆୟୋଜନ କରାଯାଇ କଳା ପ୍ରତି ଆକୃଷ୍ଟ କରିବାକୁ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ତାଲମି ଦିଆଯାଉଥିବା ଅତିଥି କହିଛନ୍ତି। ଏଥିରେ ନବରଙ୍ଗପୁର ଜିଲାର ଲାଖ କାର୍ଯ୍ୟ ଏବଂ କୋଟପାଡ ବ୍ଲକ କୁସୁମୀର ଟେରାକୋଟା କାର୍ଯ୍ୟ କରୁଥିବା ୨ ଟିମ୍ ସ୍ଥାନୀୟ ଚାରୁ ଓ କାରୁକଳା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଆଶଙ୍କାରେ ଅଧିକ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟ

ସୁନାବେଡା/ସେମିଳିଗୁଡ଼ା, ୨୯।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଚଳିତ ମାସ ୧୮ରୁ କୁନ୍ଦୁଲି ଲ୍ୟାମ୍ପସ୍‌ରେ ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ ପାଇଁ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ସରକାର ଗତବର୍ଷ ଅପେକ୍ଷା ଚଳିତଥର ଅଧିକ ମାଣ୍ଡିଆ କିଣିବାକୁ ଲକ୍ଷ୍ୟ ରଖି ୧୨୯୭ ପରିବର୍ତ୍ତେ ଏହାକୁ ୧୪୦୦କୁ ବୃଦ୍ଧି କରିଛନ୍ତି। କିନ୍ତୁ ଏଯାଏ ମାତ୍ର ୪୧୯ ଜଣ ଚାଷୀ ପଞ୍ଜୀକରଣ କରିଥିବା ଲ୍ୟାମ୍ପ ଅଧିକାରୀ(ଏମ୍.ଡି) ବି.ସବିତା ସୂଚନା ଦେଇଛନ୍ତି। ତାଙ୍କ କହିବା ମୁତାବକ ଗତବର୍ଷ ସରକାର ୧୨୯୭ ଚାଷୀଙ୍କ ପଞ୍ଜୀକରଣ ପାଇଁ ସ୍ୱୀକୃତୀ ଦେଇଥିବା ବେଳେ ୭୫୫ ଚାଷୀ ପଞ୍ଜୀକରଣ କରିଥିଲେ। ସେମାନଙ୍କଠାରୁ ମୋଟ ୧୩୧୯୯ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ସରକାର ଏହାକୁ ୧୪୦୦ ବୃଦ୍ଧି କରିଛନ୍ତି କିନ୍ତୁ ଏଯାଏ ମାତ୍ର ଶତକଡା ୨୫ ଭାଗ ପୂରଣ ହୋଇଛି। ସରକାର କିଛିଦିନ ତଳେ କରିଥିବା ନିୟମ କାରଣରୁ ଚାଷୀ ପଞ୍ଜୀକରଣ କରିବାକୁ ଡରୁଥିବା କେତେଜଣ ଚାଷୀ କହିଛନ୍ତି। ସରକାରଙ୍କ ନିୟମ ମୁତାବକ ଚାରି ଚକିଆ କିମ୍ବା ଦୁଇଚକିଆ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଖାଦ୍ୟ ସୁରକ୍ଷା କାର୍ଡ କଟିବ। ଏହାକୁ ନେଇ ଚାଷୀଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜିଛି। ମାଣ୍ଡିଆ ଦେବାକୁ ନାମ ପଞ୍ଜୀକରଣ କଲେ ଖାଦ୍ୟ ସୁରକ୍ଷା କାର୍ଡ କଟିଯିବା ଭୟରେ ପଞ୍ଜୀକରଣ କରୁ ନ ଥିବା ଜଣାପଡ଼ିଛି। ଡିସେମ୍ବର ୬ ପୂର୍ବରୁ ଚାଷୀମାନେ ମାଣ୍ଡିଆ ସଂଗ୍ରହ ପାଇଁ ପଞ୍ଜୀକରଣ କରିବାକୁ ଏମ୍‌ଡି ବି.ସବିତା ଚାଷୀମାନଙ୍କୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ମାଣ୍ଡିଆର ମୂଲ୍ୟ ବୃଦ୍ଧି ହୋଇ କୁଇଣ୍ଟାଲ ପିଛା ୪୮୮୬ ରହିଛି।


**OFFICE OF THE MUNICIPAL COUNCIL, MALKANGIR**
**ODISHA, PIN - 764045**
Ph.: 06861-230244, e-Mail: eomalkangiri@gmail.com

**ନିବେଦନ**

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍‌ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୦୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌରପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ, ପୌରପରିଷଦ, ମାଲକାନଗିରି
ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରି



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ କୁ ଛାଡି ବିଭିନ୍ନ ବ୍ଲକ ରେ ଥିବା ଏମଏସ / କାଠ ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 16, 2025 ଅପରାହ୍ନ 02:00 ଟା** ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

**ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୧୯.୧୨.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକାରେ ।**

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫ | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଳ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ବିଷ୍ଣୁ ଚରଣ ପରିଡା ୩୦୫୦୦୩୫୨୦୦୦୦୦୦୧ | ZOOMLION FH SPEEDSTER 88 COMBINE HARVESTER | NA / Q200791203G / ZLPZ-B02663GW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ଭବ୍ୟା ପାର୍କିଂ ସର୍ଭିସେସ୍, ପ୍ଲଟ ନଂ.: ୩୨/୫୮୪, ରେବତୀ ନଗର, ଶିଶୁପାଳଗଡ, ପୁରୀ କଟକ ବାଏପାସ୍ ରୋଡ, ଭୁବନେଶ୍ୱର-୭୫୧୦୨୨, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍‌ଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭
ଗାଡିକୁ ତା.୧୮.୧୨.୨୦୨୫ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୧୮.୧୨.୨୦୨୫ରିଖ ସୁଦ୍ଧା ଦାଖଲ କରିପାରିବେ।
ନିଲାମର ନିୟମ ଓ ସର୍ତ୍ତାବଳୀ: ୧) ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ୧୦,୦୦୦/- (ଦଶ ହଜାର) ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା [illegible]

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



**MCL — ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5276



**OFFICE OF THE NOTIFIED AREA COUNCIL, BALIMELA**
ODISHA, PIN - 764051, e-Mail: eonacbalimela@gmail.com

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୦୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ। ୦୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ [illegible]

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା



**ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର**

**ନିବେଦନ**

[illegible] ଛାଡ଼ନ୍ତୁ ନାହିଁ। ୭. ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ୮. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। ୧୦. ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବର ଦଖଲରୁ ନିବୃତ୍ତ ରୁହନ୍ତୁ। ୧୧. ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ। ୧୨. ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ ୦୬୮୫୮-୨୯୫୪୨୮/୧୪୪୨୦ (ଟୋଲ ଫ୍ରି ନମ୍ବର)ରେ ଯୋଗାଯୋଗ କରନ୍ତୁ।

"ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢ଼ିବାରେ ସହାୟକ ହୁଅନ୍ତୁ"

ଡ. ଅଶୋକ କୁମାର କର୍ଣ୍ଣ (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା
ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷା, ନବରଙ୍ଗପୁର ପୌରପାଳିକା
ଶ୍ରୀ କୁନୁ ନାୟକ, ଅଧ୍ୟକ୍ଷ, ନବରଙ୍ଗପୁର ପୌରପାଳିକା



**OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG**

**e-Procurement Tender Notice Two Envelope System**
**Tender Reference No:- WRD/MID/ HAZARIBAG/02 BD/SLI /2025-26**
**Letter no-1148** — **Date- 29.11.2025**

| | | |
|---|---|---|
| 1 | Name of Work: | Construction of Chief Minister Solar Lift Irrigation Scheme Ledhiya, Block-Chouparan, District- Hazaribag. |
| 2 | Estimated Cost (Rs.) | Rs. 1,30,53,000.00 |
| 3 | Cost of tender document (Rs) | Rs. 10,000.00 only (non-refundable). |
| 4 | Earnest Money Deposit (Rs.) | Rs. 1,30,530.00 only. |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in (As per SOP Issued by Information Technology & e- Governance Department, Govt of Jharkhand vide letter no- 120 Dated 03.10.2023) |
| 7 | Date of Publication of Tender on website (http://jharkhandtenders.gov.in) | Date: 15.12.2025 Time: 2.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:24.12.2025 Time:5.00 PM |
| 9 | Submission of Tender Fee and EMD | Start Date:-15.12.2025 Time:- 2.00 PM<br>Last Date:- 24.12.2025 Time:- 5.00 PM |
| 10 | Technical Bid Opening Date | Date: 26.12.2025 Time: 2.00 PM |
| 11 | Officer Inviting Bids | Executive Engineer, Minor Irrigation Division, Hazaribag |
| 12 | Contact No. of Procurement Officer e-mail of Procurement Officer | 06546-270485/ Email Id- executiveengineerirri@gmail.com |
| 13 | Help line No. of Procurement Cell | 06546-270485 |

Note:-➢ BOQ amount may be increase or decrease accordingly earnest money required, Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢**Only e-Tender will be accepted.**
Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division, Hazaribag**

PR 367374 (Minor Irrigation)25-26*D

## ଜନ୍ମଦିନର ଶୁଭେଚ୍ଛା


ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରିୟନ୍
ପରିବାରବର୍ଗ


ସଂକଳ୍ପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ରୟାଲ ଏନ୍‌ଫିଲ୍ଡ ଡିଲର ଜୟବାବା ଅଟୋମୋବାଇଲ ପକ୍ଷରୁ ନ୍ୟୁ ମେଟେଓର ୩୫୦ ସନ୍‌ଡାଉନର ଅରେଞ୍ଜ ଉନ୍ମୋଚନ କରାଯାଇଛି। ଉନ୍ମୋଚନ ଅବସରରେ ଡ. କିର୍ତ୍ତି କେତନ ପ୍ରଧାନ, ସାତ୍ତ୍ୱିକ ସାମଲ, ତରୁଣ ବେହେରା, ପ୍ରସାଦ ପଣ୍ଡା, ଡିଲର ପ୍ରିନ୍ସିପାଲ ହର୍ଷିତ ଲୋଧା ଏବଂ ସେଲସ୍ ମ୍ୟାନେଜର ସତ୍ୟ ଧଳ ପ୍ରମୁଖ ଉପସ୍ଥିତ ଅଛନ୍ତି। ଆକର୍ଷଣୀୟ ସନଡାଉନର ଅରେଞ୍ଜ ରଙ୍ଗର ଏହି ବାଇକ୍ ଲୋକାଦୃତ ହୋଇପାରିବ ବୋଲି ସତ୍ୟ ଧଳ କହିଛନ୍ତି।

# ପୂର୍ବତଟ ରେଳପଥ ପାଳିଲା ଆଇଆର୍‌ଏଏସ୍ ଦିବସ

**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ୯୬ତମ ଭାରତୀୟ ରେଳବାଇ ଆକାଉଣ୍ଟସ ସର୍ଭିସ (ଆଇଆର୍‌ଏଏସ୍) ଦିବସ ପାଳନ କରିଥିଲା, ଯେଉଁଥିରେ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଭାରତୀୟ ରେଳବାଇ ଆକାଉଣ୍ଟସ ସର୍ଭିସ ଅଧିକାରୀମାନେ ଜ୍ଞାନ-ଆଦାନପ୍ରଦାନ ଏବଂ ସେବାରେ ଉତ୍କର୍ଷର ସ୍ୱୀକୃତି ପାଇଁ ଏକତ୍ର ହୋଇଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ବିଜୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଏବଂ ପରେ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆର୍ଥିକ ପ୍ରଶାସନ, ଅର୍ଥପୂର୍ଣ୍ଣ କାର୍ଯ୍ୟ ସଂସ୍କୃତି ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଶାସନିକ ଚ୍ୟାଲେଞ୍ଜର ମୁକାବିଲା କରିବାରେ ଆଇଆର୍‌ଏଏସ୍‌ର ବିକଶିତ ଭୂମିକା ଉପରେ ଆଲୋକପାତ କରିଥିଲେ। ଏକ୍ସଆଇଏମ୍ ୟୁନିଭର୍ସିଟିର ପ୍ରଫେସର ମୌସୁମୀ ପାଢ଼ୀ ବିଶ୍ଳେଷଣାତ୍ମକ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଦକ୍ଷତା ନିର୍ମାଣ କରିବା ଏବଂ ଭବିଷ୍ୟତର ଦାୟିତ୍ୱ ପାଇଁ କ୍ୟାଡରକୁ ପ୍ରସ୍ତୁତ କରିବା ବିଷୟରେ ମତ ଦେଇଥିଲେ। ଏହି ଉତ୍ସବରେ ବରିଷ୍ଠ ଅବସରପ୍ରାପ୍ତ ଆଇଆର୍‌ଏଏସ୍ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଆଲୋଚନାରେ କ୍ଷେତ୍ର ବିଶେଷଜ୍ଞତା ବୃଦ୍ଧି, ଡିଜିଟାଲ ରୂପାନ୍ତରଣ ଏବଂ ରେଳ ପରିଚାଳନାରେ ଆର୍ଥିକ ପରିଚାଳନାର ରଣନୈତିକ ଗୁରୁତ୍ୱକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ମାଲାବାର ପକ୍ଷରୁ ରୟାଲ ପୋଲ୍‌କି ଜୁଏଲେରି ଶୋ




**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଶୋ'ରୁମ୍‌ରେ ଶନିବାର ରୟାଲ ପୋଲ୍‌କି ଜୁଏଲେରି ଶୋ'ର ଶୁଭାରମ୍ଭ କରାଯାଇଛି। ଉଭୟ ପାରମ୍ପରିକ ଏବଂ କଣ୍ଟେମ୍ପୋରାରୀ ଡିଜାଇନରେ ପ୍ରସ୍ତୁତ ଗହଣା ପ୍ରଦର୍ଶନୀକୁ ଅଭିନେତ୍ରୀ ସୁଶ୍ରୀ ସବିତା ପଲେଇ ଶୁଭାରମ୍ଭ କରିଥିଲେ। ମାଲାବାରର ଏକ୍ସକ୍ଲୁସିଭ ବ୍ରାଣ୍ଡ 'ଭିରାଜ ରୟାଲ ପୋଲ୍‌କି'ର ଅତ୍ୟନ୍ତ ନିପୁଣ କାରିଗରିରେ ତିଆରି ଗହଣା ଏଠାରେ ପ୍ରଦର୍ଶିତ ହେଉଛି। ଭାରତୀୟ ଡିଜାଇନ୍‌ରେ ପ୍ରଦର୍ଶିତ ପ୍ରତ୍ୟେକଟି ଗହଣାର ସ୍ୱତନ୍ତ୍ରତା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ସୁନା ଗହଣାଗୁଡ଼ିକର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଉଥିବାବେଳେ ଅନକଟ୍ ଓ ଜେମଷ୍ଟୋନ୍ ଉପରେ ମଧ୍ୟ ଅଫର୍ ପ୍ରଦାନ କରାଯାଉଛି। ମାଲାବାର ଗ୍ରୁପ୍ ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ସହରର ଗ୍ରାହକମାନଙ୍କୁ ଉତ୍ତମଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇଦେବାକୁ ଆମେ ପ୍ରୟାସ କରୁଛୁ। ସ୍ୱଚ୍ଛତା ପାଇଁ ମାଲାବାର ପରିଚିତ ଏବଂ ଗ୍ରାହକଙ୍କୁ ସୁହାଇଲା ଭଳି ଦରରେ ମନପସନ୍ଦର ଗହଣା ବିକ୍ରି କରିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ସୂଚନା ଥାଉ କି, ମାଲାବାର ପକ୍ଷରୁ ୱାନ୍ ଇଣ୍ଡିଆ, ୱାନ୍ ଗୋଲ୍ଡ ରେଟ୍ ସ୍କିମ୍ ପ୍ରଦାନ କରାଯାଉଛି।


## ଜନ୍ମଦିନ ଶୁଭେଚ୍ଛା



ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଡୁଗୁ)
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଜେଜେମା, ଅଜା, ଆଈ, ବାବା, ମାମା, ଦାଦା, ମିନି ଅପା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ନବ୍ୟା, ନାଓମି, ଇଶୁ, ଲୀନା, ବନ୍ଧୁ ଓ ପରିବାରବର୍ଗ।


# କଟକ ଜିଲାରେ ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୨୯।୧୧**

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଓ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେଶନ ମିଳିତ ସହଯୋଗରେ କଟକ ଜିଲାରେ ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଗର ସହିତ ସାଲେପୁର ଓ ଟାଙ୍ଗୀ ବ୍ଲକରେ ଉଦ୍‌ଘାଟିତ ଏହି ଅଙ୍ଗନୱାଡି କେନ୍ଦ୍ରକୁ ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଗାର୍ଡ, ବିଭିନ୍ନ ପ୍ରକାର ବହି ଓ ପାଠ୍ୟୋପକରଣ



ଆଦି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, ଏସ୍‌ବିଆଇର ଆଞ୍ଚଳିକ ଶାଖା ପ୍ରବନ୍ଧକ ଚୌଧୁରୀ ଅସୀମ ଅନୁପମ ପ୍ରହରାଜ, ଏସ୍‌ବିଆଇର ଶାଖା ପରିଚାଳକ ନିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ରାୟ, ଅଞ୍ଜଳି ବେହେରା, ଆକାଶ ରାୟ ପ୍ରମୁଖ ପରିଚାଳନା କରିଥିଲେ ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶୀତକାଳୀନ ସହାୟତା



**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲାରେ ଏକ ଶୀତକାଳୀନ ପ୍ରସ୍ତୁତି ଅଭିଯାନର ଆୟୋଜନ କରି ଶୀତ ପ୍ରକୋପରୁ ରକ୍ଷା ପାଇବାପାଇଁ ଲୋକଙ୍କୁ କମ୍ବଳ ବଣ୍ଟନ କରିଛି। ଏହି ପଦକ୍ଷେପ ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିଲା, ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢ଼ାଇବାପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର ଲାଗି ଯୋଜନା କରିଛି। ଏହି କାର୍ଯ୍ୟକ୍ରମକୁ କୁରାଲୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମଲ ପଞ୍ଚାୟତ ସରପଞ୍ଚ ରଙ୍ଗାଧର ଦିଲ୍ଲା ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ ଉଦଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମର ସାମାଜିକ ହସ୍ତକ୍ଷେପ ଆମେ ସେବା କରୁଥିବା ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିଥାଏ। ଏହି ଶୀତକାଳୀନ ପ୍ରସ୍ତୁତି ଅଭିଯାନ ସେହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କୁରାଲୋଇ ପଞ୍ଚାୟତର ସରପଞ୍ଚ ସନାତନ ନାୟକ କହିଛନ୍ତି, ସୀମିତ ସମ୍ବଳ ଥିବା ଲୋକଙ୍କ ପାଇଁ ଶୀତଦିନ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଏହି ସମୟରେ ବେଦାନ୍ତ ଆଲୁମିନିୟମର ସମର୍ଥନ ପ୍ରକୃତରେ ଅର୍ଥପୂର୍ଣ୍ଣ ଏବଂ ଆମ ସମ୍ପ୍ରଦାୟର କଲ୍ୟାଣ ପ୍ରତି ସେମାନଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ। ଘୋଘରପାଲି ପଞ୍ଚାୟତର ସମିତି ସଦସ୍ୟ ମାଧବ ବାରିକ ବେଦାନ୍ତ ଆଲୁମିନିୟମର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ଆର୍ଥିକବର୍ଷ-୨୬ରେ ଜିଡିପି ବୃଦ୍ଧି ଅନୁମାନ

**ଭୁବନେଶ୍ୱର,୨୯।୧୧**

ଦେଶର ଅଗ୍ରଣୀ ରେଟିଂ ଏଜେନ୍ସି କ୍ରିସିଲ ଭାରତର ୨୦୨୫-୨୬ ଆର୍ଥିକ ବର୍ଷର ଜିଡିପି ବୃଦ୍ଧି ଅନୁମାନକୁ ୬.୫%ରୁ ବଢ଼ାଇ ୭% କରିଛି। ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୮.୨%ର ଜିଡିପି ବୃଦ୍ଧି ଏହି ଆଶାବାଦୀ ଦୃଷ୍ଟିକୋଣର ସବୁଠାରୁ ବଡ଼ କାରଣ ବୋଲି କ୍ରିସିଲ କହିଛି। କ୍ରିସିଲର ରିପୋର୍ଟ ଅନୁଯାୟୀ, ଏପ୍ରିଲ-ସେପ୍ଟେମ୍ବର (ପ୍ରଥମ ଛଅ ମାସ)ରେ ଭାରତର ବାସ୍ତବ ଜିଡିପି ୮% ରହିଛି। ଏହି ଦମଦାର ପ୍ରଦର୍ଶନ ପୁରା ବର୍ଷର ଆଉଟଲୁକକୁ ଆହୁରି ଦୃଢ଼ କରିଦେଇଛି। ଦ୍ୱିତୀୟ ତ୍ରୈମାସରେ ୮.୨% ରିୟଲ ଜିଡିପି ବୃଦ୍ଧି ବିଶେଷଜ୍ଞଙ୍କ ଅନୁମାନଠାରୁ ବହୁତ ଉପରେ ଉତ୍ପାଦନ (ମ୍ୟାନୁଫ୍ୟାକ୍ଚରିଂ) ଓ ସେବା (ସର୍ଭିସେଜ) କ୍ଷେତ୍ରର ପ୍ରଦର୍ଶନ ଏବଂ ଦରଦାମ ହ୍ରାସ ଯୋଗୁଁ ଘରୋଇ କଞ୍ଜମ୍ପଶନରେ ଜୋରଦାର ବୃଦ୍ଧି ଘରୋଇ ଚାହିଦା ଓ ମଜବୁତ୍ ସପ୍ଲାଇ ଚେନ ଆଗକୁ ମଧ୍ୟ ଅଭିବୃଦ୍ଧିକୁ ସହାୟତା କରିବ।


# Classified Everyday
**0674-2580101, 9692975378**


## MATRIMONIAL
### BRIDE WANTED

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

### GROOM WANTED

53ବୟସ୍କା Karan Divorce Govt. Employee ଝିଅଙ୍କ ପାଇଁ Widow/Divorce Anycasteର ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 7852970280. D-2714

ମାଙ୍କ ସହିତ ରହୁଥିବା 38ବୟସ୍କା ଖଣ୍ଡାୟତ ଜାତିର ଘରୋଇ କନ୍ୟାଙ୍କ ପାଇଁ Anycasteର ବରପାତ୍ର ଆବଶ୍ୟକ। 7873680393. D-2715


## AUTOMOBILE SALE

BOLERO SLX, NOVEMBER 2014, WHITE COLOUR, EXCELLENT RUNNING CONDITION, RUN- 132000Kms, INSURANCE ROAD TAX POLLUTION FITNESS UPDATE, 1ST HAND, OWNER DRIVEN, BHUBANESWAR. CONTACT: 9437027024, 9937992270. D-76082


## REAL ESTATE SALE

SISUPALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988. D-76081

BDA & ORERA approved 2/3BHK newly constructed ready to move flat at Ranga Bazaar, Near BJEM-2 on Sale. Cost: 55Lacs and onwards. Call: 9861944445, 9937082622 D-2723

Book 3BHK / 4BHK premium flat near Jharapada Canal Road and Pokhariput, Near Government Hospital @6000/- sqft. Including parking. Contact: 7978584549. D-76876

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. D- 2685

**For Sale - Prime Plot, Centrally located, free hold Residential Plot, 7643Sqft., 72ft. frontage with 20ft. wide front and rear roads, Sewerage line, electricity, near Old Station Square, Bhubaneswar - 751006. Contact: 09861129953.** D-2684

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452.** D-218


## CONSTRUCTION

CIVIL ENGINEER CUM CONTRACTOR UNDERTAKE CONSTRUCTION WORKS OF BUILDINGS PLANNING & DESIGN. MOB.- 8144815298. D-2693

## GENERAL

Doberman Pupies for Sale. Only 30 days of age, Contact:- 9658798473. D-2724




**Multi purpose RCC Hall 1000 Sqft. (40 ft. x 25 ft.) with toilets, electricity, facing 100 ft. wide, Lewis Road, Bhubaneswar-751002, Hotel Gouri Premises adjacent to Kedargouri Temple on monthly rental basis. Contact : 9861129953.** D-2683




The massage felt totally professional, & comfortable at all times- 7978109255. D-216

All types of physiotherapy Contact number 9556924059/ 7656969134, Jharapada. D-2686

## AFFIDAVIT

By virtue of an affidavit sworn before the Executive Magistrate, Boudh, No.- 1609, Dtd.- 26.11.25, I, Dillip Chinara, R/o. Village/ P.O./P.S.- Purunakatak, Dist.- Boudh, Odisha, PIN- 762013, declare that I have changed the name of my son from SAI OM CHINARA to ADITYA CHINARA. Henceforth, he shall be known as ADITYA CHINARA for all purposes.
Dillip Chinara
D-2719

I, PRASANTA KUMARI LAKRA, W/o.- Patrick Lakra, Resident of Bheluadihi, P.O.- Gyanpali, P.S.- Rajgangpur, Dist.- Sundargarh, PIN- 770023, Odisha declare by this affidavit No.- A/26, dated- 13.10.2025 that now onwards I shall be known as PRASANTA LAKRA for all future purposes. D-2722

By virtue of an affidavit sworn before the Notary Public, Titilagarh, dtd.- 29.11.2025, I, Biju Dharua, S/o.- Anirudha Dharua, R/o. Village- Kandhenbahali, P.O.- Saintala, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Rozy Dharua to Roji Dharua. Henceforth, my daughter shall be known as Roji Dharua for all purposes.
Biju Dharua
D-2720

By virtue of an affidavit sworn before Executive Magistrate, Kudumulugumma, Dist.- Malkangiri, No.- 586, dated- 28.11.2025, I, Sanjit Kumar Takri, S/o.- Dayapatra Takri, At/ Post- Podagada, P.S./ Dist.- Koraput. My son's actual name is Soumya Ranjan Takri mentioned in his School Register and Birth Certificate, but in Aadhaar Card No.- xxxx xxxx 4672 his name wrongly mentioned as "Rupel Takri" instead of "Soumya Ranjan Takri", both are one and same person. D-2721

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଚିନାରୀ ସରସ୍ୱତୀ ସୁବୁଦ୍ଧି
ଖାରବେଳ ନଗର, ଭୁବନେଶ୍ୱର
ଆବିର୍ଭାବ ୦୧.୦୧.୧୯୪୩
ତିରୋଧାନ ୨୧.୧୧.୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

### ଏକାଦଶାହ ଉପଲକ୍ଷେ



୰ଗୋବିନ୍ଦ ଚନ୍ଦ୍ର ମହାନ୍ତି
ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ, ଓଡ଼ିଶା ସରକାର
ପ୍ଲଟ ନଂ-୫୦୪ପି, ବରମୁଣ୍ଡା, ଭୁବନେଶ୍ୱର
ଜନ୍ମସ୍ଥାନ : ଓସିଆ, ଅସ୍ତରଙ୍ଗ, ପୁରୀ
ଆବିର୍ଭାବ : ୧୦.୧୧.୧୯୨୭
ତିରୋଧାନ : ୨୦.୧୧.୨୦୨୫
ଆଜିର ଏହି ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆମ୍ଭେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :- ପୁତ୍ର-କିଶୋର ମହାନ୍ତି, ପୁତ୍ରବଧୂ-ଅର୍ଚ୍ଚନା, ନାତି-ଅଙ୍କିତ୍, ଅଜିତେଶ, ଜ୍ୱାଇଁ-ପ୍ରଭୁ, କୈଳାଶ, ପ୍ରଶାନ୍ତ, ସୁବ୍ରତ, ଝିଅ-ଲକ୍ଷ୍ମୀ, ବିଷ୍ଣୁ, ସୁଚିତ୍ରା, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

# କଷିଆ ସାମୁଦ୍ରିକ ମୁହାଣରେ ତିମି ମୃତଦେହ ଠାବ



ଠାବ ହୋଇଥିବା ପିଗିମ କିଲର ତିମି।

**ବାସୁଦେବପୁର,୨୯।୧୧**
**(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ମାଛଧରା ଜେଟି(ମୁହାଣ)ରେ ଶନିବାର ପୂର୍ବାହ୍ନରେ ଏକ ବିଶାଳକାୟ ପିଗିମ କିଲର ତିମି ମାଛର ମୃତଦେହ ଠାବ କରାଯାଇଛି। ମୃତ ତିମିଟି ସମୁଦ୍ରରୁ ଭାସି ଆସି କଷିଆ ମାଛଧରା ଜେଟି ନିକଟରେ ଲାଗିଥିବା କେତେଜଣ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ଏହାପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗର ମିଳିତ ଉଦ୍ୟମରେ ବିରାଟକାୟ ତିମିକୁ କୂଳକୁ ଅଣାଯାଇଥିଲା। ଏହି ମାଛଟିର ନାମ ପିଗିମ କିଲର ତିମି ବୋଲି ବାସୁଦେବପୁର ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି କହିଛନ୍ତି।

ତିମିଟିର ଓଜନ ପ୍ରାୟ ୮/୧୦ କୁଇଣ୍ଟାଲ, ଲମ୍ବ ୧୫ ଫୁଟ ଓ ମୋଟେଇ ୬ ଫୁଟ ହେବ। ଏହି ବିରଳ ପ୍ରଜାତିର ପିଗିମ କିଲର ତିମି ଗଭୀର ସମୁଦ୍ରରେ ରହୁଥିବା ବେଳେ କୌଣସି ବୋଟ୍ କିମ୍ବା ଲଞ୍ଚରେ ଆଘାତପ୍ରାପ୍ତ ହୋଇ କୂଳକୁ ଚାଲିଆସିଥିବା ଅନୁମାନ କରାଯାଉଛି। ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ କଷିଆ ଜେଟିର ମତ୍ସ୍ୟଜୀବୀଙ୍କ ଉଦ୍ୟମକ୍ରମେ ମୃତ ତିମିକୁ ବୋଝେଇ କରାଯାଇ ବାସୁଦେବପୁର ବନ ବିଭାଗ ଅଫିସକୁ ନିଆଯାଇଥିଲା। ରେଞ୍ଜର ମହାନ୍ତିଙ୍କ ଉପସ୍ଥିତିରେ ବାସୁଦେବପୁର ଭେଟେନାରି ଅଫିସରେ କାର୍ଯ୍ୟରତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଦୀପ୍ତା ଜେନା, ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଜଗଦୀଶ ବାରିକ ମୃତ ତିମିର ବ୍ୟବଚ୍ଛେଦ କରାଇ ମାଂସ ଓ ରକ୍ତ ସାମ୍ପୁଲ ସଂଗ୍ରହ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ତିମିର ମୃତ୍ୟୁ ଘଟିଲା, ତାହା ଅନୁସନ୍ଧାନ କରାଯାଉଛି ବୋଲି ରେଞ୍ଜର ମହାନ୍ତି ଓ ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ବାରିକ କହିଛନ୍ତି।




ସୁବର୍ଣ୍ଣପୁରକୁ ବିଦ୍ୟୁତ୍ ବ୍ୟବସ୍ଥା ଉଦ୍‌ଘାଟନ କରି ଫେରୁଛନ୍ତି ଜିଲାପାଳ।

# ୭୮ ବର୍ଷ ପରେ ବିଦ୍ୟୁତ୍ ଆଲୁଅ ଦେଖିଲା ସୁବର୍ଣ୍ଣପୁର ଗାଁ

**ଧରାକୋଟ,୨୯।୧୧(କୃପାସିନ୍ଧୁ ସ୍ୱାଇଁ)**

## ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଉଦ୍‌ଘାଟନ କଲେ ଜିଲାପାଳ

୭୮ ବର୍ଷ ପରେ ଗଞ୍ଜାମ ଜିଲା ଖଡବନ୍ଧ ପଞ୍ଚାୟତର ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୁଅ ଜଳିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେମାନେ ଗାଁରେ ବାଜା ବଜାଇ ନାଚ କରି ଖୁସି ମନାଇଛନ୍ତି। ଏହି ଗାଁର ଗ୍ରାମବାସୀ ବର୍ଷବର୍ଷ ଧରି ଅନ୍ଧାରରେ ରହୁଥିଲେ। ଡିବିରି ଆଲୁଅରେ ଗାଁର ପିଲାମାନେ ପାଠ ପଢି ଭବିଷ୍ୟତ ସ୍ୱପ୍ନ ଦେଖୁଥିଲେ। ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୋକ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟିକୁ ଆସିଥିଲା। ସେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସୁବର୍ଣ୍ଣପୁର ଗାଁକୁ ବିଦ୍ୟୁତ୍ ଯୋଗାଣ ନେଇ ଗତ ୨୯ ତାରିଖରେ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ବିଦ୍ୟୁତ୍ ଆଲୋକ ସଂଯୋଗ କରିଛି। ଶନିବାର ଜିଲାପାଳ ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଫଳରେ ସୁବର୍ଣ୍ଣପୁରବାସୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଏହି ସମୟରେ ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ବିଡିଓ ସଂଗ୍ରାମ କେଶରୀ ଜେନା, ଏବିଡିଓ ସୁଶୀଳ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।













































# ଆଜି ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଦିନକିଆ

ରାଞ୍ଚି,୨୯।୧୧(ପି.ଟି.)

ସ୍ଥାନୀୟ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଦିନକିଆ ମ୍ୟାଚ୍ ଖେଳାଯିବ। ନିୟମିତ ଅଧିନାୟକ ଶୁବମନ ଗିଲ ଓ ଉପଅଧିନାୟକ ଶ୍ରେୟସ ଆୟାରଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଏହି ଦିନକିଆ ସିରିଜ୍‌ରେ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ଆସନ୍ତା ବର୍ଷ ଫେବୃଆରୀରେ ଭାରତରେ ଟି୨୦ ବିଶ୍ୱକପ୍ ହେବାକୁ ଥିବାରୁ ଏହି ସିରିଜ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଥିବା ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସଭିଙ୍କ ନଜର ରହିବ। ଦୁହେଁ ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନକିଆ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ ଭାରତୀୟ ଦଳ ୬ଟି ଦିନକିଆ ମ୍ୟାଚ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବାର ଅଛି। ଏଣୁ ୨୦୨୭ ବିଶ୍ୱକପ୍ ଖେଳିବା ଲକ୍ଷ୍ୟରେ ଥିବା ଉଭୟ ରୋହିତ ଓ କୋହଲିଙ୍କ ଲାଗି ଏହି ଦୁଇ ସିରିଜ୍ ପରୀକ୍ଷା ସଦୃଶ ହେବ। ଉଲ୍ଲେଖଯୋଗ୍ୟ, ଏହି ଜେଏସ୍‌ସିଏ ଷ୍ଟାଡିୟମରେ ୨୦୧୩ରେ ରୋହିତ ପ୍ରଥମ ଥର ଭାରତୀୟ ଦଳ ପାଇଁ ପୂର୍ଣ୍ଣକାଳୀନ ଓପନର ଭାବେ ଖେଳିଥିଲେ, ଯାହାକି ତାଙ୍କ କ୍ୟାରିୟରକୁ ବଦଳାଇ ଦେଇଥିଲା।





ନେଟ୍ସରେ ଅଭ୍ୟାସ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

ଟେଷ୍ଟ ସିରିଜ୍‌ରେ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ନିଷ୍ପତ୍ତି ଓ ଟିମ୍ ସିଲେକ୍ସନ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିଯୋଗୁ ଏହି ଦିନକିଆ ସିରିଜ୍ ତାଙ୍କ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହି ସିରିଜ୍ ଜରିଆରେ ଭାରତୀୟ ହ୍ୱାଇଟ୍ ବଲ ଦଳ ଠିକ୍ ଦିଗରେ ଆଗାଉଥିବା ଗମ୍ଭୀର ପ୍ରଦର୍ଶନ କରିବାକୁ ଚାହିଁବେ।

ଅନେକ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଚୂଡ଼ାନ୍ତ ଏକାଦଶ ଚୟନ କରିବା ଟିମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଗିଲ ଓ ଶ୍ରେୟସ ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଥିବା ବେଳେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଦଳକୁ ତା'ର ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷା କରିବାକୁ ସୁଯୋଗ ଦେଇଛି। ଏଥିଯୋଗୁ ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଯଶସ୍ୱୀ ଜୟସ୍ୱାଲଙ୍କର ଖେଳିବାର ବିଶେଷ ସମ୍ଭାବନା ରହିଛି। ସିନିୟର ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦଳରେ ଥିବାରୁ ୱାଶିଂଟନ ସୁନ୍ଦର ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣେ ହିଁ ଖେଳିପାରନ୍ତି। ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ କୁଲଦୀପ ଯାଦବ ବୋଲିଂ ବିଭାଗ ସମ୍ଭାଳିବେ।

ଅନ୍ୟପକ୍ଷରେ ଟେଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦିନକିଆ ସିରିଜ୍‌କୁ ଓହ୍ଲାଇବ। କାଗିସୋ ରାବାଡା ଓ ଆନରିଚ ନର୍କିଆଙ୍କ ଅନୁପସ୍ଥିତିରେ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳରେ ଲୁଙ୍ଗି ଏନ୍‌ଗିଡି ଓ ନାନ୍ଦ୍ରେ ବର୍ଗର ପେସ ବିଭାଗ ସମ୍ଭାଳିବେ। ମିଡିଲ ଓଭରରେ ବାମହାତୀ ସ୍ପିନର କେଶବ ମହାରାଜ ପିଚ୍‌ରୁ ଫାଇଦା ଉଠାଇ ପାରନ୍ତି। ବ୍ୟାଟିଂରେ ଟପ୍ ଅର୍ଡରରେ ଅଭିଜ୍ଞ କ୍ୱିଣ୍ଟନ ଡି କକ୍ ଥିବା ବେଳେ ମିଡିଲ ଅର୍ଡରରେ ବଭୁମାଙ୍କ ସହ ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ ଓ ଟୋନି ଡି ଜର୍ଜି ରହିଛନ୍ତି।

**ସମ୍ଭାବ୍ୟ ଭାରତୀୟ ଦଳ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା/ ଋତୁରାଜ ଗାଏକ୍ୱାଡ, ରିଷଭ ପନ୍ତ/ଧ୍ରୁବ ଜୁରେଲ (ଉଇକେଟକିପର), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ନୀତୀଶ କୁମାର ରେଡ୍ଡୀ/ ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରାମ/ରିୟାନ ରିକଲଟନ, କ୍ୱିଣ୍ଟନ ଡି କକ୍(ଉଇକେଟକିପର), ଟେମ୍ବା ବଭୁମା(ଅଧିନାୟକ), ଟୋନି ଡି ଜର୍ଜି, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, ମାର୍କୋ ଜାନସେନ, କର୍ବିନ ବୋଶ୍ଚ, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଓଟନିଲ ବାର୍ଟମାନ।

**ସମୟ: ଅପରାହ୍ଣ ୧: ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ପ୍ରଥମ ମ୍ୟାଚ୍‌ରେ ଆର୍‌ସିବିକୁ ଭେଟିବ ଏମ୍‌ଆଇ

ମୁମ୍ବାଇ,୨୯।୧୧(ପି.ଟି.)

**ଡବ୍ଲ୍ୟୁପିଏଲ୍-୪ କାର୍ଯ୍ୟସୂଚୀ ଘୋଷିତ**

ଆସନ୍ତାବର୍ଷ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଶନିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଡିୱାଇ ପାଟିଲ ଷ୍ଟାଡିୟମରେ ଭେଟିବ। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ଫାଇନାଲ ମ୍ୟାଚ୍ ସପ୍ତାହନ୍ତରେ ହେବ ନାହିଁ। ଫାଇନାଲ ଫେବୃଆରୀ ୫ ତାରଖ ତଥା ଗୁରୁବାର ହେବ। ସମାନ ସପ୍ତାହରେ ପୁରୁଷ ଟି୨୦ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦୁଇଟି ଭେନ୍ୟୁରେ ହେବାକୁ ଥିବା ଡବ୍ଲ୍ୟୁପିଏଲ୍‌ରେ ୨୮ ଦିନ ମଧ୍ୟରେ ମୋଟ ୨୨ ମ୍ୟାଚ୍ ଖେଳାଯିବ। ଚଳିତ ମାସରେ ଭାରତୀୟ ମହିଳା ଦଳ ବିଶ୍ୱକପ୍ ଟ୍ରଫି ଉଠାଇଥିବା ଭେନ୍ୟୁ ଡିୱାଇ ପାଟିଲ ଷ୍ଟାଡିୟମରେ ପ୍ରଥମ ୧୧ ମ୍ୟାଚ୍ ଖେଳାଯିବ। ଏହାପରେ ଟୁର୍ନାମେଣ୍ଟର ଦ୍ୱିତୀୟାର୍ଦ୍ଧ ଭଦୋଦରାସ୍ଥିତ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ। ଏହି ଭେନ୍ୟୁରେ ଫାଇନାଲ ଓ ଏଲିମିନେଟର ମ୍ୟାଚ୍ ମଧ୍ୟ ଖେଳାଯିବ। ପ୍ରଥମ ଥର ପାଇଁ ଡବ୍ଲ୍ୟୁପିଏଲ୍ ଜାନୁଆରୀ-ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଏହି ଲିଗ୍ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଫେବୃଆରୀ-ମାର୍ଚ୍ଚରେ ହେଉଥିଲା। ଟୁର୍ନାମେଣ୍ଟର ଫର୍ମାଟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ୟୁପି ୱାରିଅର୍ଜ, ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ ଆଦି ଦଳ ପରସ୍ପର ମଧ୍ୟରେ ରାଉଣ୍ଡ ରବିନ ଭିତ୍ତିରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ।

# ମାଲେସିଆ, ନେଦରଲାଣ୍ଡ୍ସ ବିଜୟୀ

ମଦୁରାଇ, ୨୯।୧୧ (ପି.ଟି.)

**ଏଫ୍‌ଆଇଏଚ୍ ଜୁନିୟର ହକି**

ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟ ପୁଲ୍ 'ଇ'ର ଶନିବାର ମାଲେସିଆ ଓ ନେଦରଲାଣ୍ଡ୍ସ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ମ୍ୟାଚରେ ମାଲେସିଆ ୫-୧ ଗୋଲ୍‌ରେ ଅଷ୍ଟ୍ରିଆକୁ ପରାସ୍ତ କରିଥିବା ବେଳେ ନେଦରଲାଣ୍ଡ୍ସ ୫-୩ରେ ଇଂଲଣ୍ଡକୁ ହରାଇ ଦେଇଛି। ମାଲେସିଆ ତରଫରୁ ଡାନିଶ ଖେରିଲ (୫୬ତମ, ୬୭ତମ ମିନିଟ) ଦୁଇଟି ଫିଲ୍ଡ ଗୋଲ୍ ସ୍କୋର କରିଥିବା ବେଳେ ହାରିସ ଓସ୍‌ମାନ (୨୮ତମ), ଆଡାମ ଜୋହରି (୪୭ତମ) ଓ ନାଭିନେଶ ପାନିକର (୫୫ତମ) ପ୍ରମୁଖ ଗୋଲ୍ ଦେଇଥିଲେ। ଅଷ୍ଟ୍ରିଆ ପକ୍ଷରୁ ଏକମାତ୍ର ଗୋଲ୍ ଜୁଲିଆନ କେଜର (୫୬ତମ) ପେନାଲ୍ଟି କର୍ନର ଜରିଆରେ ସ୍କୋର କରିଥିଲେ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ନେଦରଲାଣ୍ଡ୍ସର ଜାନ୍ ଭାନଟ ଲାଣ୍ଡ (୨ୟ, ୪୯ତମ) ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ କାସ୍ପର ଭାନ୍‌ଡର ଭିନ୍ (୨୬ତମ), ଜୋପି ଓଲବର୍ଟ (୩୯ତମ) ଏବଂ ଡିନିଲୋ ଟ୍ରିଲିଙ୍ଗ (୫୪ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡ ତରଫରୁ ଗୋଲ୍‌ଗୁଡ଼ିକ କାଡେନ ଡ୍ରେସେ (୧୧ଶ), ମାଇକେଲ ରୟଡେନ୍(୨୯ତମ) ଓ ଜର୍ଜ ଫ୍ଲେଚର (୪୯ତମ) ପ୍ରମୁଖ ସ୍କୋର କରିଥିଲେ।

# ଶ୍ରୀକାନ୍ତ, ତ୍ରିସା-ଗାୟତ୍ରୀ ଫାଇନାଲରେ

ଲକ୍ଷ୍ନୌ, ୨୯।୧୧ (ପି.ଟି.)

**ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ**

ପୂର୍ବତନ ଚାମ୍ପିୟନ ଭାରତର କିଡ଼ାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁ ସିଙ୍ଗଲ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୨୦୧୬ ଟାଇଟଲ ବିଜେତା ତଥା ୩୬ ବର୍ଷୀୟ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ନିଜ ଦେଶର ତଥା ୨୦୨୩ ଜାତୀୟ ଚାମ୍ପିୟନ ମିଥୁନ ମଞ୍ଜୁନାଥଙ୍କୁ ୨୧-୧୫, ୧୯-୨୧, ୨୧-୧୩ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମାଲେସିଆର ଅଙ୍ଗ୍ ଜିନ୍ ୟିଓ କାର୍ମେନ ଟିଙ୍ଗଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି ଗତଥରର ଚାମ୍ପିୟନ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।



ରିଟର୍ନ ଶଟ୍ ଖେଳୁଛନ୍ତି କିଡ଼ାମ୍ବି ଶ୍ରୀକାନ୍ତ।

କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ଗାୟତ୍ରୀ ୫ମାସ ଧରି ଖେଳରୁ ନିଜକୁ ଦୂରେଇ ରଖିଥିଲେ। ଭାରତୀୟ ଯୋଡ଼ିଙ୍କର ଏହା ହେଉଛି ଦ୍ୱିତୀୟ ଇଭେଣ୍ଟ। ବିଶ୍ୱର ୩୩ ନମ୍ବର ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସେମାନେ ୨୧-୧୧, ୨୧-୧୫ରେ ବିଜୟ ଲାଭ କରିଛନ୍ତି। ଟାଇଟଲ ବଜାୟ ରଖିବାକୁ ହେଲେ ତ୍ରିସା ଓ ଗାୟତ୍ରୀଙ୍କୁ ରବିବାର ଫାଇନାଲରେ ଜାପାନର ତଥା ୮ମ ସିଡ୍ କହୋ ଓସାୱା ଓ ମାଇ ତାନାବେଙ୍କୁ ପରାସ୍ତ କରିବାକୁ ହେବ। ଭାରତର ମହିଳା ସିଙ୍ଗଲ୍ସ ଅଭିଯାନ କିନ୍ତୁ ସେମିଫାଇନାଲରେ ଶେଷ ହୋଇଛି। ଉଭୟ ଉନ୍ନତି ହୁଡା ଓ ତନ୍‌ଭି ଶର୍ମା ସେମାନଙ୍କ ମ୍ୟାଚରେ ସିଧାସଳଖ ପରାଜିତ ହୋଇଛନ୍ତି। ଉନ୍ନତି ତୁର୍କୀର ନେସ୍‌ଲିହାନ ଆରିସଙ୍କଠାରୁ ପରାଜିତ ହୋଇଥିବା ବେଳେ ଟୁର୍ନାମେଣ୍ଟରେ ଏହା ପୂର୍ବରୁ ପୂର୍ବତନ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରାଙ୍କୁ ୧୭-୨୧, ୧୬-୨୧ରେ ହରାଇ ଦେଇଥିବା ତନ୍‌ଭି ଜାପାନର ହୀନା ଆକେଚିଙ୍କଠାରୁ ୧୭-୨୧, ୧୬-୨୧ରେ ପରାଜିତ ହୋଇଛନ୍ତି। ପୂର୍ବରୁ ମିକ୍ସଡ ଡବଲ୍ସ ଯୋଡ଼ି ହରିହରନ ଅମ୍‌ସାକାରୁନାନ୍ ଓ ତ୍ରିସା ଇଣ୍ଡୋନେସିଆର ଡିଜାନ ଫର୍ଡିନାନ୍‌ସ୍ୟା ଓ ବର୍ନାଡିନ୍ ଅନିନ୍ଦ୍ୟ ୱାର୍ଦାନାଙ୍କଠାରୁ ୧୭-୨୧, ୧୯-୨୧ରେ ପରାଜିତ ହୋଇଛନ୍ତି।

# ଗତିକୃଷ୍ଣ ସ୍ମାରକୀ ଫୁଟ୍‌ବଲ ଲିଗ୍: ଆରଡର ବିଜୟୀ

ଭୁବନେଶ୍ୱର,୨୯।୧୧(ଅନାଦି କର)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଲିଙ୍ଗରାଜ କ୍ଲବ ଓ ରାମେଶ୍ୱର ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଆରଡର ଦଳ ବିଜୟୀ ହୋଇଛି।

ପ୍ରଥମ ମ୍ୟାଚ୍‌ରେ ଲିଙ୍ଗରାଜ କ୍ଲବ ପକ୍ଷରୁ ଅଭିଷେକ ଦିଗଲ ଗୋଲ କରିଥିବା ବେଳେ ରାମେଶ୍ୱର ପାଇଁ ଅନୁଜ ପାଣ୍ଡେ ଗୋଲ ସ୍କୋର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମେଶ୍ୱର ଏଫ୍‌ସିର ବିଶ୍ୱଜିତ ମଲିକଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିଏଏର ବରିଷ୍ଠ ସଦସ୍ୟ ଗଣେଶ ପାଲ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଆରଡର ୬-୦ ଗୋଲରେ କିଟ୍‌କୁ ପରାସ୍ତ କରିଥିଲା। ବିଜୟୀ ଦଳ ପାଇଁ ସୁନୀଲ ମଲିକ ହ୍ୟାଟ୍ରିକ ଗୋଲ କରିଥିବା ବେଳେ ବାହାଡା ମାରାଣ୍ଡି, କୌଶଲ ମାଝୀ ଓ ପି. ଚମ୍ପେଇ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ସୁନୀଲ ମଲିକଙ୍କୁ ବିଏଏର କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ।

# ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ: ଓଡ଼ିଶାକୁ ୩ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୯।୧୧(ଅନାଦି କର)

କୋଲକାତାସ୍ଥିତ ଖୁଦିରାମ ଅନୁଶୀଳନ କେନ୍ଦ୍ରଠାରେ ଚାଲିଥିବା ଭାରୋତ୍ତଳନ ପ୍ରତିଯୋଗିତାରେ ତୃତୀୟ ଦିନ ତଥା ଶନିବାର ଓଡ଼ିଶାର ଆଥଲେଟ୍‌ମାନେ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ କେଜି ଯୁବ ବର୍ଗରେ ଭୁବନେଶ୍ୱରର ସ୍ପୋର୍ଟ୍ସ ହଷ୍ଟେଲର ପ୍ରତିଭା ରାଣୀ ପାତ୍ର ସ୍ନାଚରେ ୬୯ କେଜି ଓ ଜର୍କରେ ୮୫ କେଜି ସହ ମୋଟ ୧୫୪ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ରୁ ଊର୍ଦ୍ଧ୍ୱ କେଜି ଓଜନ ବର୍ଗରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଏର୍‌ପିସିର ମୌସମୀ ଦାସ ସ୍ନାଚରେ ୭୧ କେଜି ଓ ଜର୍କରେ ୮୯ କେଜି ସହ ମୋଟ ୧୫୯ କେଜି ଭାର ଉଠାଇ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ପ୍ରତିଯୋଗିତାରେ ତୃତୀୟ ଦିନ ଶେଷ ସୁଦ୍ଧା ଓଡ଼ିଶା ୨୦ ପଦକ ଜିତିଛି। ଏହି ତାଲିକାରେ ୬ଟି ସ୍ୱର୍ଣ୍ଣ ଓ ୭ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ରହିଛି।

# ଜୟ ଶାହାଙ୍କୁ ଆଉଟଷ୍ଟାଣ୍ଡିଂ ଆଚିଭ୍‌ମେଣ୍ଟ ଆୱାର୍ଡ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କୁ ଭାରତୀୟ ମହିଳା କ୍ରିକେଟ୍‌ରେ ଉଲ୍ଲେଖନୀୟ ଅବଦାନ ଲାଗି ସିଏନ୍‌ଏନ୍-ନ୍ୟୁଜ ୧୮ ପକ୍ଷରୁ ଇଣ୍ଡିଆନ ଅଫ୍ ଦି ଇୟର ପୁରସ୍କାର ବିତରଣ ଉତ୍ସବରେ ଆଉଟ୍‌ଷ୍ଟାଣ୍ଡିଂ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଶାହା ଭାରତୀୟ ମହିଳା କ୍ରିକେଟ ଓ ନିକଟରେ ଆଇସିସି ଓମେନ୍ସ ୱାର୍ଲ୍ଡ କପ୍ ଜିତିଥିବା ଭାରତୀୟ ଦଳ ଲାଗି ଉତ୍ସର୍ଗ କରିଛନ୍ତି। ଶାହା ବିସିସିଆଇର ସମ୍ପାଦକ ଥିବାବେଳେ ଓମେନ୍ସ ପ୍ରିମିୟର ଲିଗ୍ ଆରମ୍ଭ କରିବା ସହ ମହିଳାଙ୍କ ଲାଗି ପୁରୁଷଙ୍କ ଭଳି ସମାନ ଦରମା ବ୍ୟବସ୍ଥା ଲାଗୁ ଭଳି ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଥିଲେ।






# କାନାଡାକୁ ହରାଇ ଫାଇନାଲରେ ଭାରତ

**ସୁଲତାନ ଆଜଲାନ ଶାହା କପ୍ ହକି**

ଇପୋ, ୨୯।୧୧ (ପି.ଟି.)

ଭାରତ ଏଠାରେ ଏକ ହାଇ ସ୍କୋରିଂ ମ୍ୟାଚରେ କାନାଡାକୁ ୧୪-୩ ଗୋଲ୍‌ରେ ପରାସ୍ତ କରି ପୁଲ୍‌ର ଟପର ଭାବେ ସୁଲତାନ ଆଜଲାନ ଶାହା କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟରେ ଭାରତ କେବଳ ବେଲଜିୟମଠାରୁ ପରାଜିତ ହୋଇଛି। ପୂର୍ବ ଗେମ୍‌ରେ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୩-୨ ଗୋଲ୍‌ରେ ବିଜୟ ହାସଲ କରିଛି। ଭାରତ ରବିବାର ଫାଇନାଲରେ ବେଲଜିୟମକୁ ଭେଟିବ। ମ୍ୟାଚର ୪ର୍ଥ ମିନିଟ୍‌ରେ ନୀଳକଣ୍ଠ ଶର୍ମା ଭାରତ ପକ୍ଷରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ସିନିୟର ଦଳରେ ପ୍ରଥମ ପଦାର୍ପଣ କରିଥିବା ରାଜିନ୍ଦର ସିଂ ୧୦ମ ମିନିଟ୍‌ରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଜବାବରେ କାନାଡାର ଆରମ୍ଭ ମଧ୍ୟ ଉତ୍ସାହଜନକ ଥିଲା। ଦଳ ଏକାଧିକ ପେନାଲ୍ଟି କର୍ନର ସୃଷ୍ଟି କରିଥିଲା। କାନାଡ଼ା ପକ୍ଷରୁ ୧୧ଶ ମିନିଟ୍‌ରେ ବ୍ରେଣ୍ଡାନ ଗୁରାଲିଉକ୍ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ଏହା ପଛକୁ ପଛ ଯୁଗରାଜ ସିଂ ଓ ଅମିତ ରୋହିଦାସ ଯଥାକ୍ରମେ ୧୨ତମ ଓ ୧୫ତମ ମିନିଟରେ ଗୋଲ୍ ସ୍କୋର କରି ଭାରତର ସ୍କୋର ସଂଖ୍ୟା ବୃଦ୍ଧି କରିଥିଲେ। ଭାରତ ୪-୧ରେ ଅଗ୍ରଣୀ ସହ ଦ୍ୱିତୀୟ କ୍ୱାର୍ଟରରେ ପ୍ରବେଶ କରିଥିଲା। ଏହି ଟୁର୍ନାମେଣ୍ଟ ଲାଗି ଭାରତ ଏହାର ସିନିୟର ଷ୍ଟାର ଖେଳାଳିମାନଙ୍କୁ ବିଶ୍ରାମ ଦେଇଛି। ଯୁବ ଖେଳାଳିମାନେ କାନାଡା ଡିଫେନ୍ସ ପକ୍ଷରୁ ସୃଷ୍ଟି କରାଯାଇଥିବା ଚାପକୁ ସମ୍ଭାଳିବାରେ ସମର୍ଥ ହୋଇଥିଲେ। ଏହି କ୍ୱାର୍ଟରରେ ଭାରତ ୩ ଗୋଲ୍ ସ୍କୋର କରିଥିଲା। ରାଜିନ୍ଦର ୨୪ତମ, ଦିଲପ୍ରୀତ୍ ସିଂ ୨୫ତମ ଏବଂ ଯୁଗରାଜ ସିଂ ୨୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଫଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୭-୧ ଗୋଲର ଅଗ୍ରଣୀ ହାସଲ କରିଥିଲା। ଖେଳର ତୃତୀୟ କ୍ୱାର୍ଟରରେ କାନାଡା ଏହାର ରଣନୀତିରେ ସାମାନ୍ୟ ପରିବର୍ତ୍ତନ କରି ୩୫ତମ ମିନିଟରେ ଏକ ପେନାଲ୍ଟି ଷ୍ଟ୍ରୋକ୍‌ର ସୁଯୋଗ ପାଇଥିଲା। ମାଥ୍ୟୁ ସାରମେଣ୍ଟୋ କୌଣସି ତ୍ରୁଟି ନ କରି ଏହାକୁ ଗୋଲ୍‌ରେ ପରିଣତ କରିଥିଲେ। ଫଳରେ ସ୍କୋର ଲାଇନ୍ ୭-୨କୁ ଚାଲିଆସିଥିଲା। ତେବେ ଏହି କ୍ୱାର୍ଟରରେ ଯୁଗରାଜ ୩୯ତମ ମିନିଟ୍‌ରେ ତାଙ୍କର ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିବା ବେଳେ ୪୩ତମ ମିନିଟ୍‌ରେ ସେଲ୍‌ଭାମ କାର୍ଥିଙ୍କ ଗୋଲ୍ ଭାରତର ଅଗ୍ରଣୀ ବ୍ୟବଧାନକୁ ୯-୨ରେ ପହଞ୍ଚାଇ ଥିଲା। ଫାଇନାଲ କ୍ୱାର୍ଟର ନାମକୁ ମାତ୍ର ଖେଳାଯାଇଥିଲା। ମ୍ୟାଚର ଏହି ପର୍ଯ୍ୟାୟରେ ୬ଟି ଗୋଲ୍ ସ୍କୋର ହୋଇଥିଲା। ଦଳକୁ ୪୬ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ନରକୁ ରୋହିଦାସ ଗୋଲ୍‌ରେ ପରିଣତ କରିଥିବା ବେଳେ ଯୁଗରାଜ ୫୦ତମ ମିନିଟ୍‌ରେ ଏକ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ଗୋଲ ସ୍କୋର କରିଥିଲେ। ଉଭୟ ଦଳ ଅନେକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ଜ୍ୟୋଥସ୍ୱରୂପ ସିଧୁଙ୍କ ଗୋଲ୍ ସହାୟତାରେ କାନାଡା ସ୍କୋର ଲାଇନ୍‌କୁ ୩-୧୧କୁ ନେଇ ଆସିଥିଲା। ସଞ୍ଜୟ (୫୬ତମ), ଅଭିଷେକ (୫୭ତମ ଓ ୫୯ତମ) ମିନିଟରେ ମ୍ୟାଚର ଶେଷ ତିନୋଟି ଗୋଲ୍ ସ୍କୋର କରିଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ